



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 246 | ଭାଗ ୩୩ | ସଂଖ୍ୟା ୨୪୬ | Saturday 29 November 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୨୯ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ରେକର୍ଡ କଲା ଅଭିବୃଦ୍ଧି ହାର

- ୮.୨ ପ୍ରତିଶତ ଅଭିବୃଦ୍ଧିକୁ ନେଇ ଉତ୍ସାହ
- ବିକାଶ ଅଭିମୁଖୀ ନୀତିର ପ୍ରଭାବ: ମୋଦି




ନୂଆଦିଲ୍ଲୀ,୨୮।୧୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଅତିରିକ୍ତ ଟାରିଫ ଲଗାଇଥିବାରୁ ଅଭିବୃଦ୍ଧି ହାର ପ୍ରଭାବିତ ହେବ ବୋଲି ଅନେକ ଅର୍ଥନୀତି ବିଶେଷଜ୍ଞ ଆକଳନ କରୁଥିଲେ। କିନ୍ତୁ ଟାରିଫ ଛାଟ ସତ୍ତ୍ୱେ ଦେଶର ଅର୍ଥନୀତିକ ଅଭିବୃଦ୍ଧି ହାର ନୂଆ ରେକର୍ଡ କରିଛି। ଗତ ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସରେ ଭାରତର ଅର୍ଥନୀତିକ ଇଞ୍ଜିନ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ବା ଜିଡିପି ୮.୨ ପ୍ରତିଶତରେ ପହଞ୍ଚିଛି।

ବର୍ଷକ ତଳେ ସମାନ ସମୟରେ ଦେଶର ଜିଡିପି ୫.୬ ପ୍ରତିଶତ ଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ତୁଳନାରେ ମଧ୍ୟ ଏହା ଅଧିକ। ବିଗତ ୬ଟି କ୍ୱାର୍ଟରରେ ବାସ୍ତବ ଜିଡିପି ୮.୨ ପ୍ରତିଶତ ହାରରେ କଦାପି ବୃଦ୍ଧି ପାଇନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦ୍ୟତମ ଜିଡିପି ଆକଳନକୁ ସ୍ୱାଗତ କରି କହିଛନ୍ତି ଯେ ଏହି ସଫଳତା ସରକାରଙ୍କ ବିକାଶ ଅଭିମୁଖୀ ନୀତି ଓ ସଂସ୍କାରର ପ୍ରଭାବ ସହ ଦେଶବାସୀଙ୍କ କଠିନ ପରିଶ୍ରମ ଏବଂ ଔଦ୍ୟୋଗିକତାକୁ ପ୍ରତିଫଳିତ କରୁଛି। ଆମ ସରକାର ସଂସ୍କାରକୁ ଆଗକୁ ବଢ଼ାଇବା ସହ ପ୍ରତ୍ୟେକ ନାଗରିକଙ୍କ ପାଇଁ ଜୀବନ ଧାରଣକୁ ସହଜ କରିବା ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିଭିନ୍ନ କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଥିବାରୁ ଏହି ସଫଳତା ହାସଲ ହୋଇଛି ବୋଲି ➪ପୃଷ୍ଠା-୬

## ୧୭୪୪୦ କୋଟିର ଅତିରିକ୍ତ ବଜେଟ୍ ଆଗତ

# ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ

- ୩ ଲକ୍ଷ ୭ହଜାର କୋଟି ଟପିଲା ମୋଟ ଅଟକଳ
- ସମାନତା, ସୁସ୍ଥ ଓଡ଼ିଶା, ଓଡ଼ିଆ ଅସ୍ମିତାକୁ ପ୍ରାଥମିକତା
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପାଇଁ ସର୍ବାଧିକ ୪୩୨୯ କୋଟି
- ଶିକ୍ଷା ପାଇଁ ୨୩୨୭, ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟିର ବ୍ୟୟବରାଦ
- ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟିର ଅଟକଳ
- ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୧୬୪ କୋଟିର ବଜେଟ୍



ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଗୃହରେ ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୧୭,୪୪୦ କୋଟି ଟଙ୍କାର ଅତରିକ୍ତ ବଜେଟ୍ ଆଗତ କରିଛନ୍ତି। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩,୭୧୬ ଟଙ୍କାର ବ୍ୟୟବରାଦ ଥିବାବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮୯ କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୧୭୧ କୋଟି ଓ ରାଜ୍ୟ ବଜେଟ୍‌ରେ ସ୍ଥାନାନ୍ତର ବାବଦରେ ୧୬୪ କୋଟି ଟଙ୍କା ରହିଛି। ୨୦୨୫-୨୬ ବର୍ଷରେ ମୂଳ ବଜେଟ୍ ୨ ଲକ୍ଷ ୯୦ ହଜାର କୋଟି ଟଙ୍କା ରହିଥିଲା। ଅତିରିକ୍ତ ବଜେଟ୍ ଆଗତ ପରେ ରାଜ୍ୟର ମୋଟ ବଜେଟ ପରିମାଣ ୩ଲକ୍ଷ ୭ ହଜାର କୋଟି ଅତିକ୍ରମ କରିଛି।

୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ଲକ୍ଷ୍ୟ ନେଇ ପ୍ରସ୍ତୁତ ହୋଇଥିବା ଏହି ବିଜେଟରେ ଆଞ୍ଚଳିକ ସମାନତା, ସୁସ୍ଥ ଓଡିଶା, ଅନ୍ନଦାତାଙ୍କ ସୁରକ୍ଷା, ଓଡିଆ ଅସ୍ମିତାର ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପାଇଁ ରାଜ୍ୟ ସରକାର ୨୦୨୪-୨୫ ବଜେଟ୍‌ଠାରୁ ୨୦୨୫-୨୬ରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଅଧିକ ୯.୭ ପ୍ରତିଶତ ବ୍ୟୟବରାଦ କରିଛନ୍ତି। ଚଳିତ ବଜେଟରେ ୩୧,୮୦୦ କୋଟିର ରାଜସ୍ୱ ବଳକା ହେବ ବୋଲି ଆକଳନ କରାଯାଇଛି, ଯାହା ମୋଟ ଘରୋଇ ଉତ୍ପାଦର ୩ ପ୍ରତିଶତ। ସେହିଭଳି ଋଣଭାର ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ୧ ଲକ୍ଷ ୩୪ ହଜାର ୯୧୪ କୋଟିରେ ପହଞ୍ଚିଛି।

ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଏହି ବଜେଟ୍ ଅଣାଯାଇଛି। ଏଥିରେ ପ୍ରଚଳିତ ରହିଥିବା କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ➪ପୃଷ୍ଠା-୬

## 'ଦ ଏଜୁକେସନ ଡାଏଲଗ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ଓଡ଼ିଆ ପିଲା ବିଶ୍ୱବ୍ୟାପୀ ଜ୍ଞାନ ଅନ୍ୱେଷଣ କରନ୍ତୁ

- ନିଯୁକ୍ତି ନ ଖୋଜି ନିଯୁକ୍ତିଦାତା ହେବା ଉପରେ ଗୁରୁତ୍ୱ
- ଲ୍ୟାବ୍‌ରେ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ପେନ୍, ଏସଡିଆଇ ସ୍ମୃତିଚିହ୍ନ ଗ୍ରହଣ କଲେ




ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ): ଓଡ଼ିଆ ପିଲାମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ହେବ। ପରିବର୍ତ୍ତିତ ଟେକ୍ନୋଲୋଜି ଦୃଶ୍ୟପଟରେ ସେମାନଙ୍କ ମାଧ୍ୟମରେ ବିଶ୍ୱବ୍ୟାପୀ ଜ୍ଞାନର ଅନ୍ୱେଷଣ କରିବା ଆମର ପ୍ରୟାସ ରହିଛି। ଏହି ଲକ୍ଷ୍ୟରେ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ ତଥା ସିଙ୍ଗାପୁରର ଜିଏଫଟିଏନ୍, ଏଆଇଡିଏଫ ଓ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏସଡିଆଇଠାରେ ଫିନଟେକ୍ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏପରି ଏକ ପଦକ୍ଷେପକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିବା ସହ ଓଡ଼ିଆ ପିଲାମାନଙ୍କୁ ବିଶ୍ୱବ୍ୟାପୀ ଜ୍ଞାନ ଅନ୍ୱେଷଣ ପାଇଁ ଆହ୍ୱାନ ଦେଇଛନ୍ତି।

ସ୍କିଲ ଡେଭଲପମେଣ୍ଟ୍ ସେଣ୍ଟର ଓ ଜିଏଫଟିଏନର ମିଳିତ ସହଯୋଗରେ ଅନୁଷ୍ଠିତ 'ଶିକ୍ଷା ସମ୍ବାଦ- ପ୍ରଯୁକ୍ତି ବିଦ୍ୟା ସହ ଭବିଷ୍ୟତ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଭର୍ଚୁଆଲ ରିଆଲିଟି (ଭିଆର୍) ଆମର ଶିକ୍ଷା, କାର୍ଯ୍ୟ ଓ ଯୋଗାଯୋଗକୁ ସାମ୍ପ୍ରତିକ ସମୟରେ ରୂପାନ୍ତରିତ କରୁଛି। ଏହା ଏବେ କେବଳ ଏକ ବିଷୟ ନୁହେଁ, ବରଂ ଜୀବନଶୈଳୀର ଏକ ଅଂଶ ପାଲଟିଯାଇଛି। ଅଡିଓ କମ୍ୟୁନିକେସନରୁ ଆରମ୍ଭ କରି ଜଟିଳ ସମାଧାନ ପର୍ଯ୍ୟନ୍ତ ସବୁଠି ଏହାର ପ୍ରୟୋଗ ହେଉଛି। ଆମେ ବର୍ତ୍ତମାନ ଶିଳ୍ପ ବିପ୍ଳବ ୫.୦ ଆଡକୁ ଅଗ୍ରସର ହେଉଛୁ। ଭବିଷ୍ୟତର ଟେକ୍ନୋଲୋଜି ବିଶେଷ ଭାବେ ➪ପୃଷ୍ଠା-୬

## ଏବେ ଖୋଲିବନି ଗୁଣ୍ଡିଚା ମନ୍ଦିର

- ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ
- ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ନିଷ୍ପତ୍ତି



ପୁରୀ,୨୮।୧୧(ସଂଚାର ବ୍ୟୁରୋ): ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର ସର୍ବସାଧାରଣଙ୍କ ନିମନ୍ତେ ଖୋଲିବା ନେଇ ନିକଟରେ ସୂଚନା ଦିଆଯାଇଥିଲା। କିନ୍ତୁ ଏବେ ଏହି ନିଷ୍ପତ୍ତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଓ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ, କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଓ ପରେ ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଓ ଅଧିକାରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଲାଗି ଖୋଲାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏପରିକି ଭକ୍ତଙ୍କ ପାଇଁ ଏଣିକି ମନ୍ଦିରରେ ଦର୍ଶନ ପାଇଁ ଟିକେଟ ବାବଦରେ ୧୦ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ ବୋଲି ମଧ୍ୟ କୁହାଯାଇଥିଲା। କିନ୍ତୁ ଇତିମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ➪ପୃଷ୍ଠା-୬

## ହିଟ୍ ଆଣ୍ଡ୍ ରନ୍‌ରେ ୩ ଯୁବକଙ୍କ ମୃତ୍ୟୁ

- ସ୍କୁଟିରେ ଯାଉଥିବା ସମୟରେ ଅଘଟଣ

ଢେଙ୍କାନାଳ,୨୮।୧୧(ସଂଚାର ବ୍ୟୁରୋ): ଢେଙ୍କାନାଳରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଆଉ ଏଥିରେ ଜୀବନ ହରାଇଛନ୍ତି ୩ ଯୁବକ। ସେମାନଙ୍କ ବୟସ ୨୫ରୁ ୩୦ ଭିତରେ ହେବ। ତେବେ ଏହା ଏକ ହିଟ୍ ଆଣ୍ଡ୍ ରନ୍ ମାମଲା ବୋଲି ସନ୍ଦେହ କରାଯାଉଛି। ଗତକାଲି ବିଳମ୍ବିତ ରାତିରେ ୫୫ ନମ୍ବର ଜାତୀୟ ରାଜପଥରେ ଏପରି ଏକ ଅଘଟଣ ଘଟିଛି। ୩ ଜଣ ଯୁବକ ସ୍କୁଟି ଯୋଗେ ଯାଉଥିବା ସମୟରେ ଗୋବିନ୍ଦପୁରଠାରେ ସେମାନଙ୍କୁ ଏକ ଅଜଣା ଟ୍ରକ୍ ଧକ୍କା ଦେଇଥିଲା। ଫଳତଃ ଘଟଣାସ୍ଥଳରେ ହିଁ ୩ ଜଣଯାକ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଚାଳକ ସେଠାରୁ ଫେରାର୍ ହୋଇଯାଇଥିଲା। ଅବଶ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସ୍କୁଟିକୁ ଧକ୍କା ଦେଇଥିବା ଗାଡ଼ି କୌଣସି କାର୍ କି ଟ୍ରକ୍, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ଗୋବିନ୍ଦପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ଟିଯାକ ମୃତଦେହ ଢେଙ୍କାନାଳ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍‌ରେ ପହଞ୍ଚାଇଥିଲା। ➪ପୃଷ୍ଠା-୬

- ଏନ୍‌ଆଇଟି ଗବେଷକଙ୍କ ନୂଆ ଉଦ୍ଭାବନ

## କେମୋ ଥେରାପିର ବିକଳ୍ପ ହେବ ପିପ୍ପଳି



ରାଉରକେଲା,୨୮।୧୧ (ସଂଚାର ବ୍ୟୁରୋ): ପିପ୍ପଳି ଉପଯୋଗରେ ଭଲ ହୋଇପାରିବବ କ୍ୟାନ୍ସର ପରି ମାରାତ୍ମକ ରୋଗ। ଏଣିକି କୌଣସି କ୍ୟାନ୍ସର୍ ରୋଗୀଙ୍କୁ ଆଉ କେମୋ ଥେରାପି ନେବାକୁ ପଡ଼ିବ ନାହିଁ। ଯଥେଷ୍ଟ କମ୍ ଟଙ୍କାରେ ଏହି ରୋଗକୁ ମାତ୍ ଦେଇହେବ। କାରଣ ଏନ୍‌ଆଇଟି ରାଉରକେଲାର ଗବେଷକମାନେ ନୂଆ ଉଦ୍ଭାବନ କରିଛନ୍ତି। ଏହି ଉଦ୍ଭାବନ କାର୍ଯ୍ୟକାରୀ ହେଲେ, କ୍ୟାନ୍ସର ସେଲ୍‌କୁ ନଷ୍ଟ କରିବା ସକାଶେ ନିଆଯାଉଥିବା କେମୋ ଥେରାପିର ବିକଳ୍ପ ହୋଇପାରିବ ପିପ୍ପଳି। କାରଣ ଓଡ଼ିଆ ଗବେଷକମାନେ ପିପ୍ପଳିରେ ଠାବ କରିଛନ୍ତି କ୍ୟାନ୍ସର ସେଲ୍‌କୁ ନଷ୍ଟ କରିପାରୁଥିବା ପ୍ରାକୃତିକ କମ୍ପାଉଣ୍ଡ 'ପାଇପର୍ ଲଙ୍ଗ୍ୟୁମାଇନ୍'। ଏଥିରେ ରହିଛି ଆଣ୍ଟି କ୍ୟାନ୍ସର କମ୍ପାଉଣ୍ଡ। ଏନଆଇଟି ରାଉରକେଲାର ଲାଇଫ ସାଇନ୍ସ ବିଭାଗର ରିସର୍ଚ୍ଚ ବିଶେଷଜ୍ଞଙ୍କୁ କ୍ୟାନ୍ସରର ଚିକିତ୍ସା କ୍ଷେତ୍ରରେ ମିଳିଛି ଏହି ନୂଆ ସଫଳତା। ଏକ ତିନିଜଣିଆ ରିସର୍ଚ୍ଚ ଟିମ କ୍ୟାନ୍ସର ପାଇଁ ରିସର୍ଚ୍ଚ ଜାରି ରଖିଥିବା ➪ପୃଷ୍ଠା-୬

## ଭକ୍ତଙ୍କ ବିରୋଧରେ କୁହୁଳିଛି ଅସନ୍ତୋଷ

- ସଭାପତିଙ୍କ ଏକଚାଟିଆ କାରବାରକୁ ବିରୋଧ
- ନରସିଂହ ଆଣିଲେ ଅଣଦେଖା ଅଭିଯୋଗ



ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ): ଦାୟିତ୍ୱ ନେବା ସମୟରେ ପିସିସି ସଭାପତି ଭକ୍ତ ଦାସ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବେ ବୋଲି ଘୋଷଣା କରିଥିଲେ। ସେହି ଅନୁଯାୟୀ ପ୍ରଥମ ଗୋଟିଏ ଦୁଇଟି ବୈଠକରେ ଦଳର ସବୁ ବରିଷ୍ଠ ନେତାଙ୍କୁ ଡାକି ଆଲୋଚନା କଲେ। ହେଲେ ଧିରେ ଧିରେ ପିସିସିରେ ପାଦ ମଜବୁତ ହେବା ସହ ଭକ୍ତ ଦାସ ବରିଷ୍ଠ ନେତାଙ୍କୁ କଣଠେସା କରିବା ଆରମ୍ଭ କରିଦେଇଛନ୍ତି। ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ଶରତ ରାଉତ, ପଞ୍ଚାନନ କାନୁନଗୋଙ୍କ ଭଳି ବରିଷ୍ଠ ନେତା ଗତ ବର୍ଷେ ହେଲା ଭକ୍ତଙ୍କ ଟିମରେ ନଥିବା ଦେଖିବାକୁ ମିଳୁଥିଲା। ଆଉ ଆଜି ମୁହଁ ଖୋଲିଛନ୍ତି ପୂର୍ବତନ ବିରୋଧୀ ଦଳ ନେତା ନରସିଂହ ମିଶ୍ର।

ପିସିସି ସଭାପତିଙ୍କ ବିରୋଧରେ ବିଷ ଓଗାଳିଛନ୍ତି ନରସିଂହ। କଂଗ୍ରେସ ଦଳ ତାଙ୍କୁ ଅଣଦେଖା କରୁଥିବା ସେ ଅଭିଯୋଗ କରିଛନ୍ତି। ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଅଣଦେଖା କରାଯିବା ସହ ଦଳର କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଉନାହିଁ। ଏପରିକି ତାଙ୍କୁ ଫୋନଟିଏ ମଧ୍ୟ କରାଯାଉନଥିବା ସେ ➪ପୃଷ୍ଠା-୬

# ଚେତୁ ସମେତ ୧୦ ନକ୍ସଲଙ୍କ ଆତ୍ମସମର୍ପଣ

## ମୁଣ୍ଡରେ ଥିଲା ୪୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର



ମାଲକାନଗିରି,୨୮।୧୧(ସଂଚାର ବ୍ୟୁରୋ): ଦେଶରେ ନକ୍ସଲ ସଂଗଠନ କେନ୍ଦ୍ର ସରକାରଙ୍କ ଠୋସ୍ ପଦକ୍ଷେପ ଓ ସୁରକ୍ଷାକର୍ମୀଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ପରିପ୍ରେକ୍ଷୀରେ ଶେଷ ନିଶ୍ୱାସ ନେଉଛି। ଫଳତଃ କେତେବେଳେ ସୁରକ୍ଷାକର୍ମୀଙ୍କ ଗୁଳିରେ ନକ୍ସଲ ନିହତ ହେଉଛନ୍ତି ତ ଆଉ କେତେବେଳେ ସଙ୍ଗଠନର ଦୁର୍ବଳ ସ୍ଥିତି ପରିପ୍ରେକ୍ଷୀରେ ନକ୍ସଲମାନେ ଜୀବନ ବଞ୍ଚାଇବା ସକାଶେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେଉଛନ୍ତି। ଏହି କ୍ରମରେ ଆଜି ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ୍ କମିଟିର ମୁଖ୍ୟ ଚେତୁ ଓରଫ୍ ଶ୍ୟାମ ଦାଦା ନିଜର ୯ ଜଣ ସାଥୀଙ୍କ ସହ ଛତିଶଗଡ଼ର ବସ୍ତର ଆଇଜି ପି. ସୁନ୍ଦରରାଜଙ୍କ ନିକଟରେ ଆତ୍ମସମର୍ପଣ କରିଛି। ଆଜି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମୁଣ୍ଡରେ ମୋଟ ୪୫ ଲକ୍ଷର ପୁରସ୍କାର ରାଶି ରହିଥିଲା। କେବଳ ଚେତୁକୁ ଧରାଇଦେବା ସକାଶେ ୨୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିବା ବେଳେ ଅନ୍ୟମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା।

ଅନ୍ୟପକ୍ଷରେ ଚେତୁ ଅନେକଗୁଡ଼ିଏ ହିଂସାକାଣ୍ଡରେ ପ୍ରମୁଖ ଭୂମିକା ➪ପୃଷ୍ଠା-୬

## ବଢ଼ିଲା ପ୍ରୋତ୍ସାହନ ରାଶି

- ସିସିଏମ୍‌ଙ୍କୁ ଏଣିକି ମିଳିବ ୧.୧୦ କୋଟି

ଭୁବନେଶ୍ୱର: ରାଜ୍ୟରେ ମାଓବାଦୀମାନଙ୍କୁ ହିଂସାପଥରୁ ଅହିଂସାମୂଳକ ଜୀବନ ବଞ୍ଚିବା ସକାଶେ ପ୍ରୋତ୍ସାହିତ କରିବା ସକାଶେ ଆଜି ରାଜ୍ୟ ସରକାର ପ୍ରୋତ୍ସାହନ ରାଶିରେ ଉଲ୍ଲେଖନୀୟ ବୃଦ୍ଧି ଘୋଷଣା କରିଛନ୍ତି। ଏରିକି ଲାଇଟ୍ ମେସିନ୍ ଗନ୍ ସହ ଆତ୍ମସମର୍ପଣ କଲେ ୪ ଲକ୍ଷ ୯୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ସେହିପରି ଏକେ୪୭ଧାରୀ ମାଓବାଦୀଙ୍କୁ ୩ ଲକ୍ଷ ୩୦ ହଜାର, ଏସ୍‌ଏଲ୍‌ଆର୍‌ଧାରୀଙ୍କୁ ୧ ଲକ୍ଷ ୬୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ଆହୁରି ଯେଉଁ ମାଓବାଦୀଙ୍କ ମୁଣ୍ଡରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ଥିବ, ତାଙ୍କୁ ଆତ୍ମସମର୍ପଣ କ୍ଷେତ୍ରରେ ୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ସେହିପରି ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବର (ସିସିଏମ୍)ଙ୍କୁ ➪ପୃଷ୍ଠା-୬



### କାନ ଡେରିଥା

ହୁଇସିଲ ମାରିଲେ ବିଜେଡି ଦଳଟା
ନିମିଷକେ ଭାଙ୍ଗିଯିବ
ବିଜେପି ନେତାଙ୍କ ଏହି ବୟାନରେ
ବିଜେଡି ଶିବିର ସ୍ତବ୍ଧ
ଟାଣ ପଣ ହଜିଯିବ...
ସାରା ଓଡ଼ିଶାରେ କମଳ ଫୁଟେଇ
ସରକାର ଆସୁଥିବ
ଏହା ବୋଧେ ଲକ୍ଷ ଥିବ ।

■ ଦେବାଶିଷ

# ଲୋକଙ୍କ ପାଖକୁ ଯିବାକୁ ବିଜେଡିର ଫତୱା

## କର୍ମୀ ଦୂରେଇବା ଦେଖି ବିବ୍ରତ

## ପଇସା ପାଇଁ ନେତା କୁନ୍ଥକୁନ୍ଥ



ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ଦଳ ତିନି ନମ୍ବର ସ୍ଥାନରେ ରହିବା ପରେ ଲୋକେ ଦଳଠାରୁ ଦୂରେଇବା ଲକ୍ଷ୍ୟ କରି ଏବେ ଲୋକଙ୍କ ନିକଟକୁ ଯିବାକୁ ନେତାମାନଙ୍କ ପାଇଁ ଫତୱା ଜାରି କରିଛି ବିଜେଡି। ଗାଁଗହଳରେ କୌଣସି କାର୍ଯ୍ୟକ୍ରମର ଖବର ପାଇଲା ମାତ୍ରେ ସେଠାରେ ପହଞ୍ଚିବା ସହ ଆର୍ଥିକ ସହାୟତା ଯୋଗାଇଦେବାକୁ ତାଗିଦ୍ କରାଯାଇଛି। ତେବେ ଦଳର ଏଭଳି ନିର୍ଦ୍ଦେଶ ମାନିବାକୁ କିନ୍ତୁ ନେତାମାନେ କୁନ୍ଥ କୁନ୍ଥ ହେଉଛନ୍ତି। କିଏ ଲୋକଙ୍କ ମୁଡ୍ ଦେଖି ଡରୁଛି ତ ଆଉ କିଏ ଖର୍ଚ୍ଚ କାରଣରୁ ପଛଘୁଞ୍ଚା ଦେଉଛି।

ନିକଟରେ ବିଜେଡିର ରାଜନୈତିକ ପରାମର୍ଶଦାତା ବୈଠକ ବସିଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳଠାରୁ ଲୋକେ ଦୂରେଇଯାଉଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହାର ମୁକାବିଲା ପାଇଁ ଲୋକଙ୍କ ନିକଟକୁ ନେତାମାନେ ତୁରନ୍ତ ଯିବାକୁ କୁହାଯାଇଥିଲା। ଗାଁଗହଳରେ କୌଣସି ସାମାଜିକ କାର୍ଯ୍ୟକ୍ରମ ହେଉଥିଲେ ନିମନ୍ତ୍ରଣ ଥାଉ ବା ନ ଥାଉ ସେଠାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦଳବଳ ଧରି ସେଠାରେ ପହଞ୍ଚିବା ସହ ଅତି କମ୍‌ରେ ୨ ହଜାର ଟଙ୍କା ନଗଦ ଉପହାର ଆକାରରେ ଦେବାକୁ ବି ଦଳ ପରାମର୍ଶ ଦେଇଛି।

ତେବେ ଦଳର ଏହି ଫତୱାକୁ ମାନିବାକୁ ଅନେକ ନେତା କୁନ୍ଥ କୁନ୍ଥ ହେଉଛନ୍ତି। ବିଶେଷକରି ନୂଆପଡ଼ା ଉପନିର୍ବାଚନରେ ନବୀନଙ୍କ ଦୁଇ ଦୁଇ ଥର ମାରାଥନ ପ୍ରଚାର ଓ ଦଳର ଆଗଧାଡ଼ିର ମାମଲତକାରମାନେ ସେଠାରେ ଡେରା ପକାଇବା ପରେ ବି ଦଳ ତୃତୀୟ ସ୍ଥାନରେ ରହିବା ସେମାନଙ୍କୁ ଅଡୁଆରେ ପକାଇଛି। ଯେଉଁଠିକୁ ଗଲେ କର୍ମୀମାନେ ନେତାଙ୍କୁ ଏହି ପ୍ରଶ୍ନ ହିଁ ପଚାରୁଛନ୍ତି। ଧିରେ ଧିରେ ଗାଁଗହଳର ଲୋକେ ବିଜେଡିଠାରୁ ଦୂରେଇ ଯାଉଥିବା ବି ନେତାମାନେ ହୃଦ୍‌ବୋଧ କଲେଣି। ଏହାର ଗୋଟିଏ ଲକ୍ଷଣ ହେଉଛି ପ୍ରତିଦିନ ତଳ ସ୍ତରର ଲୋକପ୍ରତିନିଧିମାନେ ଦଳବଳ ସହ ଶାସକ ଦଳ ବିଜେପିରେ ସାମିଲ୍ ହେବା।

ଏହାଛଡ଼ା ନେତାଙ୍କୁ ଅର୍ଥଚିନ୍ତା ବି ଘାରିଛି। ଦଳ କ୍ଷମତାରେ ନ ଥିବା ବେଳେ ଅନେକ ଆଗଧାଡ଼ିର ନେତା ନିର୍ବାଚନରେ ହାରିଯାଇଛନ୍ତି। ସେମାନଙ୍କ ପାଇଁ ପେନ୍‌ସନ ହିଁ ଏକମାତ୍ର ଭରସା। ଏଭଳି ସ୍ଥିତିରେ ଗାଁଗହଳରେ ଲୋକଙ୍କ ନିକଟକୁ ଯାଇ ନଗଦ ଅର୍ଥ ଉପହାର ଦେବା ସେମାନଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। କିଛି ନେତା ମୁହଁ ଖୋଲି କହିପାରୁନଥିଲେ ମଧ୍ୟ ଦଳ ଏଥିପାଇଁ କିଛି ଅର୍ଥ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଅନୁଭବ କରୁଛନ୍ତି। ନିଜର ଅତି ବିଶ୍ୱସ୍ତ ଲୋକଙ୍କ ଆଗରେ ବି ଏକଥା କହିବାକୁ ଏହି ନେତାମାନେ ପଛାଉ ନାହାନ୍ତି। ତେବେ ୨୫ ବର୍ଷ ଶାସନ ➪ପୃଷ୍ଠା-୬

## ମଦ ଜବତ, ୭କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ): ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଆଳି, ପଟ୍ଟାମୁଣ୍ଡାଇ ଆଦର୍ଶ ଓ କୁଜାନଗରୀ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲିକଣା ଗୋପାଳପୁର ଗ୍ରାମର ରତ୍ନାକର ଜେନା(୩୪)ଙ୍କ ଠାରୁ ୧୬ ଲିଟର ଦେଶୀ ମଦ, ଧାରିରେ ମଲିକ(୩୮)ଙ୍କ ଠାରୁ ୨୭ ଲିଟର ବିଦେଶୀ ମଦ, ବାଳକଟି ଗ୍ରାମର ବିମ୍ବାଧର ମଲିକ(୪୧)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଅଇନିପଡା ଗ୍ରାମର କାହ୍ନୁ ଚରଣ ନାଥ(୩୧)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ବଡ଼ନୟନପୁର ଗ୍ରାମର ହାଡ଼ିବନ୍ଧୁ ବେହେରା(୪୧)ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ, ମନୋରଞ୍ଜନ ବେହେରା(୩୫)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଓ ସରୋଜ ବେହେରା(୪୬)ଙ୍କ ଠାରୁ ୩୭ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୮୪ ଲିଟର ବିଦେଶୀ ଓ ଦେଶୀମଦ ଜବତ କରାଯାଇ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ବିଭାଗ ଉପନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଗଞ୍ଜେଇ ମାଫିଆକୁ କାବୁ କଲା ଅବକାରୀ ବିଭାଗ



ପାରାଦୀପ,୨୮।୧୧ (ସଂଚାର ବ୍ୟୁରୋ): ପାରାଦୀପ କଟକ ରାସ୍ତାର କୁଜଙ୍ଗ ଥାନା ଅନ୍ତର୍ଗତ ୧୫ ନମ୍ବର ଛକରୁ ୧୭ କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ କରିଛି ପାରାଦୀପ ଅବକାରୀ ରେଞ୍ଜ। ଯାହାର ଆନୁମାନିକ ମୂଲ୍ୟ ୧,୭୧,୦୦୦/- ଟଙ୍କା ହେବ। ଏକ ଯାତ୍ରୀବାହୀ ବସ୍‌ରେ ପାରାଦୀପକୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବାର ଏକ ଗୁଇନ୍ଦା ଖବର ପାଇ ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ତତ୍ପରତା ପୂର୍ବକ ପାରାଦୀପ ଅବକାରୀ ରେଞ୍ଜକୁ ସେହି ଚୋରାଚାଲାଣକାରୀକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଙ୍ଗେସଙ୍ଗେ ପାରାଦୀପ ଅବକାରୀ ରେଞ୍ଜ ଇନ୍ସପେକ୍ଟରଙ୍କ ନେତୃତ୍ୱରେ ବଛାବଛା ଅଧିକାରୀମାନଙ୍କୁ ନେଇ ଏକ ଟିମ ଗଠନ କରି ୧୫ ନମ୍ବର ଠାରେ ଜଗି ରହିଥିଲେ। ବସଟି ୧୫ ନମ୍ବର ଠାରେ ପହଞ୍ଚିବାକ୍ଷଣି ସନ୍ଦିଗ୍ଧ ଯୁବକ ଜଣଙ୍କ ବସ ମଧ୍ୟରୁ ଏକ ବସ୍ତା ଧରି ବାହାରିଥିଲେ। ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଅଭିଯୁକ୍ତ ଜଣକ ହେଲେ ତିର୍ତ୍ତୋଲ ଥାନା ପୋତାନଈ ଗ୍ରାମର ସାରଦା ପ୍ରସନ୍ନ ଦାସ (୩୧)। ତାଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ବିଭାଗୀୟ ନିର୍ଦ୍ଦେଶକୁ ମାସେ ବିତିଲା, ତଦନ୍ତ କଲାନି ପ୍ରଶାସନ

# ରିପୋର୍ଟ ମାଗିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ

ମହାକାଳପଡ଼ା,୨୮।୧୧ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅଧୀନ ତେର ଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ପଞ୍ଚାୟତର କେତେକ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରିଥିବା ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ପଞ୍ଚାୟତିରାଜ ବିଭାଗକୁ ପ୍ରଥମେ ୧୨ ସେପ୍ଟେମ୍ବରରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୧୪ ଅକ୍ଟୋବର ଦିନ ବିଭାଗୀୟ ସଚିବ ଶ୍ରୀମତୀ ନମିତା ସାହୁ ଚିଠି ନମ୍ବର ପିଆରପିଡିଓ-ପିଜି-୦୧୫୯-୨୦୨୫୨୫୨୭୯୮୦/ ପିଆରଡବ୍ଲୁ ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ତଦନ୍ତ ସହିତ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ହୋଇଥିଲା। ହେଲେ ନିର୍ଦ୍ଦେଶ ହେବାର ଏକମାସ ପରେ ମଧ୍ୟ ପିଇଓଙ୍କ ବିରୋଧରେ ନା ତଦନ୍ତ ହେଲା ନା କୌଣସି ପଦକ୍ଷେପ। ଯାହା ଫଳରେ ପୁନର୍ବାର ସୁବ୍ରତ ୧୮ ନଭେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମେଲ୍ ଯୋଗେ ଅଭିଯୋଗ କରିଥିଲେ।

> **ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ଉପସଚିବଙ୍କ ନିର୍ଦ୍ଦେଶ**

ସୁବ୍ରତ ଉଲ୍ଲେଖ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦୁର୍ନୀତିଖୋର କର୍ମଚାରୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ମହାକାଳପଡ଼ା ବ୍ଲକ୍‌ରେ ତାହା କେବଳ କାଗଜ କଲମରେ ସୀମିତ। ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଜଣେ ଦୁର୍ନୀତିଖୋର ପିଇଓଙ୍କ ବିରୋଧରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ବିଭାଗ ତରଫରୁ ନିର୍ଦ୍ଦେଶ ପରେ ବି ତଦନ୍ତ ହେଲାନି କି କାର୍ଯ୍ୟାନୁଷ୍ଠାନ ବି ହେଲାନି। ତେଣୁ ସମ୍ପୃକ୍ତ ପିଇଓଙ୍କୁ ନିଲମ୍ବନ କରିବା ସହିତ ହେରଫେର ହୋଇଥିବା ଟଙ୍କାକୁ ପୁନଃ ଭରଣ ଓ ପଞ୍ଚାୟତରେ ଏକ ସ୍ୱତନ୍ତ୍ର ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

ସୁବ୍ରତଙ୍କ ଏହି ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତତ୍ପରତା ପ୍ରକାଶ ପାଇଛି। ଏହି ମାମଲାରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଏବଂ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ସିଧାସଳଖ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡିଶା ଏବଂ ସମ୍ପୃକ୍ତ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ପଞ୍ଚାୟତିରାଜ ବିଭାଗର ଉପସଚିବ ଶ୍ରୀ ପତିତପାବନ ନାଥ ଶର୍ମା ଅଧୀନ ସଚିବ,ପିଡିଓ-୧ ଙ୍କୁ ଚିଠି ନମ୍ବର ପିଆର-ଜିସି-ପିଜି-୦୨୬୨-୨୦୨୫୩୩୧୮୦/ ପିଆରଡବ୍ଲୁ ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ପରେ ଆଗକୁ କଣ ପଦକ୍ଷେପ ଗ୍ରହଣ ହେଉଛି ତାହା ଦେଖିବାକୁ ବାକି।

## କେରିଲୋ ଶ୍ରୀସାଇନାଥ ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ନିଶ୍ଚିନ୍ତକୋଇଲି,୨୮।୧୧ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତସ୍ଥ ଶ୍ରୀ ସଚ୍ଚିଦାନନ୍ଦ ସଦଗୁରୁ ସାଇବାବାଙ୍କ ମନ୍ଦିରର ଏକାଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଶୁକ୍ରବାର ଦିନ ଯଜ୍ଞ ପାଇଁ ଅଗ୍ନିସଂଗ୍ରହ ପରେ ମଙ୍ଗଳା ଗଡ଼ା ଲୁଣା ନଦୀରୁ ୩୦୧ ଶ୍ରଦ୍ଧାଳୁ ସାଇ ଭକ୍ତ ଓ ମା' ମାନେ କଳସରେ ଜଳ ଆଣି ଏକ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଂଚି ଥିଲେ। ପଣ୍ଡିତ ଦେବଶର୍ମା କରୁଣାକର ମିଶ୍ର ଓ ସାଥୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଚାଲିଥିବା ବେଳେ ଯଜ୍ଞରେ କର୍ତ୍ତାଭର୍ତ୍ତା ଭାବେ ଗୌରାଙ୍ଗ ଚରଣ ଜେନା ଓ ତାଙ୍କର ଧର୍ମପତ୍ନୀ ତିତିଲି ଜେନା କାର୍ଯ୍ୟ କରୁଛନ୍ତି। ଉକ୍ତ ଉତ୍ସବରେ ସନ୍ଧ୍ୟାରେ ପ୍ରବଚନ ସଭା, ସଂଗୀତ ସମାରୋହ ହେବାର କାର୍ଯ୍ୟକ୍ରମ ଥିବା ବେଳେ ୩୦ ତାରିଖ ରବିବାର ଦିନ ଯଜ୍ଞର ପୂର୍ଣ୍ଣାହୁତୀ ହେବ ବୋଲି ସାଇ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ସାର ଦୁର୍ନୀତି ତଦନ୍ତରେ ପାତର ଅନ୍ତର ନୀତି ନେଇ ଅସନ୍ତୋଷ

ସାଲେପୁର,୨୮।୧୧ (ସଂଚାର ବ୍ୟୁରୋ): ଚାଟେଶ୍ୱର ସମବାୟ ସମିତିରେ ସାର ଦୁର୍ନୀତିର ତଦନ୍ତରେ ପାତର ଅନ୍ତର କରାଯାଇଥିବା ଅସନ୍ତୋଷ କରି ଏହି ଘଟଣାର ପୁନଃ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ କେତେକ ଗ୍ରାମବାସୀ ଓ ଚାଷୀମାନେ ଅଭିଯୋଗ କରିଥିବା ଜଣାଯାଇଛି।

> **ପୁନଃ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**



ପ୍ରକାଶ ଥାଉକି ଗତ ଅକ୍ଟୋବର ମାସରେ ସଉରୀ ପଞ୍ଚାୟତର ଚାଟେଶ୍ୱର ସେବା ସମବାୟ ସମିତିରେ ରାତିଅଧିଆ ସାର ଚୋରା ଚାଲାଣ କରାଯିବା ଓ ବସ୍ତାପ୍ରତି ମାତ୍ରାଧିକ ଟଙ୍କା ଆଦାୟ କରିଥିବା ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ଆଜି କଟକ ସମବାୟ ବିଭାଗର ସବ୍‌ଆସିଷ୍ଟାଣ୍ଟ୍ ରେଜିଷ୍ଟ୍ରାର, କୋଅପରେଟିଭ୍ ସୋସାଇଟି ଗାୟତ୍ରୀ ବେହେରା ଏବଂ ସନ୍ଦିପ ବେହେରାଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଟିମ୍ ଏହି ଘଟଣାରେ ତଦନ୍ତ କରିବାକୁ ଚାଟେଶ୍ୱର ସେବା ସମବାୟ ସମିତିକୁ ଆସିଥିବାବେଳେ ପ୍ରକୃତରେ ଅଭିଯୋଗ କରିଥିବା ଚାଷୀମାନଙ୍କୁ ଡକାନଯାଇ ସମବାୟ ସମିତିର କର୍ମକର୍ତ୍ତାଙ୍କ କିଛି ସମର୍ଥକଙ୍କୁ ଡକାଯାଇ ତଦନ୍ତ କରାଯିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ପୂର୍ବରୁ ଅଭିଯୋଗ କରିଥିବା ଚାଷୀ ଓ ଗ୍ରାମବାସୀମାନେ ଏହି ଖବର ବିଳମ୍ବରେ ଜାଣିବାପରେ ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ଏହାର ପୁନଃ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ନଚେତ୍ ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ହୁକିଟୋଲା ଓ ତଣ୍ଡାକୁଳକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଜରୁରୀ

### ବିଧାନସଭାରେ ଦାବି ଉଠାଇଲେ ଦୁର୍ଗା ପ୍ରସନ୍ନ



ମହାକାଳପଡ଼ା,୨୮।୧୧(ସଂଚାର ବ୍ୟୁରୋ): ଆଜି ବିଧାନସଭାର ପବିତ୍ର ଗୃହରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ନିର୍ବାଚନ ମଣ୍ଡଳୀର ଦୁଇ ପ୍ରମୁଖ ଅଞ୍ଚଳ ହୁକିଟୋଲା ଓ ପ୍ରସିଦ୍ଧ ଶକ୍ତିପୀଠ ମା ଅଲେଖି ନାହାକାଣିଙ୍କ ମନ୍ଦିର ନିକଟରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମି ବା ତଣ୍ଡାକୁଳକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବା ସହିତ ଏହାର ଭିତ୍ତିଭୂମିର ବିକାଶ ପାଇଁ ସ୍ୱର ଉଠାଇଛନ୍ତି। ସେ କହିଛନ୍ତି ଯେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ପାଇଁ ଅପାର ସମ୍ଭାବନା ରହିଛି। ଏଠାରେ ପର୍ଯ୍ୟଟନର ବିକାଶ କରାଗଲେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ହେବା ସହିତ ରାଜ୍ୟ ଅର୍ଥନୀତିରେ ମଧ୍ୟ ଅଭିବୃଦ୍ଧି ହୋଇପାରନ୍ତା। ଏଥିସହିତ କେନ୍ଦ୍ରାପଡା ଜିଲ୍ଲାରେ ଥିବା ବହୁ ପୁରାତନ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଦାବି ଉଠାଇଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ଦାବିକୁ ସେ ସମର୍ଥନ କରିଥିଲେ। ମହାକାଳପଡ଼ାର ହୁକିଟୋଲା କୁ ବିଧାନସଭାର ସମସ୍ତ ସଦସ୍ୟଙ୍କୁ ବୁଲିଯିବା ପାଇଁ ମଧ୍ୟ ସେ ପବିତ୍ର ଗୃହରେ କହିଥିଲେ।

## ଆମ ଗାଁରେ ତହସିଲ କାର୍ଯ୍ୟାଳୟ



କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ ଯୋଗଦେଇ ପଞ୍ଚାୟତବାସୀ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଏଥିସହିତ ୧୫୦ଟି ଅଭିଯୋଗ ମଧ୍ୟରୁ ୫୦ଟିର ସମାଧାନ କରିଥିଲେ। ୩୮ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ । ରାଜସ୍ୱ ନିରୀକ୍ଷକ ଅରକ୍ଷ ଖିଲାର, ବରିଷ୍ଠ ରାଜସ୍ୱ ସହାୟକ ପ୍ରଦୀପ କୁମାର ଦାସ, ଆର ପି ସୌମ୍ୟଜିତ ପଟ୍ଟନାୟକ, ଓ. ଏଲ. ର. ସ୍ୱେତପଦ୍ମା ବେହେରା, ଡି ଇ ଓ ରଞ୍ଜନ କୁମାର ଦାସ, ରେକର୍ଡକିପର ତୃପ୍ତିରେଖା ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କଂସାର ଗ୍ରାମ ପାୟତ ସରପ ସରୋଜିନୀ ନାୟକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ମହାନ୍ତି, ପଦନ ବେହେରା, ଗଜେନ୍ଦ୍ର ପରିଡା, ସମାଜ ସେବୀ ମନୋଜ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ବବୁଲ ଜେନା, ଲାଲୁପ୍ରସାଦ ଜେନା, ବଂଶୀଧର ସାମଲ, ଉମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ଅପହୃତା ଝିଅକୁ ଉଦ୍ଧାର ପାଇଁ ପୁଲିସର ଚଢ଼ାଉ

କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଥାନା ଅଧିନ ନାଗପୁର ଅଂଚଳର ଜଣେ ଝିଅକୁ ଅପହରଣ କରି ଆଣିଥିବା ଅଭିଯୋଗରେ ଟାଉନ ପୁଲିସ ଓ ସଦର ଥାନା ପୋଲିସ ପୁରୁଣା ବସଷ୍ଟାଣ୍ଡ ନିକଟରେ ଶାଢ଼ୀ ଦୋକାନ କରିଥିବା ବଡହାଟ ଅଂଚଳର ଦୋକାନ ମାଲିକଙ୍କ ଘରେ ଚଢ଼ାଉ କରିଥିବା ଜଣାପଡିଛି। ଏହି ଅଭିଯୁକ୍ତ ଜଣକ ସଂଖ୍ୟାଲଘୁ ସଂପ୍ରଦାୟର ହୋଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚାପା ଉତେଜନା ପ୍ରକାଶ ପାଇଛି ।

ଘଟଣା ମୁତାବକ ଝିଅଟି ଚଳିତ ମାସ ୨୦ ତାରିଖ ରାତିରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ୨୧ ତାରିଖରେ ସଦର ଥାନାରେ ଅଭିଯୋଗ କରାଯାଇଥିଲା । ଅଭିଯୋଗ ପାଇ ୧୨୮/୨୫ ରେ ଏକ ମାମଲ ରୁଜୁ କରି ତଦନ୍ତ କରୁଥିବା ବେଳେ ଏହି ଦୋକାନ ମାଲିକ ସଂପୃକ୍ତ ଥିବା ଜଣାପଡିଛି । ଏହି ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଏହିଭଳି ବହୁ ମହିଳା ଅପହରଣ କେସ ଥିବାବେଳେ ଅପରାଧିକ ପୃଷ୍ଠଭୂମି ରହିଛି । ତେବେ କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ଜଣକ ଫେରାର ହୋଇଯାଇ ଥିବା ଜଣାପଡିଛି । ଅପରପକ୍ଷରେ ସଂପୃକ୍ତ ଅଭିଯୁକ୍ତ ଅଭିଯୋଗକାରୀ ଝିଅର ବାପାକୁ ପୁଲିସରେ ଖବର ଦେଇଥିବାରୁ ଫୋନରେ ଧମକ ଦେଇଥିବା ନେଇ ପରିବାର ସୂତ୍ରରୁ ଜଣାପଡିଛି ।

## 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା ଶିବିର

କେନ୍ଦ୍ରାପଡା,୨୮।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରହିଥିବା ଅଚଳ ଖାତା (୨ ବର୍ଷରୁ ଅଧିକ ଓ ୧୦ ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା ) ରେ ପଡି ରହିଥିବା ଟଙ୍କା, ଦାବୀହୀନ ଜମା (୧୦ ବର୍ଷରୁ ଅଧିକ ବର୍ଷ ଧରି) ଗୁଡିକୁ ଆରବିଆଇ ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରି ଦିଆଯାଇଥାଏ ଇତ୍ୟାଦି ଉପରେ ଶିବିରରେ ସଚେତନତା କରାଯାଇଥିଲା। ଉକ୍ତ ଶିବିରରେ ଦୀର୍ଘ ବର୍ଷ ଧରି କାରବାର ହେଉ ନ ଥିବା ବ୍ୟାଙ୍କ ଖାତା କିମ୍ବା ଜମା ରାଶିର ଦାବିହୀନ ଖାତାର ଅର୍ଥ ରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଖାତାରେ ଜମା ଥିବା ପୁଞ୍ଜି କିପରି ଖାତା ଧାରକ କିମ୍ବା ମୃତ ବ୍ୟକ୍ତିଙ୍କ ପରିବାରବର୍ଗ ଫେରି ପାଇବେ ତାହା ଉପରେ ସଚେତନ କରାଯାଇଥିଲା ।




ଅକ୍ଟୋବରରୁ ଆରମ୍ଭ ହୋଇଥିବା ଏହି ସଚେତନତା ଶିବିର ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ଅର୍ଥ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ଅଗ୍ରିମ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡ଼ା ତରଫରୁ ଆୟୋଜିତ ଏହି ସଚେତନତା ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଲଡିଓ ଅଭିନାଶ ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ରିଜନାଲ ମ୍ୟାନେଜର ଆରବିଓ ପାରାଦୀପ ଏସବିଆଇ ବିଜୟ କୁମାର ବେହେରା, ଏଲଡିଏମ କେନ୍ଦ୍ରାପଡ଼ା ରମାକାନ୍ତ ମାଝୀ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଗ୍ରାହକ ମାନଙ୍କ ସମେତ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

## ୫ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ନେଇ ସୂଚନା

ସାଲେପୁର,୨୮।୧୧(ସଂଚାର ବ୍ୟୁରୋ): ସାଲେପୁର ଥାନା ଅଞ୍ଚଳରେ ଚୋରି, ଡକାୟତି, ବଳାତ୍କାର, ରାହାଜାନୀ, ଠକେଇ ଇତ୍ୟାଦି ବିଭିନ୍ନ ଅଭିଯୋଗରେ ୨୦୧୮ ମସିହାରୁ ଅଦ୍ୟାବଧି ୭ବର୍ଷ ଧରି ୫ଜଣ ଅଭିଯୁକ୍ତ ଭିନ୍ନଭିନ୍ନ କୋର୍ଟରେ ହାଜର ହେଉନଥିବାରୁ କୋର୍ଟ ପକ୍ଷରୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇଛି ବୋଲି ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

ମାଳ ଲେଖନପୁରର ସୁନିଲ କୁମାର ମଲ୍ଲିକ ଧର୍ଷଣ ଅଭିଯୋଗରେ ଅଭିଯୁକ୍ତ ହୋଇଥିବାବେଳେ କୋର୍ଟରେ ଦୀର୍ଘଦିନ ଧରି ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେଉନାହାଁନ୍ତି, ସେହିପରି ରାଇସୁଙ୍ଗୁଡ଼ାର ଦୀପକ ମିଶ୍ର, ଜଗନ୍ନାଥପୁରର ସୟଦ ରସିଦ୍, ବୋଦାମୁଣ୍ଡାଇର ରାମଚନ୍ଦ୍ର ଜେନା, ଭୀମଦାସପୁରର ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ପରିଡ଼ା ଠକେଇ ସମେତ ବିଭିନ୍ନ ଅପରାଧରେ ସଂଶ୍ଳିଷ୍ଟ ଥାଇ କୋର୍ଟର ନୋଟିସ୍‌କୁ ଉପେକ୍ଷା କରିବା ଏବଂ କୋର୍ଟରେ ହାଜର ନହେବା କାରଣରୁ ସାଲେପୁର ପୁଲିସ ପକ୍ଷରୁ ଏ ସମ୍ପର୍କରେ ଅଭିଯୁକ୍ତଙ୍କ ଘର ସାମ୍ନା ଓ ବିଭିନ୍ନ ଛକମାନଙ୍କରେ ନୋଟିସ୍ ମରାଯିବା ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ସେମାନଙ୍କୁ ଅବଗତ କରାଯାଇଛି। ଅପରାଧୀମାନଙ୍କୁ କୋର୍ଟ ଦେଇଥିବା ନିର୍ଦ୍ଧାରିତ ସମୟରେ ହାଜର ନହେଲେ ସେମାନଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ପୁଲିସ ଠାରୁ ସୂଚନା ମିଳିଛି।



## ଭାରତ ସମ୍ବିଧାନର ଗୁରୁତ୍ୱ ଶୀର୍ଷକ ଆଲୋଚନା ଚକ୍ର

କେନ୍ଦ୍ରାପଡା,୨୮।୧୧(ସଂଚାର ବ୍ୟୁରୋ): ତୁଳସୀ ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ "ଭାରତ ସମ୍ବିଧାନର ଗୁରୁତ୍ୱ" ଶୀର୍ଷକ ଆଲୋଚନା ଚକ୍ର ଅଧକ୍ଷ ଡ. ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂ ଶାସିତ ମହା ବିଦ୍ୟାଳୟର ରାଜନୀତି ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ଅଭିରାମ ବିଶ୍ୱାଳ ବିଷୟ ବିଷାରଦ ଭାବରେ ଯୋଗଦେଇ ଭାରତ ସମ୍ବିଧାନରେ ଉଭୟ କ୍ରାନ୍ତି ଓ ଶାନ୍ତିର ସମନ୍ୱୟ ପ୍ରତିଷ୍ଠା ହୋଇଥିବାରୁ ଏହା ସମଗ୍ର ବିଶ୍ୱରେ ଏକ କାଳଜୟୀ ସମ୍ବିଧାନ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ମହା ବିଦ୍ୟାଳୟର ପୂର୍ବତନ ଅଧକ୍ଷତଥା ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ ସମ୍ମାନୀତ ଅତିଥି ଭାବେ ଅଂଶଗ୍ରହଣ କରି ସମ୍ବିଧାନବାଦ ଓ ସମ୍ବିଧାନ ଉପରେ ଆଲୋକପାତ କରିଥିଲେ । ଅଧକ୍ଷ ଡ. ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଭାରତ ସମ୍ବିଧାନର ଆଦର୍ଶ ଓ ପ୍ରସ୍ତାବନାର ସମ୍ପର୍କ ଉପରେ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବାପନା ସିଡ଼ସ୍ ତରଫରୁ ଅଧିକୃତ ବିକ୍ରେତାଙ୍କ କର୍ମଶାଳା

ଡେରାବିଶ,୨୮।୧୧(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା ସ୍ଥିତ ବିଲ୍ୱମାଳ ମଠ ପରିସରରେ ଆଜି ବାପନା ସିଡ଼ସ୍ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦୋଳ ସ୍ଥିତ ବାପନା ସିଡ଼୍ସ୍‌ର ଅଧିକୃତ ପାଇକାରୀ ସଂସ୍ଥା ରୁଦ୍ରାଣି ଟ୍ରେଡ଼ର୍ସ ଆନୁକୂଲ୍ୟରେ ଆୟୋଜିତ ଏହି ବିକ୍ରେତା କର୍ମଶାଳାରେ କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ୭୦ ଜଣ ବିକ୍ରେତା ଯୋଗ ଦେଇଥିଲେ। ଏହି କର୍ମଶାଳରେ ବାପନାର ମୁଖ୍ୟ ଆଞ୍ଚଳିକ ପରିଚାଳକ ପ୍ରମୋଦ କୁମାର ବଘାର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବରେ ଆଞ୍ଚଳିକ ପରିଚାଳକ ମହେନ୍ଦ୍ର କୁମାର ସ୍ୱାଇଁ, ରୁଦ୍ରାଣି ଟ୍ରେଡ଼ର୍ସର ମୁଖ୍ୟ ସତ୍ୟରଞ୍ଜନ ଦାସ ଓ ସହଯୋଗୀ ପରିଚାଳକ ବିଭୂତିଭୂଷଣ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଏହି ସିଡ଼ସ୍ କମ୍ପାନୀର ଧାନ ବିହନ ବ୍ୟବହାର କରି ଚାଷ ହୋଇଥିବା ବିଭିନ୍ନ ଚାଷଜମିକୁ ଉପସ୍ଥିତ ଶିବିରାର୍ଥୀ ଓ କମ୍ପାନୀର ଅଧିକାରୀମାନେ ପରିଦର୍ଶନ କରିଥିଲେ।




## ତୁଳସୀକ୍ଷେତ୍ର କଳାକାର ସଙ୍ଘ ଜିଲ୍ଲାସ୍ତରୀୟ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ): ତୁଳସୀକ୍ଷେତ୍ର କଳାକାର ସଙ୍ଘର ଜିଲ୍ଲା ସ୍ତରୀୟ ମହୋତ୍ସବ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ତୁଳସୀକ୍ଷେତ୍ର କଳାକାର ସଙ୍ଘ ସଭାପତି କେଦାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ରାଜସ୍ୱ କମିଶନର ଶୋଭନ କର ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରଙ୍କ ସମାଜ ଗଠନରେ ମୁଖ୍ୟ ଭୂମିକା ରହିଥାଏ। କାରଣ କଳାକାରଙ୍କ ଅଭିନୟର ପ୍ରଭାବ ପ୍ରତ୍ୟେକ ମାନବ ଉପରେ ପଡିଥାଏ। କଳାକାରଙ୍କୁ ଆମ ସମାଜ ଉଚିତ ସମ୍ମାନ ପ୍ରଦାନ କରିବା ଆବଶ୍ୟକ ବୋଲି ଶ୍ରୀ କର ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ସବ ଚରଣ ମହାପାତ୍ର, ସମାଜସେବୀ ଦେବେନ୍ଦ୍ର କୁମାର ଦାସ, ସମବାୟବୀତ ପ୍ରଫୁଲ୍ଲ କୁମାର ରାଉତ(ନଙ୍ଗୁଳି) ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।



ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୫୫ଟି ସାଂସ୍କୃତିକ ଦଳ ଭଜନ, ଜଣାଣ, ସଂର୍କୀନ, ଘୋଡାନାଚ, କେନ୍ଦରାଗୀତ, ଖଞ୍ଜଣୀ ଭଜନ, ସଖୀନାଟ, ଓଡିଶୀନୃତ୍ୟ, ଏକତାରା ଭଜନ, ଦାସକାଠିଆ, ଓଡିଶୀ ନୃତ୍ୟ ବିଦ୍ୟା, ଭଜନ ସନ୍ଧ୍ୟା ଓ ପାଲା ପ୍ରଭୃତି ପରିବେଷଣ କରିଥିଲେ । ସେମାନଙ୍କୁ ପୁଷ୍ପଗୁଚ୍ଛ, ଉରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୧୯ ବିଭାଗର ଦରମା ବନ୍ଦ କଲେ ଜିଲ୍ଲାପାଳ



କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ): ସରକାରଙ୍କ ସମସ୍ତ ନଥିପତ୍ର କାମ ଅନ୍‌ଲାଇନ୍‌ରେ ହେବା ହାତଲେଖା ଫାଇଲ୍‌ରେ ଆଉ କାମ ହେବ ନାହିଁ। ରାଜ୍ୟ ସରକାର ଏଥିପାଇଁ ଅନ୍‌ଲାଇନ୍‌ରେ ରାଜ୍ୟ ୱାର୍କ-ଫ୍ଲୋ ଅଟୋମେସନ୍ ସିଷ୍ଟମ୍ ବା ଓସ୍ୱାସ୍ ଜରିଆରେ ଡିଜିଟାଲ୍ ଫାଇଲ୍ ବ୍ୟବସ୍ଥା ପ୍ରଚଳନ କରିଥିଲେ। ପ୍ରାଶାସନିକ ସ୍ତରରେ ଏହାକୁ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ମାତ୍ର ସରକାରଙ୍କ ଏହି ଆଦେଶକୁ ନ ମାନି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ୧୯ଟି ବିଭାଗ ଫସିଛନ୍ତି। ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହିତ ନେଇ ସଂପୃକ୍ତ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଚଳିତମାସର ଦରମା ବିଲ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଏ ନେଇ ଜିଲ୍ଲାପାଳ ଜିଲ୍ଲା କୋଷଗାର ଅଧିକାରୀଙ୍କୁ ଚିଠି କରିବା ପରେ ପ୍ରାଶାସନିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ବିଭାଗ ଭିତରେ ଆଳି ସାଲାଇନ୍ ଡିଭିଜନ୍, କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନ୍, ଉଠା ଜଳସେଚନ ଡିଭିଜନ୍ ଠାରୁ ନେଇ ରାଜନଗରସ୍ଥିତ ଲୁଣା ଜଙ୍ଗଲ (ବନ୍ୟପ୍ରାଣୀ) ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଅଫିସ୍, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅଫିସ୍, ଜିଲ୍ଲା ଭେଟେରିନାରି ହସ୍ପିଟାଲ୍ ଆଦି ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଫିସ୍ ରହିଛି। ଏହାବାଦ୍ ବିଭିନ୍ନ ବ୍ଲକ୍‌ର ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୃଷି ଅଧିକାରୀ କାର୍ଯ୍ୟାଳୟ, ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଉପ-କୋଷାଧକ୍ଷ କାର୍ଯ୍ୟାଳୟ ଇତ୍ୟାଦି ମଧ୍ୟ ଦରମା ବନ୍ଦ ତାଲିକାରେ ରହିଛି। ପରବର୍ତ୍ତୀ ଆଦେଶ ନ ଆସିବା ପର୍ଯ୍ୟନ୍ତ ଉପରୋକ୍ତ ବିଭାଗଗୁଡ଼ିକର ଦରମା ନ କରିବାକୁ ଜିଲ୍ଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି।

ଗୋଟିଏପଟେ କଟକ ଜିଲ୍ଲାରେ ଜିଲ୍ଲାପାଳ ଜନଶୁଣାଣିରେ ଆସୁଥିବା ଅଭିଯୋଗଗୁଡ଼ିକୁ ସମାଧାନ କରିବାରେ ଅବହେଳା କରିଥିବା ଅଧିକାରୀଙ୍କ ଦରମା ବନ୍ଦ କରି ଚର୍ଚ୍ଚାରେ ଥିବା ବେଳେ ଏବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଡିଜିଟାଲ୍ ଫାଇଲ୍ ବ୍ୟବସ୍ଥା କାର୍ଯ୍ୟକାରୀ କରି ନଥିବା ବିଭାଗଗୁଡ଼ିକର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇ ଦେଇଛନ୍ତି ଯାହା ବର୍ତ୍ତମାନ ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ କର୍ମଚାରୀଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି।

## ରେବା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା




ସାଲେପୁର,୨୮।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ରେବା ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ସାଇବର ଅପରାଧ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧକ୍ଷ ସନ୍ତୋଷ କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍.ପି. ନିରଞ୍ଜନ ଶବର, ସାଇବର ସେଲର ବିଜୟ କିଶୋର ମଲ୍ଲିକ, ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ଯୋଗଦେଇ ସାଇବର ଠକେଇରୁ କିପରି ବର୍ତ୍ତିବା ନେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜପକୁଦ ଫାଣ୍ଡି ଅଧିକାରୀ ଭୀଷ୍ମଚରଣ ପ୍ରଧାନ, ରେବା ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା।

# କେଭି ସମ୍ମୁଖରେ ବୋମାମାଡ଼, ଏନ୍ଆଇଏର ଖୋଳତାଡ଼

**ବିଧାନସଭାରେ ପ୍ରସଙ୍ଗ ଉଠାଇଲା ବିଜେଡି**



**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରରେ ଘଟିଛି ବୋମାମାଡ଼। ସ୍ଥାନୀୟ ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ ପରିସରରେ ଗେଟ୍ ନଂ.୩ ନିକଟରେ ଏହି ବୋମାମାଡ଼ ହୋଇଛି। ସ୍କୁଲରେ ପାଠପଢ଼ା ଚାଲିଥିବା ସମୟରେ କେତେକ ଦୁର୍ବୃତ୍ତ ଏହି ବୋମାମାଡ଼ କରିଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ ଘଟଣାର ତନାଘନା ଆରମ୍ଭ ହୋଇଥିବା ଜଣାପଡ଼ିଛି। ତଦନ୍ତ ପାଇଁ ଦୁଇଟି ଟିମ୍ ଗଠନ ହୋଇଥିବା ବେଳେ ସିସିଟିଭି ଆଧାରରେ ଯାଞ୍ଚ୍ ହେଉଥିବା ପୁଲିସ୍ କମିଶନର୍ ଏସ. ଦେବଦତ୍ତ ସିଂ କହିଛନ୍ତି।

ଅନ୍ୟପକ୍ଷରେ ବୋମାମାଡ଼ ପରେ ଉକ୍ତ କେନ୍ଦ୍ରୀୟ ବିଦ୍ୟାଳୟ୩ର ଛାତ୍ରଛାତ୍ରୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ତେବେ କିଏ ଓ କାହିଁକି ବୋମାମାଡ଼ କରିଛି, ସେନେଇ କିଛି ବି ସ୍ପଷ୍ଟ ହୋଇନାହିଁ। କିନ୍ତୁ ଯାଞ୍ଚ୍ ସମୟରେ ଗେଟ୍ ନଂ.୩ ନିକଟରୁ ବାରୁଦ ଓ କଣ୍ଟା ମିଳିଛି। ତେଣୁ କେହି ଦୁର୍ବୃତ୍ତ ବାରୁଦ ବ୍ୟବହାର କରି ଏହି ବୋମାମାଡ଼ କରିଥିବା ଅନୁମାନ କରାଯାଉଛି। ସେହିପରି ଗତକାଲିଠାରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇଛନ୍ତି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ। ଏହି ବୋମାମାଡ଼ର ସତ୍ୟାସତ୍ୟ ନେଇ ଶ୍ରୀ ଦେବ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଗୃହରେ ଉତ୍ତର ରଖିବା ସକାଶେ ଦାବି କରିଥିଲେ। ଏହି ମାମଲାରେ ବାଚସ୍ପତି ରୁଲିଂ ଦେଇ ବିଭାଗୀୟ ମନ୍ତ୍ରୀଙ୍କୁ ଘଟଣାର ଅନୁଧ୍ୟାନ କରି ଗୃହକୁ ଅବଗତ କରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଟିଏ ଛାତ ତଳେ ବିପର୍ଯ୍ୟୟ ମୁକାବିଲା

- ତିଆରି ହେବ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଭବନ
- ୩୦୦ କୋଟିର ବ୍ୟୟ ବରାଦ



**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ନିଜ ପ୍ରସ୍ତୁତିକୁ ଅଧିକ ଉନ୍ନତ କରିବା ପାଇଁ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରରେ ନିର୍ମାଣ କରାଯିବ ଏକ ଅତ୍ୟାଧୁନିକ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଭବନ। ଆସନ୍ତା ୨ ବର୍ଷ ମଧ୍ୟରେ ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ବିପର୍ଯ୍ୟୟ ପରିଚାଳନା ଭବନ। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।

ବିପର୍ଯ୍ୟୟ ସମୟରେ ଗୋଟିଏ ଛାତ ତଳୁ ପରିଚାଳନା କାର୍ଯ୍ୟ କରାଯିବ। ଅଗ୍ନିଶମ, ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ୍ରାଫ, ଜଙ୍ଗଲ ବିଭାଗ, ପୂର୍ତ୍ତ ବିଭାଗ ଭଳି ବିଭିନ୍ନ ବିଭାଗ ଗୋଟିଏ ସ୍ଥାନରୁ ବିପର୍ଯ୍ୟୟ ପରିଚାଳନା କରିବେ। ଓଡ଼ିଶାରେ ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ, ବଜ୍ରପାତ, ଅଗ୍ନିକାଣ୍ଡ ଭଳି ପରିସ୍ଥିତିକୁ ତ୍ୱରିତ ମୁକାବିଲା କରାଯିବ। ଗୋଟିଏ ସ୍ଥାନରୁ କଣ୍ଟ୍ରୋଲ ରୁମ୍ କାମ କରିବ। ଉକ୍ତ ଅଟ୍ଟାଳିକାରେ ନିଆଁ ଲିଭାଇବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି, ଜ୍ଞାନକୌଶଳ ବ୍ୟବହାର କରାଯିବ।

ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଓଡ଼ିଶା ଫାୟାର ଆଣ୍ଡ ଡିଜାଷ୍ଟର ରେସପନ୍ସ ଏକାଡେମୀ (ଓଫଡ୍ରା) ପରିସରରେ ଥିବା ଷ୍ଟେଟ୍ ଫାୟାର କମାଣ୍ଡ ସେଣ୍ଟର ବୁଲି ଦେଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ। ବିପର୍ଯ୍ୟୟ ସମୟରେ କିଭଳି ସଂଗଠିତ ଭାବେ ବିଭାଗ-ବିଭାଗ ଭିତରେ ସମନ୍ୱୟ ରଖି ମୁକାବିଲା କରାଯାଇପାରିବ, ସେନେଇ ଅଗ୍ନିଶମ ବିଭାଗ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଓସଡମା, ଓଡ୍ରାଫ, ଅଗ୍ନିଶମ ବିଭାଗ ବିପର୍ଯ୍ୟୟ ସମୟରେ ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୟରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ, ମୁଖ୍ୟ ଅଗ୍ନିଶମ ଅଧିକାରୀଙ୍କ ସହ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ଏଯାଏଁ ଉଠୁନି ଧାନ**

# ବିପଜ୍ଜନକ ନିଆଁ ସହ ଖେଳୁଛନ୍ତି ସରକାର: ପ୍ରସନ୍ନ



**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ଶୂନ୍ୟକାଳରେ ଧାନ ବିକ୍ରିରେ ବିଳମ୍ବ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ସତର୍କ କରାଇଦେଇଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ସେ କହିଥିଲେ ଯେ ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ଉପରେ ସରକାର ବୋମା ମାଡ କରିଛନ୍ତି। ଗତବର୍ଷ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇଥିବାବେଳେ ଚଳିତ ବର୍ଷ ଆଜି ସୁଦ୍ଧା ଧାନ ସଂଗ୍ରହ ହୋଇପାରିଲା ନାହିଁ। ଧାନ ଅମଳ ସରିଲାଣି। ଧାନ ରଖିବାକୁ ଚାଷୀଙ୍କ ଘରେ ସ୍ଥାନ ନାହିଁ।

ଡି ଏ ଲ ପି ସି ବୈଠକରେ ନଭେମ୍ବର ୨୮ ତାରିଖରେ ଧାନ କିଣିବାକୁ ନିଷ୍ପତ୍ତି ହୋଇଥିବାବେଳେ ଆଜି ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ରାଇସିମିଲ୍ରୁ ସରକାର ଆଲଟମେଣ୍ଟ ଦେଇ ନାହାନ୍ତି। ମିଲର ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାଁନ୍ତି। ଗତ ରବି ଧାନ ଏପର୍ଯ୍ୟନ୍ତ ଏଫ୍ସିଆଇ ଗୋଦାମରୁ ଉଠିନାହିଁ। ସରକାରଙ୍କ ପାଖରେ ଗୋଦାମ ନାହିଁ। ସରକାର ଚାଷୀଙ୍କ ଭାଗ୍ୟ ଭବିଷ୍ୟତ ସହିତ ଖେଳୁଛନ୍ତି। ଏଭଳି କଲେ ରାଜ୍ୟରେ ନିଆଁ ଲାଗିଯିବ। ଋଣ ସୁଝିବାକୁ ପଡୁଥିବାରୁ କେତେ ସ୍ଥାନରେ ଚାଷୀ ଅଭାବି ବିକ୍ରି ଆରମ୍ଭ ହୋଇଗଲାଣି। ସରକାର ଷ୍ଟକ ଭେରିଫିକେସନ କରନ୍ତୁ। ସରକାର ଅତ୍ୟନ୍ତ ବିପଦଜନକ ଭାବେ ନିଆଁ ସହିତ ଖେଳୁଛନ୍ତି। ଚାଷୀଙ୍କ ମେରୁଦଣ୍ଡ ଉପରେ ପାହାର ଦେଉଛନ୍ତି। ଚାଷୀ ମରିବେ, ସରକାର ବି ମରିବେ। ତେଣୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି।

# କଂଗ୍ରେସକୁ ସୁଯୋଗ ମିଳିଲାନି

- ଦୁଃଖ ପ୍ରକାଶ କଲେ ବିଧାୟକ



**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାରେ ଅଭିଭାଷଣ ରଖିଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତରେ କଂଗ୍ରେସକୁ କହିବାର ସୁଯୋଗ ମିଳିନଥିବାରୁ ଏନେଇ ଦୁଃଖ ପ୍ରକାଶ କରିଛନ୍ତି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ସେହିପରି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କଂଗ୍ରେସ ସମ୍ପର୍କରେ ମଧ୍ୟ ପଦୁଟିଏ କହିନଥିବାରୁ ଶ୍ରୀ କାଡାମ ଅସନ୍ତୋଷ ପ୍ରକାଶ କରିଛନ୍ତି। ତା'ଛଡ଼ା ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ତାଙ୍କ ଅଭିଭାଷଣରେ କଂଗ୍ରେସ ସମ୍ପର୍କରେ କିଛି ବି କହିନାହାନ୍ତି। ଶ୍ରୀ କାଡାମଙ୍କ କହିଛନ୍ତି ଯେ ଦେଶ ସ୍ୱାଧୀନତାରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ବିଧାନସଭା ଗଠନରେ ବି କଂଗ୍ରେସର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ହେଲେ ରାଷ୍ଟ୍ରପତିଙ୍କ ବିଧାନସଭା ଆଗମନ ସମୟରେ କଂଗ୍ରେସ ଦଳକୁ କହିବାକୁ ଦିଆଗଲାନାହି। ଏହା ଦଳୀୟ ବିଧାୟକମାନଙ୍କୁ ବ୍ୟଥିତ କରିଥିବା ବିଧାୟକ ଶ୍ରୀ କାଡାମ କହିଛନ୍ତି। ସମାନ ଢଙ୍ଗରେ ଦୁଃଖ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଅଶୋକ ଦାସ।

**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ**

# ପୂର୍ବ-ପଶ୍ଚିମ ଓଡ଼ିଶା ସଂଯୋଗୀକରଣରେ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ



**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ୩୦୧ କିମି ଦୈର୍ଘ୍ୟ ବିଶିଷ୍ଟ ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ରେଳ ଲାଇନ ଓଡ଼ିଶାର ଏକ ପରିବର୍ତ୍ତନଶୀଳ ପ୍ରକଳ୍ପ ଭାବେ ଭିତ୍ତିଭୂମି ଉନ୍ନତିକରଣ ପାଇଁ ପ୍ରସ୍ତୁତ ହେଉଛି। ଏହା ଉପକୂଳ ଓଡ଼ିଶାକୁ ପଶ୍ଚିମାଞ୍ଚଳ ସହ ସଂଯୋଗ କରିବ। ଏହି ଲାଇନ ନୟାଗଡ଼, ବୌଦ୍ଧ, ସୋନପୁର ଓ ବଲାଙ୍ଗୀର ଜିଲ୍ଲା ପାଇଁ ଉଲ୍ଲେଖନୀୟ ଭୂମିକା ତୁଲାଇବ, ଯାହା ଆଞ୍ଚଳିକ ବାଣିଜ୍ୟକୁ ସୁଦୃଢ଼ କରିବା ସହ ସନ୍ତୁଳିତ ସାମାଜିକ-ଆର୍ଥିକ ବିକାଶକୁ ସମର୍ଥନ କରିବ। ପ୍ରକଳ୍ପଟି ଦୁର୍ଗମ ଭୂମି, ବିଶେଷକରି ଦଶପଲ୍ଲା ଓ ବୌଦ୍ଧ ମଧ୍ୟରେ ହୋଇଥିବାରୁ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆବଶ୍ୟକ। ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅନେକ ସୁଡ଼ଙ୍ଗ, ଭାୟାଡାକ୍ଟ, ଗଭୀର କଟିଂ ଓ ଉଚ୍ଚ ବନ୍ଧ ଅନ୍ତର୍ଭୁକ୍ତ ଯାହା ଟ୍ରେନର ନିରାପଦ ଓ ସହଜ ଗତିବିଧିକୁ ସୁନିଶ୍ଚିତ କରିବ। ପରିବେଶଗତ କ୍ଷତିକୁ କମ କରିବା ପାଇଁ ଅନେକ ସୁଡ଼ଙ୍ଗ ନିର୍ମାଣାଧୀନ ଥିବା ବେଳେ ଦୀର୍ଘ ଭାୟାଡାକ୍ଟ ଉପତ୍ୟକା, ନଦୀ ଓ ସମ୍ବେଦନଶୀଳ ଜଙ୍ଗଲ ଅଞ୍ଚଳ ଦେଇ ନିରାପଦ ପଥ ସୁନିଶ୍ଚିତ ଦିଗରେ ପଦକ୍ଷେପ ନିଆଯାଇଛି। ଏହି ପ୍ରକଳ୍ପର ଆଉ ଏକ ବୈଶିଷ୍ଟ୍ୟ ହେଉଛି ଯେ ଏହା ଭୂତାଙ୍ଗ ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର ସହ ସଂଲଗ୍ନ ହେବା ପାଇଁ ନିର୍ମିତ ଭାରତର ଦ୍ୱିତୀୟ ଦୀର୍ଘତମ ରେଳ ଭାୟାଡକ୍ଟ, ଯାହାର ଦୈର୍ଘ୍ୟ ୪.୭୮ କିମି ରହିଛି।

# ଗାଁରେ ମାତିଲା ଦନ୍ତା: ବ୍ୟାପକ କ୍ଷୟକ୍ଷତି



**ଘଟଗାଁ,୨୮।୧୧(ସଂଚାର ବ୍ୟୁରୋ):** ଗାଁ ମଝିରେ ଦନ୍ତା ଉପଦ୍ରବ। ୨ ଘଣ୍ଟା ଧରି ବ୍ୟାପକ କ୍ଷତି କଲା ଦନ୍ତା। କେନ୍ଦୁଝର ଜିଲ୍ଲା ଘଟଗାଁ ବନାଞ୍ଚଳ ଅନ୍ତର୍ଗତ କେନ୍ଦୁଆପଡା ଗ୍ରାମରେ ପଶି ବ୍ୟାପକ ଉପଦ୍ରବ କରିଛି ଏକ ଗୋଠ ଛଡା ଦନ୍ତା। ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି ଦନ୍ତା ଉପଦ୍ରବ ଚଳାଇଥିଲା। ହାତୀ ଘଉଡ଼ାଇବା ପାଇଁ ବହୁ ଲୋକ ରୁଣ୍ଡ ହୋଇଥିଲେ। ବନ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ ଜଣେ ମହିଳା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାଦ୍ୱାରା ହାତୀକୁ ଘଉଡ଼ାଇବା ସମ୍ଭବପର ହୋଇପାରିନଥିଲା। ଏପରି ଏକ ସମ୍ବେଦନଶୀଳ ଘଟଣା ନେଇ ଖବର ପାଇଥିବା ସତ୍ତ୍ୱେ ସ୍ଥାନୀୟ ଫରେଷ୍ଟର ନିଜେ ନ ଆସି କେବଳ ଜଣେ ମହିଳା କର୍ମଚାରୀଙ୍କୁ ପଠାଇଦେବାରୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ କିଛି ସମୟ ଧରି ସେଠାରେ ଉତ୍ତେଜନା ଲାଗିରହିଥିଲା।

**ବହୁଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ମାମଲା**

# ଅଢ଼େଇ ବର୍ଷ ପରେ ଧରାପଡ଼ିଲେ ଆଉ ୩ ଅଭିଯୁକ୍ତ




**ଆଠଗଡ଼,୨୮।୧୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣାର ପାଖାପାଖି ଅଢ଼େଇ ବର୍ଷ ପରେ ତିଗିରିଆ ପୁଲିସ ହାତରେ ଧରାପଡ଼ିଛନ୍ତି ଆଉ ୩ ଜଣ ଅଭିଯୁକ୍ତ। କଟକ ଜିଲ୍ଲା ତିଗିରିଆ ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ମଣ୍ଟୁ ବାରିକ ହତ୍ୟା ଘଟଣାର ଆଉ ୩ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୁଲିସ । ପୂର୍ବରୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ସୁଦ୍ଧା ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯ରେ ପହଞ୍ଚିଲା। ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ଅଭିଯୁକ୍ତ ମାନଙ୍କୁ ଏହି ଥାନା ଅଞ୍ଚଳରୁ ପୁଲିସ ଚଢ଼ାଉ କରି ଗିରଫ କରିଥିଲା। ଅଭିଯୁକ୍ତ ମାନେ ହେଲେ ଗୋକର୍ଣ୍ଣଖାଲ ଗ୍ରାମର ଦୀପକ ପ୍ରଧାନ, ଶ୍ରୀପତି ପ୍ରଧାନ ଓ ନନ୍ଦ ବେହେରା। ସମସ୍ତ ଅଭିଯୁକ୍ତ ଘଟଣା ଦିନଠାରୁ ଫେରାର ରହିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଭାରପ୍ରାପ୍ତ ଥାନାଧିକାରୀ ଈପସିତା ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତ ୨୦୨୩ ଏପ୍ରିଲ ୧୯ ତାରିଖ ପୂର୍ବାହ୍ନରେ ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ବିଶ୍ୱନାଥ ବାରିକ ଓରଫ ମଣ୍ଟୁଙ୍କୁ ପୂର୍ବ ଶତ୍ରୁତାରୁ ବିଭିନ୍ନ ଧାରୁଆ ଅସ୍ତ୍ରରେ ହାଣିବା ସହ ବାଡ଼ିରେ ପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା।

ହତ୍ୟାକାଣ୍ଡ ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଖୁଣ୍ଟୁଣୀ-ନରସିଂହପୁର ୬୫ ନଂ ରାଜ୍ୟ ରାଜପଥ ଉପରେ ଶବ ରଖି ରାସ୍ତା ଅବରୋଧ କରି ନ୍ୟାୟ ସହ ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବା ସକାଶେ ଦାବି କରିଥିଲେ। ଏନେଇ ପରିବାର ଲୋକେ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଘଟଣା ତଦନ୍ତ ଜାରି ରଖିଛି । ଆହୁରି ମଧ୍ୟ ଏହି ଘଟଣାର ୧୭ ମାସ ପରେ ପୁଲିସର ତଦନ୍ତକୁ ଆକ୍ଷେପ କରିବା ସହ ନ୍ୟାୟ ନପାଇ ମଣ୍ଟୁଙ୍କ ମା' ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ।



## ବିଧାନସଭା ଖବର

# ନବମରେ ଫେଲ୍ ହୋଇଛନ୍ତି ୧୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ଚଳିତ ଶିକ୍ଷାବର୍ଷରେ ନବମ ଶ୍ରେଣୀ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସରକାରୀ ବିଦ୍ୟାଳୟରେ ୧୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ନବମ ଶ୍ରେଣୀରେ ଫେଲ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬ ଶହରୁ ଅଧିକ ରହିଛି। ନବମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଉତ୍ତୀର୍ଣ୍ଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଚଳିତ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ୩ ଲକ୍ଷ ୭୪ ହଜାର ୩୦ ଜଣ ଛାତ୍ରଛାତ୍ରୀ ନବମ ଶ୍ରେଣୀରେ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୧୨ ହଜାର ୭୫୬ ଜଣ ଫେଲ୍ ହୋଇଥିଲେ। ଫେଲ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ହଜାର ୩୪୧ ଜଣ ପୁନର୍ବାର ନବମ ଶ୍ରେଣୀରେ ପଢ଼ିଥିବା ବେଳେ ୭ ହଜାର ୪୫୧ ଜଣ ପାସ୍ ଫେଲ୍ ତାଲିକାରେ ରହିଥିଲେ। ସେହିଭଳି ରାଜ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ୫୧୫୮ ଜଣ ଛାତ୍ରଛାତ୍ରୀ ନବମ ଶ୍ରେଣୀରେ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୫୭ ଜଣ ଫେଲ୍ ହୋଇଥିଲେ। ଏହି ଫେଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୨୭ ଜଣ ପୁନର୍ବାର ନବମ ଶ୍ରେଣୀରେ ପାଠ ପଢ଼ିଥିବା ବେଳେ ୧୩୦ ଜଣ ଫେଲ୍ ତାଲିକାରେ ରହିଥିଲେ।

# କ୍ରୀଡ଼ା ପ୍ରମାଣପତ୍ର ପାଇବା ଅପେକ୍ଷାରେ ୧୨୨ ଜଣ କ୍ରୀଡାବିତ୍

ରାଜ୍ୟର ୧୨୨ ଜଣ ବିଭିନ୍ନ ବର୍ଗର କ୍ରୀଡାବିତ୍ ରାଜ୍ୟସ୍ତରୀୟ କ୍ରୀଡାବିତ୍ ପ୍ରମାଣପତ୍ର ପାଇବା ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ୨୨ ଜଣ ଟାଏକ୍ୱୋଣ୍ଡୋ ଖେଳାଳି ରହିଛନ୍ତି। କ୍ରୀଡାବିତ୍‌ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କ୍ରୀଡାମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟସ୍ତରୀୟ କ୍ରୀଡାବିତ୍ ପ୍ରମାଣପତ୍ର ପାଇବାପାଇଁ ୧୨୨ ଜଣ କ୍ରୀଡାବିତ୍ କ୍ରୀଡା ଓ ଯୁବ ସେବା ବିଭାଗ ନିକଟରେ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ଏମାନଙ୍କ ପ୍ରମାଣପତ୍ର ଦେବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ୧୯୮୫ ମସିହା ଏବଂ କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ୨୦୧୭ରେ ଜାରି ନିର୍ଦ୍ଦେଶାବଳୀରେ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ପ୍ରମାଣପତ୍ର ପ୍ରଦାନ କରିବା ସମୟ ଜାତୀୟ କ୍ରୀଡା ମହାସଂଘ ଓ ରାଜ୍ୟ କ୍ରୀଡା ସଂଘ ଦ୍ୱାରା ପ୍ରେରିତ ସତ୍ୟାପନ ରିପୋର୍ଟ ଉପରେ ନିର୍ଭର କରିଥାଏ। ଅପେକ୍ଷାରତ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ତୀରନ୍ଦାଜୀ, ବାସ୍କେଟବଲ୍, ବକ୍ସିଂ, ଚେସ୍, କ୍ରିକେଟ, ଅଶ୍ୱଚାଳନା, ଫୁଟ୍‌ବଲ୍, ଜିମ୍ନାଷ୍ଟିକ୍ ହକି, କବାଡି, କାୟାକିଙ୍ଗ ଆଣ୍ଡ୍ କାନଇଙ୍ଗ୍, ମୁଷ୍ଟିଯୋଦ୍ଧା, ଉସୁ, ଟାଏକ୍ୱୋଣ୍ଡୋ, ହ୍ୟାଣ୍ଡ୍‌ବଲ୍, ଜୁଡୋ, କରାଟେ, ବେସ୍‌ବଲ୍, ସଫ୍ଟବଲ୍ ଓ ବ୍ୟାଡମିଣ୍ଟନ ଆଦି ଖେଳାଳି ରହିଛନ୍ତି।

# ରାଜ୍ୟରେ ରହିଛି ୫୧ଟି ନିଶା ନିବାରଣ କେନ୍ଦ୍ର

ରାଜ୍ୟରେ ମୋଟ୍ ୫୧ଟି ନିଶା ନିବାରଣ କେନ୍ଦ୍ର ଥିବାବେଳେ ଏଥିରୁ ୧୧ଟି କେନ୍ଦ୍ରକୁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଦାନର ବିବରଣୀ ରାଜ୍ୟ ସରକାରଙ୍କ ନିକଟରେ ନାହିଁ। ରାଜ୍ୟରେ ଥିବା ନିଶା ନିଶା ନିବାରଣ କେନ୍ଦ୍ର ମଧ୍ୟରୁ ୧୧ଟି ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲୁଛି। ପ୍ରତ୍ୟେକ କେନ୍ଦ୍ରକୁ ରାଜ୍ୟ ସରକାର ବର୍ଷକୁ ୭୪ ଲକ୍ଷ ୩୨ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଇଥାନ୍ତି। ପ୍ରତି କେନ୍ଦ୍ରରେ ୩୦ ଜଣ ଲେଖାଏଁ ନିଶାସକ୍ତ ବ୍ୟକ୍ତିଙ୍କୁ ଏକ ମାସ ପର୍ଯ୍ୟନ୍ତ ମାଗଣାରେ ରହିବା, ଖାଇବା, ଚିକିତ୍ସା ସହ ବୈଷୟିକ ତାଲିମର ବ୍ୟବସ୍ଥା ରହିଛି। ଏହିସବୁ କେନ୍ଦ୍ରଗୁଡିକ ଭୁବନେଶ୍ୱ, ଖୋର୍ଦ୍ଧା, କଟକ, ବାଲେଶ୍ୱର, ବ୍ରହ୍ମପୁର, ପୁରୀ, ସମ୍ବଲପୁର, କନ୍ଧମାଳ, କୋରାପୁଟ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟର ୨୯ଟି ଜିଲ୍ଲାରେ ୪୧ଟି ନିଶା ନିବାରଣ କେନ୍ଦ୍ର ଥିବାବେଳେ ଏଥିରେ ୧୫ଜଣ କରି ନିଶାସକ୍ତ ବ୍ୟକ୍ତିଙ୍କୁ ରଖାଯିବାର ବ୍ୟବସ୍ଥା ରହିଛି। ତେବେ କେନ୍ଦ୍ର ସରକାର ଏହି ନିଶାନିବାରଣ କେନ୍ଦ୍ରଗୁଡିକୁ ବାର୍ଷିକ କେତେ ଅନୁଦାନ ଦେଉଛନ୍ତି ତାହାର ସୂଚନା ରାଜ୍ୟ ସରକାରଙ୍କ ହସ୍ତଗତ ହୋଇନାହିଁ। ଅନ୍ୟ ପକ୍ଷରେ ଜାତୀୟ ମାନବ ଅଧିକାର ଆୟୋଗଙ୍କ ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଢେଙ୍କାନାଳ ସ୍ଥିର ଚେତନା ନାମକ ଏକ ନିଶା ନିବାରଣ କେନ୍ଦ୍ରରେ ୨୦୨୧ ମସିହାରେ ଜଣେ ଅନ୍ତେବାସୀ ପ୍ରାଣ ହରାଇଥିଲେ। ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରରେ କୌଣସି ଅନ୍ତେବାସୀ ପ୍ରାଣ ହରାଇନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ଝାରସୁଗୁଡ଼ାରେ ୫୪ ବୃହତ୍ ଶିଳ୍ପସଂସ୍ଥା ପାଇଁ ଅନୁମୋଦନ

ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ୫୪ଟି ବୃହତ୍ ଶିଳ୍ପସଂସ୍ଥା ସ୍ଥାପନ ପାଇଁ ଅନୁମୋଦନ ଦିଆଯାଇଛି। ଏଥିମଧ୍ୟରୁ ୧୪ଟି ବୃହତ୍ ଶିଳ୍ପସଂସ୍ଥା ସ୍ଥାପିତ ହୋଇ ଆଂଶିକ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟ ବିଧାନସଭାରେ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସ୍ଥାପିତ ୧୪ଟି ବୃହତ୍ ଶିଳ୍ପସଂସ୍ଥା ମଧ୍ୟରେ ରହିଛି ଇଷ୍ଟର୍ଣ୍ଣ ଷ୍ଟିଲ୍ ଆଣ୍ଡ ପାୱାର, ବେଦାନ୍ତ ପାୱାର, ବେଦାନ୍ତ ଆଲୁମିନିୟମ, କନକାଷ୍ଟ ଷ୍ଟିଲ ଆଣ୍ଡ ପାୱାର, ଓରିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡ, ଷ୍ଟେରାଲାଇନ୍ ଟେକ୍ନୋଲୋଜି ଲିମିଟେଡ, ଜେଏସଡବ୍ଲୁ ଏନର୍ଜି, ଅଲଟ୍ରାଟେକ୍ ସିମେଣ୍ଟ, ରୁନାୟା ରିଫାଇନିଂ ଏଲଏଲପି, ମେ' ଫେୟାର ହୋଟେଲ୍ସ ଆଣ୍ଡ ରିସୋର୍ଟ ଲିମିଟେଡ ଆଦି ରହିଛନ୍ତି।

- ଯୁବତୀଙ୍କୁ ଏସିଡ୍ ମାଡ଼ ଘଟଣା

# ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ



**ଯାଜପୁର,୨୮।୧୧(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଏସିଡ ମାଡ଼ ଘଟଣା ଦୁଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଯାଜପୁର ଅତିରିକ୍ତ ଦୌରାଜଜ୍। ଏହି ଦୁଇ ଅଭିଯୁକ୍ତ ହେଲେ ସୌମ୍ୟ ରଞ୍ଜନ ସାମଲ ଓ ପ୍ରଶାନ୍ତ ରାୟ। ପୂର୍ବ ଶତ୍ରୁତା ଓ ଏକତରଫା ପ୍ରେମ କାରଣରୁ ଏହି ଅଭିଯୁକ୍ତମାନେ ଯୁବତୀଙ୍କୁ ଏସିଡ୍ ମାଡ କରିଥିବା ତଦନ୍ତରୁ ଜଣାପଡ଼ିଥିବା ପୁଲିସ୍ କହିଛି। ଯାଜପୁର ବିଞ୍ଝାରପୁର ଥାନାନ୍ତର୍ଗତ ଅଙ୍ଗାଲୋ ଗ୍ରାମରେ ଗତ ୨୦୧୪ ଜୁନ ୮ରେ ଘଟଣା ଘଟିବା ସମୟରେ ଯୁବତୀ ଜଣଙ୍କ ନାବାଳିକା ଥିବା ସମୟରେ ତାଙ୍କ ଅଶ୍ଳୀଳ ଫଟୋ ଉଠାଇବା ସହ ପୂର୍ବ ଶତ୍ରୁତା କାରଣରୁ ପରିବାର ସହ କଳହ ହୋଇଥିଲା। ପରେ ଦୁଇ ଅଭିଯୁକ୍ତ ଯୁବତୀଙ୍କୁ ଏସିଡ ମାଡ଼ କରିଥିଲେ। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅତିରିକ୍ତ ଜିଲ୍ଲା ଦୌରଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଉଭୟଙ୍କୁ ଆଜୀବନ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜରିମାନା କରିଥିବା ସାମ୍ବାଦିକ ସମ୍ମିଳନୀରେ ସରକାରୀ ଓକିଲ ଓ ଯାଜପୁର ଏସଡିପିଓ ସୂଚନା ଦେଇଛନ୍ତି।

# ଆନ୍ତଃ-ରେଳମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା

**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଡିଭିଜନାଲ କଲଚରାଲ୍ ଆସୋସିଏସନ୍ ପକ୍ଷରୁ ଆନ୍ତଃ-ରେଳମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା (ସଙ୍ଗୀତ) ଖୋର୍ଦ୍ଧା ରୋଡସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ୱାଲଟିୟର ରେଳ ମଣ୍ଡଳର ସାଂସ୍କୃତିକ ଦଳ ସହ ରେଳପଥ ମୁଖ୍ୟାଳୟ ଓ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାର ସାଂସ୍କୃତିକ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ରକାରର ସଙ୍ଗୀତ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା, ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ମହିଳା କଲ୍ୟାଣ ସଂଗଠନର ଉପସଭାପତି ଲିନାଶ୍ରୀ ବେହେରା ଓ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଦିବ୍ୟଜ୍ୟୋତି ମଣ୍ଡଳ ସାମିଲ ହୋଇଥିଲେ।

# ରାଜଗାଙ୍ଗପୁରରେ ବିପିଏନ୍ଏସ୍ଆଇର ଜ୍ଞାନ ଆଦାନପ୍ରଦାନ କର୍ମଶାଳା




**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପକ୍ଷରୁ ଆଜି ରାଜଗାଙ୍ଗପୁର ଓଡ଼ିଶାର ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍‌ରେ ଏକଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ୟୁନିଟ୍-୨ ପ୍ଲାଣ୍ଟ୍ ମୁଖ୍ୟ ଅଙ୍କୁର ମଦନ, ପ୍ଲାଣ୍ଟ-୧ ମୁଖ୍ୟ ବିନୀତ ଗାଗୋଡ଼ିଆ, ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍ ରାଜଗାଙ୍ଗପୁରର ଜିଏମ୍ (ଏଚ୍ଆର୍) ହରିଓମ ମିଶ୍ର ଏହି ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଶୁଭାରମ୍ଭ କରିଥିଲେ। ବିପିଏନ୍ଏସ୍ଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଅଭିଭାଷଣରେ ଏସ୍ଏସ୍ଏଲ୍, ରାଜଗାଙ୍ଗପୁରର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ କାର୍ଯ୍ୟକ୍ରମ ସୂଚୀ ନେଇ ସୂଚନା ଦେଇଥିଲେ। ସେହିପରି ଜ୍ଞାନରଞ୍ଜନ ପୋଥାଲ ଡିଆର୍ଆଇ ଉତ୍ପାଦନ ପ୍ରକ୍ରିୟା, ବୃଦ୍ଧି ଗଠନ ଓ ନିୟନ୍ତ୍ରଣ, ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଓ ରୋଲିଂର ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ପ୍ର. ସତ୍ୟପ୍ରିୟ ଶତପଥୀ ବିପିଏନ୍ଏସ୍ଆଇ ଡିଆର୍ଆଇ ୟୁନିଟ୍‌ଗୁଡ଼ିକରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା ଉପରେ ସୂଚନା ଦେଇଥିଲେ। ସିନିଅର୍ ଏଚଆର୍ଏମ୍ ପ୍ରଭୁରାମ ଦେ ଉପସ୍ଥିତ ଥିଲେ। ସ୍କାନ ଷ୍ଟିଲ୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରବୀଣ କୁମାର ପାତ୍ରୋ କର୍ମଶାଳାରେ ମାର୍ଗଦର୍ଶନ କରିଛନ୍ତି।

# ଟ୍ରଲର୍ ଧକ୍କାରେ ଅଲିଭ ରିଡଲେ କଇଁଛ ମୃତ, ୯ ଗିରଫ

**ପୁରୀ,୨୮।୧୧(ସଂଚାର ବ୍ୟୁରୋ):** ଟ୍ରଲର ଧକ୍କାରେ ଦୁଇ ଅଲିଭ ରିଡଲେ କଇଁଛ ମୃତ୍ୟୁବରଣ କରିଥିବା ବେଳେ ଏହି ଘଟଣାରେ ୯ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ବ୍ରହ୍ମଗିରି ରେଞ୍ଜ ମଙ୍ଗଳା ମୁହାଣ ନିକଟ ସମୁଦ୍ରରେ ମାଛ ମାରୁଥିବା ବେଳେ ଟ୍ରଲର ଧକ୍କାରେ ଦୁଇ ଅଲିଭ ରିଡଲେ କଇଁଛଙ୍କ ମୃତ୍ୟୁ ହୋଇଛି। ଗତକାଲି ବ୍ରହ୍ମଗିରି ବନ ବିଭାଗ ଖବର ପାଇ ପାଟ୍ରୋଲିଂ ସମୟରେ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ୨ ଟ୍ରଲରକୁ ଜବତ କରିଥିଲା। ଗୋଟିଏ ଟ୍ରଲର୍‌ରେ ୨ଟି ମୃତ କଇଁଛ ଥିବା ବେଳେ ଅନ୍ୟଟିରେ ମାଛ ରହିଥିଲା।

**'ମଧୁଲିତା'ର ବିଂଶତମ ବାର୍ଷିକ ଉତ୍ସବ**

# ସୁସ୍ଥ ସମାଜ ଗଠନରେ ଉତ୍ତମ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର,୨୮।୧୧(ସଂଚାର ବ୍ୟୁରୋ):** ମା' ବିନା ମଣିଷ ଜୀବନ ଅଧୁରା। ମା' ହିଁ ମଣିଷକୁ ତିଆରି କରେ, ହାତ ଧରି ବଡ଼ କରେ। ଜଣେ ଉତ୍ତମ ମା' ହିଁ ଉତ୍ତମ ସନ୍ତାନ ଜନ୍ମ କରେ ଏବଂ ଏହା ସୁସ୍ଥ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ପତ୍ରିକା 'ମଧୁଲିତା'ର ବାର୍ଷିକ ଉତ୍ସବରେ ଅତିଥିମାନେ ମତପୋଷଣ କରିଛନ୍ତି। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିମାନେ ପତ୍ରିକାର 'ବୋଉ' ସଂସ୍କରଣର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଛନ୍ତି। ଉତ୍ସବକୁ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବରେଣ୍ୟ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଲେଖକ ପଞ୍ଚାନନ କାନୁନଗୋ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ସେହିପରି ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା, ପୂର୍ବତନ ଆୟକର କମିଶନର୍ ଶୋଭନ କର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସିବିଆଇର ପୂର୍ବତନ ଆଇନ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ଓ ଲେଖିକା କଳ୍ପନା ମିଶ୍ର, ମହିଳା ଉଦ୍ୟୋଗୀ ସ୍ୱାତୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଷ୍ଠାତା ସମ୍ପାଦିକା ମଧୁଲିତା ପରିଡା ସ୍ୱାଗତ ଭାଷଣ ଦେଇଥିଲେ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୨୯ ନଭେମ୍ବର ୨୦୨୫, ଭୁବନେଶ୍ୱର
Saturday 29 November 2025, Bhubaneswar

# ପୁରୁଣା ମିତ୍ରତା, ନୂଆ ଚ୍ୟାଲେଞ୍ଜ



ବିଶ୍ୱ ରାଜନୀତିରେ ଯେତେବେଳେ ଅନିଶ୍ଚୟତା ଓ ସଂଘର୍ଷର ଛାୟା ଘନୀଭୂତ ହେଉଛି, ସେତେବେଳେ ଭାରତ ଓ ରୁଷିଆର ପୁରୁଣା ବନ୍ଧୁତ୍ୱ ଆଉଥରେ ନୂଆ ଜୀବନ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନିକଟବର୍ତ୍ତୀ ଆଲୋଚନା ଏକ ଐତିହାସିକ ମୋଡ଼ ସୃଷ୍ଟି କରିଛି। ଏହି ଦ୍ୱିପାକ୍ଷିକ ସମ୍ପର୍କକୁ ଆଉଥରେ ଦୃଢ଼ କରିବା ପାଇଁ ଏହା ଏକ ମଜବୁତ ପୁଲ ଭାବେ କାମ କରୁଛି। ଶୀତଳ ଯୁଦ୍ଧ ସମୟରୁ ଆରମ୍ଭ ହୋଇଥିବା ଭାରତ-ରୁଷିଆ ମିତ୍ରତା କେବଳ ରାଜନୈତିକ ନୁହେଁ, ଏହା ସାଂସ୍କୃତିକ, ଅର୍ଥନୈତିକ ଓ କୌଶଳଗତ ମଧ୍ୟ। ୟୁକ୍ରେନ ଯୁଦ୍ଧ ପରେ ପଶ୍ଚିମ ଦେଶମାନେ ରୁଷିଆ ଉପରେ କଡ଼ା ନିଷେଧାଜ୍ଞା ଲଗାଇଥିବା ବେଳେ ଭାରତ ନିଜର ସ୍ୱାଧୀନ ନୀତି ଅନୁସରଣ କରି ରୁଷିଆ ସହ ସମ୍ପର୍କକୁ ଆହୁରି ଗଭୀର କରିଛି। ମୋଦୀଙ୍କ "ଏହା ଯୁଦ୍ଧର ଯୁଗ ନୁହେଁ" ବାର୍ତ୍ତା ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଥିଲା ଏବଂ ପୁଟିନଙ୍କ ସହ ତାଙ୍କର ବ୍ୟକ୍ତିଗତ ବନ୍ଧୁତ୍ୱ ଏହି ସମ୍ପର୍କକୁ ଆଉଥରେ ମଜବୁତ କରିଛି।

ଏହି ଆଲୋଚନାରେ ପ୍ରତିରକ୍ଷା, ଶକ୍ତି, ବାଣିଜ୍ୟ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂଆ ସହଯୋଗର ରୂପରେଖ ପ୍ରସ୍ତୁତ ହୋଇଛି। ରୁଷିଆରୁ ଶସ୍ତା ତୈଳ ଆମଦାନି ଭାରତର ଅର୍ଥନୀତିକୁ ବଳ ଯୋଗାଇଛି ଏବଂ ରୁବଲ-ରୁପୀ ବାଣିଜ୍ୟ ବ୍ୟବସ୍ଥା ଡଲାର ନିର୍ଭରତାକୁ କମ୍ କରିଛି। ଏହା ଏକ ବହୁମୁଖୀ ବିଶ୍ୱ ବ୍ୟବସ୍ଥାର ପ୍ରତୀକ। ଏସ-୪୦୦ ମିସାଇଲ ସିଷ୍ଟମ୍, ବ୍ରହ୍ମୋସ ମିସାଇଲ ଭଳି ଯୌଥ ଉଦ୍ୟୋଗ ଏବଂ ଆଗକୁ ଆକାଶ ପ୍ରତିରକ୍ଷା ଓ ନୌସେନା କ୍ଷେତ୍ରରେ ସହଯୋଗ ଭାରତର ସୁରକ୍ଷାକୁ ଆଉଥରେ ମଜବୁତ କରୁଛି।

ଉତ୍ତର ଧ୍ରୁବୀୟ ମାର୍ଗ (ଉତ୍ତର ସମୁଦ୍ରାପଥ) ଓ ଚେନ୍ନାଇ-ଭ୍ଲାଦିଭୋଷ୍ଟକ ସମୁଦ୍ର ମାର୍ଗ ଭଳି ନୂଆ ବାଣିଜ୍ୟିକ ପଥ ଖୋଲିବା ପାଇଁ ମଧ୍ୟ ଦୁହେଁ ରାଜି ହୋଇଛନ୍ତି। ଏହା ଭାରତକୁ ରୁଷିଆର ପ୍ରାକୃତିକ ସମ୍ପଦ ଓ ବଜାର ସହ ଆଉଥରେ ନିକଟତର କରିବ। ପାରମାଣବିକ ଶକ୍ତି କ୍ଷେତ୍ରରେ କୁଦାନକୁଲମ ପ୍ରକଳ୍ପ ପରେ ଆଉ ଛଅଟି ରିଆକ୍ଟର ନିର୍ମାଣର ଯୋଜନା ଭାରତର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବ। ମୋଦୀ-ପୁଟିନ ଆଲୋଚନା କେବଳ ଦ୍ୱିପାକ୍ଷିକ ନୁହେଁ, ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦର୍ଶାଏ ଯେ ଭାରତ ନିଜର ହିତକୁ ପ୍ରାଥମିକତା ଦେଇ ଯେ କୌଣସି ଦେଶ ସହ ମଧୁର ସମ୍ପର୍କ ରକ୍ଷା କରିପାରେ। ଏହି ବନ୍ଧୁତ୍ୱ ଆଗକୁ ମଧ୍ୟ ଏକ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ଦେଉଛି। ଏହା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ପୁରୁଣା ମିତ୍ରତା ନୂଆ ଚ୍ୟାଲେଞ୍ଜ ସମୟରେ ମଧ୍ୟ ଅଟଳ ରହିପାରେ।

# ଯୁବକମାନଙ୍କ ପାଇଁ ରାଜନୀତି: ମୋର ଦୃଷ୍ଟିକୋଣ



**ଶୁଭ୍ରଜିତ ଦାଶ**

ଆଜିର ଭାରତର ଉନ୍ନୟନ ଯାତ୍ରାରେ ଯୁବଶକ୍ତି ହେଉଛନ୍ତି ସବୁଠାରୁ ବୃହତ୍ ପୁଞ୍ଜୀ। ଦେଶର ୬୫% ଜନସଂଖ୍ୟା ୩୫ ବର୍ଷ ତଳେ ଥିବାରୁ, ଭାରତର ଭବିଷ୍ୟତ୍, ନୀତି ଓ ନୂଆ ଦିଗର ନେତୃତ୍ୱ-ଯୁବକଙ୍କ ହାତରେ ତିଆରି ହେଉଛି। ଏହି ପରିପ୍ରେକ୍ଷି ରେ, ଭାରତୀୟ ଜନତା ପାର୍ଟି (ବିଜେପି) ଯୁବଶକ୍ତିକୁ ଦେଶର ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ଭାବେ ଦେଖୁଛି। ବିଜେପିର ମୂଳ ଧାରଣା ହେଉଛି-"ସୁଶାସନ, ଜାତୀୟତା, ଉନ୍ନତି ଓ ଯୁବଶକ୍ତିର ସଶକ୍ତିକରଣ।" ଦଳ ସ୍ପଷ୍ଟ ବିଶ୍ୱାସ କରେ ଯେ, ଯୁବକମାନେ ଯଦି ରାଜନୀତିରେ ସକ୍ରିୟ ଭାଗ ନେବେ, ତାହେଲେ ଦେଶର ନିଷ୍ପତ୍ତି ନେବା ପ୍ରକ୍ରିୟା ଅଧିକ ଗତିଶୀଳ, ବୈଜ୍ଞାନିକ ଓ ସମୟୋପଯୁକ୍ତ ହେବ।

**ଯୁବକଙ୍କ ପାଇଁ ସୃଷ୍ଟି ହୋଇଥିବା ନୂଆ ଅବସର**

ବିଜେପି ନେତୃତ୍ୱ ସଦା ଯୁବମାନଙ୍କୁ ନୂଆ ମଞ୍ଚ ଦେବାକୁ ଜୋର ଦେଇଛି। ବିଜେୱାଇଏମ ହେଉ କି ବିଭିନ୍ନ ଯୁବ ଅର୍ଗାନାଇଜେସନ୍- ଏହି ସବୁଠି ଯୁବମାନଙ୍କୁ ନୀତି, ନେତୃତ୍ୱ, ସମାଜସେବା ଓ ଗଢ଼ିଉଠିବାର ସୁବର୍ଣ୍ଣ ଅବସର ମିଳୁଛି। ଦଳ ମାନେଇ ଆସିଛି ଯେ— ଯୁବ ନେତା ହେଉଛନ୍ତି ଆଗାମୀ ଭାରତର ସ୍ତମ୍ଭ।

**ରାଷ୍ଟ୍ର ଗଠନରେ ଯୁବଙ୍କ ଭୂମିକା**

ବିଜେପିର ରାଷ୍ଟ୍ରଦୃଷ୍ଟିକୋଣରେ ଯୁବଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଦେଶରେ ଡିଜିଟାଲ୍ ପରିବର୍ତ୍ତନ, ଷ୍ଟାର୍ଟଅପ୍, ନବପ୍ରବର୍ତ୍ତନ, ସାମାଜିକ ସୁରକ୍ଷା, ସୀମା ସୁରକ୍ଷା ଓ ଅର୍ଥନୀତିର ଶକ୍ତିକରଣ-ଏହାର ଆଧାର ଯୁବଶକ୍ତିର ଉର୍ଜା। ଯୁବମାନେ ଯଦି ରାଜନୀତିରେ ପ୍ରବେଶ କରିବେ, ତେବେ ସମାଜରେ ଥିବା ଚାକିରି, ଶିକ୍ଷା, ମହିଳା ସୁରକ୍ଷା, ତଥ୍ୟ ତନ୍ତ୍ର, ପରିବେଶ-ଏହି ସବୁ ସମସ୍ୟାର ସଠିକ ସମାଧାନ ମିଳିବ।

**ସଖଳ ରାଜନୀତିକୁ ପ୍ରୋତ୍ସାହନ**

ବିଜେପି ବିଶ୍ୱାସ କରେ-ରାଜନୀତି ହେଉଛି ସବୁଠୁ ବୃହତ୍ ସମାଜସେବା। ଯୁବମାନଙ୍କ ମଧ୍ୟରେ ଶିଷ୍ଟାଚାର, ନୀତି, ଦାୟିତ୍ୱବୋଧ ଓ ରାଷ୍ଟ୍ରପ୍ରେମ ଗଢ଼ି ଉଠିବାକୁ ଏହି ଦଳ ଦୀର୍ଘଦିନ ଧରି ପ୍ରଚେଷ୍ଟା ଚଳାଉଛି। ଯୁବକମାନେ ସଠିକ ଧାରଣା ଓ ସଚେତନତା ସହିତ ରାଜନୀତିରେ ପ୍ରବେଶ କଲେ-ଦଳ ତୁଳନାରେ ଦେଶ ବୃହତ୍; ପଦ ତୁଳନାରେ ସେବା ବୃହତ-ଏହି ଆଦର୍ଶକୁ ପ୍ରାଣ ଦେଇପାରିବେ।

**ଯୁବଙ୍କୁ ବିଜେପି ଦେଇଥିବା ସନ୍ଦେଶ**

ବିଜେପି ସଦା କୁହିଥାଏ: "ଯୁବକ ଦେଶର ଭବିଷ୍ୟତ ନୁହେଁ, ଯୁବକ ଦେଶର ବର୍ତ୍ତମାନ।"। ସେମାନେ ଯଦି ନିଷ୍କ୍ରିୟ ହେବେ, ଲୋକତନ୍ତ୍ର ଦୃଢ଼ ହୋଇପାରିବ ନାହିଁ। ଯୁବକମାନେ ଯଦି ଆଗକୁ ଭଲ ରାଜନୀତି ଗଢ଼ିବେ, ସମାଜର ଭିତ୍ତି ଦୃଢ଼ ହେବ।

ଭାରତର ଉନ୍ନୟନ ଯାତ୍ରାରେ ବିଜେପିର ନେତୃତ୍ୱ ଯୁବକମାନଙ୍କୁ ଏକ ବଡ଼ ଭୂମିକାରେ ଦେଖୁଛି। ଯୁବମାନେ ଯଦି ରାଜନୀତିକୁ ନିଜ ଦାୟିତ୍ୱ ଭାବେ ନେବେ ଏବଂ ସାହସ, ଶେଷ୍ଠତା ଓ ସେବାଭାବରେ କାମ କରିବେ, ତେବେ ଆଗାମୀ ଭାରତ ଜଗତରେ ଶ୍ରେଷ୍ଠ ଦେଶ ହେବା ନିଶ୍ଚିତ। ଯୁବ ଶକ୍ତି ହେଉଛି ବିଜେପିର ପ୍ରେରଣା, ଭାରତର ଭବିଷ୍ୟତ।




# ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା



**ସୌର ଚନ୍ଦ୍ର ମହାପାତ୍ର**

କ୍ଷଣଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା। ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତ୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ୍ୟ ଲାଭ କରି। ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦତ୍ତ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଞ୍ଚିଗଲାଣି।

ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଞ୍ଚିଗଲାଣି। ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି। ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି। ତାଙ୍କ 'ସର୍ତ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଙ୍ଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି। ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଞ୍ଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ। ତାଙ୍କ ଜୀବନ ଓ ବାର୍ତ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି। ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ୍ୟ ହେଲେଣି ଯେ, ''ପ୍ରକୃତରେ ସେ କିଏ ?''

'ମୁଁ ଦିବ୍ୟସତ୍ତା ଏବଂ ତୁମ୍ଭେମାନେ ମଧ୍ୟ। ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସତ୍ତା ତୁମ୍ଭେମାନେ ନିଜେ ଦିବ୍ୟସତ୍ତା ବୋଲି ଜାଣିନାହାଁ' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଉତ୍ତର। ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା। ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି। ତାଙ୍କ ମିଶନ୍‌କୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଞ୍ଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି। ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସ୍‌ଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ।'



ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ। ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ। 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦତ୍ତ ଔଷଧାଦିର ବ୍ୟବସ୍ଥା ପତ୍ର। ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମ୍ପାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର। 'ମୋ ଜୀବନ ହିଁ ମୋର ବାର୍ତ୍ତା।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି। ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି। ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର। ଗୋଟିଏ ହେଉଛି ଗଡ଼ ମେଡ଼ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ଼ ଲ', ତୃତୀୟଟି ହେଉଛି ନେଚର ମେଡ଼ ଲ'। ଆମ୍ଭେମାନେ ଗଡ଼ ମେଡ଼ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର।

ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି। ତାଙ୍କ ବାର୍ତ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ। ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ। ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ। ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚି ପାରିଛି। ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର। ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି। ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି। ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି। ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ। ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର। ଭଗବାନ ତ ଅସୀମ। ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ। ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ। ସସୀମ, ଅସୀମ ଭିତରେ ଲୀନ ହୋଇଯାଏ। ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ। ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି।

ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ। ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ।

**ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ**
**ମୋବାଇଲ୍: ୯୪୩୭୦୦୪୪୬୬**

# ଶୀତରେ ସ୍ୱାସ୍ଥ୍ୟ ରକ୍ଷା



**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ଶୀତ ଆସିଲେ ଥଣ୍ଡା ଓ ସର୍ଦ୍ଦି ଆସିଯାଏ। ଶୀତର କୋପରୁ ରକ୍ଷା ପାଇବାକୁ କେତେକ ପ୍ରାଣୀ ମାଟିତଳେ ପୋତି ହୋଇ ରହିଥାନ୍ତି, କିନ୍ତୁ ମଣିଷକୁ ଶୀତର ପ୍ରକୋପ ଓ ତଜ୍ଜନିତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସହିତ ଲଢ଼େଇ କରିବାକୁ ପଡ଼ିଥାଏ। ଶୀତ କାରଣରୁ ବେଶୀ ସମୟ ଘର ଭିତରେ ରହିବା ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିକ ଧୀରେ ଧୀରେ ବଢ଼ିବାରେ ଲାଗେ। ବିଶେଷକରି ସଂକ୍ରମଣ ହେବାର ବେଶୀ ଆଶଙ୍କା ରହିଥାଏ। ସାଧାରଣତଃ ସର୍ଦ୍ଦି, ଥଣ୍ଡାର ପ୍ରାୟ ୨୦୦ ପ୍ରକାରର ଭୂତାଣୁ ସକ୍ରିୟ ହୋଇଯାନ୍ତି ଶୀତଦିନେ। ନାକ ଭିତରେ ଥିବା ସୂକ୍ଷ୍ମ ପରଦା ଶୁଷ୍କ ରହିବାରୁ ସହଜରେ ଭୂତାଣୁ ଦ୍ୱାରା ସଂକ୍ରମଣ ବ୍ୟାପିଥାଏ। ଥଣ୍ଡା ହେଲେ ପୁରା ଉପଶମ ପାଇଁ କୌଣସି ଔଷଧ ନାହିଁ, କିନ୍ତୁ ଏହାର ଲକ୍ଷଣ ଯଥା କାଶ, ଗଳାଫୁଲା, ନାକ ରୁନ୍ଧି ହୋଇଯିବା, ଛିଙ୍କ ଓ ଜ୍ୱରର ଚିକିତ୍ସା କରାଯାଇପାରେ। ଏଣୁ ଏଭଳି ସଂକ୍ରମଣରୁ କିଭଳି ରକ୍ଷା ପାଇବା ସେଥିପ୍ରତି ସତର୍କ ରହିବା ଜରୁରୀ।

କାଶ ଓ ଛିଙ୍କ ଆସିଲେ ମୁହଁରେ ହାତ ରଖିବା ଉଚିତ। ଏହାଦ୍ୱାରା ପାଖରେ ଥିବା ଅନ୍ୟ କେହି ଥଣ୍ଡା ଦ୍ୱାରା ସଂକ୍ରମିତ ହେବେନାହିଁ। ପ୍ରତିଦିନ ସାବୁନରେ ହାତ ସଫା କରିବା ଦରକାର। ଥଣ୍ଡା ହେଲେ ଡିସ୍‌ପୋଜାଲ ମାସ୍କ କିମ୍ବା ଡିସ୍‌ପୋଜାଲ ପେପର ବ୍ୟବହାର କରିବା ଦରକାର। ସର୍ଦ୍ଦି ଓ ଥଣ୍ଡା, କାଶରୁ ରକ୍ଷା ପାଇବାକୁ ହେଲେ ଘରକୁ ସଫା ରଖିବା ସହ ଏକ ସୁସ୍ଥ ବାତାବରଣର ଆବଶ୍ୟକତା ରହିଛି। ଯେଉଁମାନଙ୍କର ଫୁସ୍‌ଫୁସ୍ ଜନିତ ସମସ୍ୟା ରହିଛି ସେମାନେ ଏ କ୍ଷେତ୍ରରେ ବେଶୀ ଯତ୍ନବାନ ହେବା ଜରୁରୀ। ମୁଖ୍ୟତଃ ଶିଶୁମାନଙ୍କ ଠାରେ ଥିବା ଶ୍ୱାସକ୍ରିୟାଜନିତ ସମସ୍ୟା ଟାଳିବାକୁ କେତୋଟି ଦିଗ ପ୍ରତି ନଜର ରଖିବାକୁ ପଡ଼ିବ। ସ୍କୁଲ, ଘରେ କିମ୍ବା ଗହଳି ଜାଗାରେ ସର୍ଦ୍ଦିରେ ପୀଡ଼ିତଙ୍କ ସଂସ୍ପର୍ଶରେ ନଆସିବା ଭଲ। ପିଲାମାନଙ୍କର ଯେଭଳି ପୌଷ୍ଟିକ ତତ୍ତ୍ୱର ଅଭାବ ନରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଶରୀରକୁ ଶୀତରୁ ରକ୍ଷା କରିବାକୁ ଶୀତପୋଷାକ ପିନ୍ଧନ୍ତୁ। ତେବେ ଅତି ବେଶୀ ଶୀତ ପୋଷାକ ବ୍ୟବହାର କରିବା ଉଚିତ ନୁହେଁ। କାରଣ ଏହା ମଧ୍ୟ ସମସ୍ୟା ସୃଷ୍ଟି କରିବ। କେବେ ବି କନ୍‌ଭେନ୍‌ସନ ହିଟର ବ୍ୟବହାର କରିବେ ନାହିଁ। ଏହା ଘର ଭିତରର ବାୟୁକୁ ଶୁଷ୍କ କରିଦିଏ।

**ତ୍ୱଚା ସମସ୍ୟା:** ଶୀତଦିନେ ତ୍ୱଚା ଶୁଷ୍କ ରହେ ଓ ଫାଟେ। ଏଣୁ ତ୍ୱଚାରେ ମଏଶ୍ଚରାଇଜର ଲଗାଇବା ଆବଶ୍ୟକ। ମହିଳା ଓ ଶିଶୁମାନଙ୍କ ଠାରେ ଚିଲ୍‌ବ୍ଲେନସ୍ ଦେଖାଯାଏ। ପାଦରେ କିମ୍ବା ଅଙ୍ଗୁଳିରେ ଲାଲ୍‌ଦାଗ ହୋଇ ଫୁଲିଯାଇ ଫୋଟକା ଭଳି ହୋଇଯାଏ। ବେଳେବେଳେ ଏହା ନାକ କାନରେ ମଧ୍ୟ ଦେଖାଦିଏ। ଏହା ଯେଉଁଠି ହୋଇଥାଏ ସେହି ଜାଗା ଭୀଷଣ କୁଣ୍ଡାଇ ହୋଇ ଯନ୍ତ୍ରଣା ବି ହୁଏ। ଏହା ଦୁଇରୁ ତିନି ସପ୍ତାହଯାଏ ରହେ। ଚିଲ୍‌ବ୍ଲେନ୍ସ ଥଣ୍ଡା ପ୍ରଭାବରୁ ତ୍ୱଚାକୁ ରକ୍ତପ୍ରବାହ ବାଧାପ୍ରାପ୍ତ ହୋଇ ସୃଷ୍ଟି ହୋଇଥାଏ। ଯେତେବେଳେ ତାପମାତ୍ରା କମ୍ ରହେ ସେତେବେଳେ ଭୀଷଣ ଥଣ୍ଡା ଯୋଗୁଁ ତ୍ୱଚା ତଳେ ଥିବା ବ୍ଲଡ଼ ଭେସଲସ୍ ସଂକୁଚିତ ହୋଇ ଏଭଳି ସମସ୍ୟା ସୃଷ୍ଟି ହୁଏ। ଏଣୁ ତ୍ୱଚା ଯଦି ତାପମାତ୍ରା ସଂସ୍ପର୍ଶରେ ଆସେ ତେବେ ତାହା ପୁଣି ହଠାତ୍ ଚଉଡା ହୋଇଯାଏ। ଏହି କ୍ରିୟା ଖୁବ୍ ଶୀଘ୍ର ଘଟିଥାଏ ଓ ସେତେବେଳେ ରକ୍ତ ପାଖାପାଖି ଟିସୁ୍ୟକୁ ଲିକ୍ କରିଯାଏ ଯାହାଫଳରେ ବିଲ୍‌ବ୍ଲେନସ ହୋଇଥାଏ।

**ଗଣ୍ଠି ଯନ୍ତ୍ରଣା:** ଶୀତଦିନେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ନିୟନ୍ତ୍ରଣ ରଖିବାକୁ ପେରିଫେରିଆଲ ଅଂଶକୁ ରକ୍ତ ପ୍ରବାହ କମ୍ ହୋଇଥାଏ। ଏହାଯୋଗୁଁ ଗଣ୍ଠି ଜାଗାଗୁଡ଼ିକ ବେଶୀ ନମନୀୟ ଓ ସଞ୍ଚାଳନ ଯୋଗ୍ୟ ହୋଇପାରେ ନାହିଁ ଏବଂ ବାୟୁମଣ୍ଡଳର ଚାପରେ ପରିବର୍ତ୍ତନ ହେତୁ ଗଣ୍ଠି ଫୁଲିଯାଏ ଓ ଯନ୍ତ୍ରଣା ହୋଇଥାଏ। ଶୀତରେ ସୂର୍ଯ୍ୟକିରଣ ଶରୀର କମ୍ ପାଉଥିବାରୁ ଭିଟାମିନ୍-ଡି ଅଭାବରେ ହାଡ଼ ଦୁର୍ବଳ ହୋଇ ଏହି ସମସ୍ୟାକୁ ଆହୁରି ଜଟିଳ କରିଦିଏ। ଏଣୁ ସୂର୍ଯ୍ୟାଲୋକ ପ୍ରତିଦିନ ଦରକାର।

**ପ୍ରତିରୋଧକ ଶକ୍ତି:** ଶୀତରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ସୁଷମ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରତିରୋଧକ ଶକ୍ତି ଠିକ୍ ରହିଲେ ତାହା ଯେ କୌଣସି ସଂକ୍ରମଣକୁ ପ୍ରତିହତ କରିପାରିବ। ଏଣୁ ପ୍ରତିଦିନ ତୁଳସୀ ପତ୍ର ସେବନ କରିବା ଆବଶ୍ୟକ। ଏହାସହ ଖାଦ୍ୟରେ ଗୋଲମରିଚ ଓ ହଳଦୀ ବି ଖାଇବା ଦରକାର। ରସୁଣ ଓ ଚା'ର ବି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର କ୍ଷମତା ରହିଛି। ପ୍ରତିଦିନ ଶୀତଦିନର ଖାଦ୍ୟରେ ଏହି ଖାଦ୍ୟଗୁଡ଼ିକୁ ସାମିଲ କରନ୍ତୁ, ଅନେକଗୁଡ଼ିଏ ସମସ୍ୟା ଦୂର ହୋଇଯିବ।

**ପେଟ ଗୋଳମାଳ:** ବର୍ଷା ଓ ଖରାଦିନ ଭଳି ଶୀତଦିନରେ ପେଟ ଗୋଳମାଳ ହେବା ବେଶୀ ଲକ୍ଷ୍ୟ କରାଯାଏନି। କିନ୍ତୁ ବିଭିନ୍ନ ପର୍ବ ଓ ଭୋଜିର ଆସର ଜମିଥାଏ ଯେଉଁଥିରେ ବେଶୀ ତେଲିଆ ଖାଦ୍ୟ ଖାଇବା ଦେଖାଯାଏ। ଦିନ ଛୋଟ ରହେ ଓ କମ୍ ସୂର୍ଯ୍ୟକିରଣ ମିଳେ। ଅନ୍ୟପକ୍ଷରେ ଶାରୀରିକ ପରିଶ୍ରମ ବି କମ୍ ହୁଏ। ଯାହାଦ୍ୱାରା ଆମେ ଯେତିକି କ୍ୟାଲୋରୀ ନେଉ ତାହା ସେହି ଅନୁପାତରେ କ୍ଷୟ ହୁଏନାହିଁ। ଏଣୁ ଅଲସୁଆ ଲାଗେ ଓ ଓଜନ ବି ବୃଦ୍ଧି ହୋଇଥାଏ। ଆଲକୋହଲ ନେବା ବଢ଼ିଯାଏ ଶୀତଦିନରେ ଯାହା ସମସ୍ୟା ଆଣେ। ଶୀତରେ ଚା, କଫି ସାଙ୍ଗକୁ ଧୂମପାନ ଅଭ୍ୟାସ ବି ବଢ଼ିଯାଏ। ଏଭଳି ସ୍ଥିତିରେ ଛାତିପୋଡ଼ା, ବଦହଜମି ଓ କୋଷ୍ଟବଦ୍ଧତା ଦେଖାଦିଏ। ଏଣୁ ଗରିଷ୍ଠ ଖାଦ୍ୟଠୁ ଯେତେ ଦୂରେଇ ରହିବେ ସେତେ ଉପକାର।

**ଗଣ୍ଠି ଯନ୍ତ୍ରଣା କମ୍ କରନ୍ତୁ:** ଶୀତ ପୋଷାକ ଓ ହାତରେ ଗ୍ଲୋଭ୍‌ସ ପିନ୍ଧନ୍ତୁ। ଯେଉଁଠି ଗଣ୍ଠି ବେଶୀ ଫୁଲିଥିବ ସେଠି ଉଲ୍‌ର ଆଉ ଏକ କଭର ରଖନ୍ତୁ। ଘର ଭିତରେ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ସକ୍ରିୟ ରହିବ ଓ ବିନ୍ଧା କମ୍ ହେବ। ନଖ ଉଷୁମ ପାଣିରେ ଗାଧୋଇବା ହିତକର। ୱାର୍ମବାଥ ପରେ ହଠାତ୍ ବାହାରକୁ ଯିବା ଉଚିତ ନୁହେଁ। ଖରାରେ କିଛି ସମୟ ରୁହନ୍ତୁ ଯାହା ଭିଟାମିନ୍ ଡି ଯୋଗାଇଦେବ। ଯଦି ଏହା ସମ୍ଭବ ହୋଇପାରୁନାହିଁ ତେବେ ଭିଟାମିନ ଡି ସପ୍ଲିମେଣ୍ଟ ଖାଆନ୍ତୁ। ଯଦିଓ ଏହାର କୌଣସି ହର୍ବାଲ ସପ୍ଲିମେଣ୍ଟ ନାହିଁ ତଥାପି ଯନ୍ତ୍ରଣା କମାଇବାକୁ ଗ୍ଲୁକୋସମାଇନ ଏବଂ କୋଣ୍ଡ୍ରାଇଟିନ୍ ସପ୍ଲିମେଣ୍ଟ ସେବନ କରିବା କିଛି କ୍ଷତିକାରିକ ନୁହେଁ। ପାଗ ଯେତେବେଳେ ପୁରା ଥଣ୍ଡା ଥାଏ ସେତେବେଳେ କେବେ ବି ବାହାରକୁ ବାହାରନ୍ତୁ ନାହିଁ। ଥଣ୍ଡା ଜାଗାରେ ଖାଲି ପାଦରେ ବି ଚାଲନ୍ତୁ ନାହିଁ। ଯଦି ବାହାରକୁ ଯିବା ନିହାତି ଦରକାର ତେବେ ଜୋତା ପିନ୍ଧନ୍ତୁ ଓ ଶୀତରୁ ଶରୀରକୁ ରକ୍ଷା କରିପାରୁଥିବା ଭଲ ପୋଷାକ ବ୍ୟବହାର କରନ୍ତୁ। ଓମେଗା-୩ଫ୍ୟାଟି ଏସିଡ୍ ଫୁଲା କମାଇବାରେ ସହାୟକ ହୋଇଥାଏ। ଦିନକୁ ୨ରୁ ୩ଗ୍ରାମ ଆବଶ୍ୟକ। ଏହା ନେବା ଆଗରୁ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ନ୍ତୁ। କାରଣ ଏହା ବ୍ଲିଡିଂ ଭଳି ସମସ୍ୟା ସୃଷ୍ଟି କରିଥାଏ। ଲାଇଫ୍‌ଷ୍ଟାଇଲ ପରିବର୍ତ୍ତନ ଯଦି ନକରିପାରୁଛନ୍ତି ତେବେ ନନ୍ ଷ୍ଟିରଏଡ୍ ଆଣ୍ଟିଇନ୍‌ଫ୍ଲାମାଟୋରୀ ଡ୍ରଗ୍ସ ସେବନ କରିପାରିବେ। ଶୀତରେ ମସାଜ ମାଂସପେଶୀକୁ ସକ୍ରିୟ ରଖିବା ସହ ଗଣ୍ଠି ଯନ୍ତ୍ରଣା ହ୍ରାସ କରିଥାଏ। ଆକ୍ୟୁପଙ୍କଚର ମଧ୍ୟ ଅନେକ ଲାଭ ପହଞ୍ଚାଇଥାଏ। ନଖ ଉଷୁମ ପାଣିରେ ଗାଧାନ୍ତୁ। ଏହାପରେ ଶରୀରରେ ତେଲ ମାଲିସ୍ କରନ୍ତୁ। ପୁରା ଶୁଷ୍କ ସ୍କିନ ଲୋସନ କିମ୍ବା ମଶ୍ଚରାଇଜର ବ୍ୟବହାର କରିବା ଉଚିତ। ମୁହଁରେ ଫେସ୍ ଲୋସନ ଲଗାନ୍ତୁ। ଉଷୁମ ପାଣିରେ କେବେ ବି ମୁହଁ ଧୁଅନ୍ତୁ ନାହିଁ। ହାତ ଓ ପାଦର ସୁରକ୍ଷା ପାଇଁ ଚିଲ୍‌ବ୍ଲେନ୍‌ସରୁ ମୁକ୍ତ ହେବାକୁ ପଡ଼ିବ। ଏଥିପାଇଁ ଏକ ଲିଟର ଉଷୁମ ପାଣିରେ ଏକ ଚାମଚ ଲୁଣ ମିଶାଇ ହାତ ଓ ପାଦ ୫-୧୦ ମିନିଟ୍ ଯାଏ ବୁଡ଼ାଇ ରଖନ୍ତୁ। ଏହାପରେ ଟାୱେଲରେ ଭଲ କରି ପୋଛି ସେଥିରେ ମଏଶ୍ଚରାଇଜର କ୍ରିମ ଲଗାନ୍ତୁ। ମୁଣ୍ଡରେ ରୁପି ହେଉଥିଲେ କିମ୍ବା ଶୁଷ୍କ ତ୍ୱଚା ଛାଡୁଥିଲେ ନଡ଼ିଆ, ଅଲିଭ ନଚେତ ଆଲମଣ୍ଡ ତେଲ ମୁଣ୍ଡର ତ୍ୱଚାରେ ଭଲ ଭାବେ ମାଲିସ୍ କରିବା ପରେ ଉଷୁମ ପାଣିରେ ସଫା କରନ୍ତୁ। ଓଠକୁ ଶୁଷ୍କ ନରଖିବା ପାଇଁ ମେଟାଲିକ୍ ଲିପ୍‌ଷ୍ଟିକ୍ ବ୍ୟବହାର ଛାଡ଼ନ୍ତୁ। ଲିପ୍ ଗ୍ଲାସ ବ୍ୟବହାର କରିବା ମଧ୍ୟ ଭଲ। ଏହାଦ୍ୱାରା ଓଠ ସୁନ୍ଦର ଓ ସତେଜ ଦିଶେ। ଶୀତକୁ ନେଇ ସେପରି ଭୟଭୀତ ହୁଅନ୍ତୁ ନାହିଁ। ବାସ୍ତବରେ ଶୀତ ଏକ ଆନନ୍ଦପୂର୍ଣ୍ଣ ଋତୁ କହିଲେ ଅତ୍ୟୁକ୍ତି ହେବନାହିଁ।

**କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**



### ଏସିଆ ପାୱାର ଇଣ୍ଡେକ୍ସ-୨୦୨୫

# ବିଶ୍ୱର ତୃତୀୟ ସବୁଠୁ ଶକ୍ତିଶାଳୀ ଦେଶ ଭାରତ



ନୂଆଦିଲ୍ଲୀ ୨୮।୧୧: ଅଷ୍ଟ୍ରେଲିଆର ଲୋଓ୍ୱି ଇନିଷ୍ଟିଟ୍ୟୁଟ୍ 'ଏସିଆ ପାୱାର ଇଣ୍ଡେକ୍ସ-୨୦୨୫' ଜାରି କରିଛି। ଏହି ରିପୋର୍ଟରେ ଏସିଆର ସୈନ୍ୟ, ଆର୍ଥିକ ଓ କୂଟନୈତିକ ଶକ୍ତିର ବିଶ୍ଳେଷଣ କରାଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱର ଶକ୍ତିଶାଳୀ ଦେଶଙ୍କ ସୂଚୀରେ ଭାରତ ତୃତୀୟ ସ୍ଥାନରେ ପହଞ୍ଚିଛି। ଏଥିରେ ଏସିଆର ୨୭ ଦେଶଙ୍କ ଶକ୍ତିକୁ ୮ ପ୍ରମୁଖ ଆଧାରରେ ଅଙ୍କା ଯାଇଛି, ଯେଉଁଥିରେ ସୈନ୍ୟ କ୍ଷମତା, ଆର୍ଥିକ ଶକ୍ତି, ପ୍ରତିରକ୍ଷା ନେଟୱାର୍କ, କୂଟନୈତିକ ପ୍ରଭାବ, ସାଂସ୍କୃତିକ ପହଞ୍ଚ, ନମନିୟତା ଓ ଭବିଷ୍ୟତର କ୍ଷମତା ଆଦି ଆକଳନ କରାଯାଇଛି।

ରିପୋର୍ଟ ଅନୁସାରେ ଭାରତ ଏକ ଦୀର୍ଘ ଲମ୍ଫ ପ୍ରଦାନ କରି ତୃତୀୟ ସ୍ଥାନ ହାସଲ କରିଛି ଓ ୨ ସୁପର ପାୱାରଙ୍କ ପଛକୁ ମେଜର ପାୱାର ଭାବେ ଉଭା ହୋଇଛି। ରିପୋର୍ଟରେ କୁହାଯାଇଛି ଭାରତ ଦ୍ରୁତ ବିକାଶ କରୁଥିବା ଏକ ଦେଶରେ ପରିଣତ ହୋଇଛି ଓ ୪୦.୦ ସ୍କୋର ସହିତ ମେଜର ପାୱାର ଭାବେ ଦୃଢ଼ ଭାବେ ସ୍ଥାପିତ ହୋଇଛି। ଭାରତର ଏହି ପ୍ରଗତି ଆର୍ଥିକ ବିକାଶ, ପ୍ରତିରକ୍ଷା କ୍ଷମତା ଓ ଭବିଷ୍ୟତର ସଂସାଧନ ଶକ୍ତିରେ ପ୍ରେରିତ ବୋଲି ସ୍ୱୀକାର କରାଯାଇଛି।

ଏହି ରିପୋର୍ଟରେ କେବଳ ଆମେରିକା ଓ ଚୀନକୁ ସୁପର ପାୱାର ଶ୍ରେଣୀରେ ରଖାଯାଇଛି। ଆମେରିକା ଏବେବି ୧ ନମ୍ବର ହୋଇ ରହିଛି, ହେଲେ ଏହାର ପ୍ରଭାବ ସ୍କୋର ୨୦୧୮ ପରେ ସବୁଠୁ ନିମ୍ନ ସ୍ତରରେ ପହଞ୍ଚିଛି। ଏଥି ଲାଗି ବିଶେଷଜ୍ଞ ଟ୍ରମ୍ପ ସରକାରଙ୍କ ନୀତିଗୁଡିକ ଦାୟୀ ବୋଲି କହିଛନ୍ତି। ଚୀନ୍ ଲଗାତାର ଆମେରିକାର ନିକଟତର ହେବାରେ ଲାଗିଛି ଓ ଦୁଇ ଦେଶଙ୍କ ମଧ୍ୟରେ ଅନ୍ତର ଏବେ ନ୍ୟୁନତମ ସ୍ତରରେ ରହିଛି। ସେପଟେ ଋଷିଆ ୨୦୧୯ ପରେ ପ୍ରଥମ ଥର ନିଜ ରାଙ୍କିଙ୍ଗରେ ସୁଧାର ଆଣିଛି। ତେବେ ଏହା ଚୀନ୍ ଓ ଉତ୍ତର କୋରିଆ ସହିତ ରଣନୈତିକ ଭାଗିଦାରୀ ଓ ପ୍ରତିରକ୍ଷା ସମ୍ପର୍କ ବୃଦ୍ଧି ଯୋଗୁ ସମ୍ଭବ ହୋଇଛି।

### ବାତ୍ୟା ଡିଟୱାର ତାଣ୍ଡବ

# ଗଲାଣି ୫୬ ଜୀବନ, ୬୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ



**୪୩,୯୯୧ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର**

**ସମସ୍ତ ସରକାରୀ ଅଫିସ ଓ ସ୍କୁଲ ଛୁଟି ଘୋଷଣା**

**୩୦ରେ ତାମିଲନାଡୁ ଛୁଇଁବ ବାତ୍ୟା**

**ଭାରତ ପକ୍ଷରୁ ଅପରେସନ ସାଗର ବନ୍ଧୁ ଆରମ୍ଭ**

ନୂଆଦିଲ୍ଲୀ/କଲମ୍ବୋ, ୨୮।୧୧: ସାମୁଦ୍ରିକ ଝଡ଼ ଡିଟୱା ଶ୍ରୀଲଙ୍କାରେ ରଚିଛି ତାଣ୍ଡବ। ବାତ୍ୟା ଯୋଗୁ ଲାଗି ରହିଥିବା ଝଡ଼ ବର୍ଷା। ଶ୍ରୀଲଙ୍କାର ଉପକୂଳବର୍ତ୍ତୀ ଅଞ୍ଚଳରେ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ନିଖୋଜ ରହିଛନ୍ତି।

ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି। ସେହିପରି ଅଚାନକ ବନ୍ୟା ଶ୍ରୀଲଙ୍କାବାସୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ଆଗକୁ ବାତ୍ୟା ଡିଟୱା ଅଧିକ ଘନୀଭୂତ ହୋଇ ଅତିଭୀଷଣ ବାତ୍ୟା ରୂପ ନେବାର ଆଶଙ୍କା ରହିଛି। ଅତି ଭୀଷଣ ବାତ୍ୟାର ରୂପ ନେଇ ଏହା ଭାରତର ତାମିଲନାଡୁ ଉପକୂଳରେ ନଭେମ୍ବର ୩୦ ବେଳକୁ ସ୍ଥଳ ଭାଗ ଛୁଇଁବାର ଯଥେଷ୍ଟ ଆଶଙ୍କା ରହିଥିବା ଆଇଏମଡି ପୂର୍ବାନୁମାନ କରିଛି। ଏହାର ପ୍ରଭାବ ଏବେ ଠାରୁ ହିଁ ତାମିଲନାଡୁର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ସମୁଦ୍ର ଅଶାନ୍ତ ରହିବା ସହ ଲଗାଣ ବର୍ଷା ଆରମ୍ଭ ହୋଇଯାଇଛି। ଭାରତକୁ ଡିଟୱା ଆସିବା ପୂର୍ବରୁ ଶ୍ରୀଲଙ୍କାରେ ଜୀବନ ନେଇଛି। ବାଦୁଲ୍ଲା ଜିଲ୍ଲାରେ ଭୂସ୍ଖଳନ ହେବାରୁ ୨୧ ଜଣ ପ୍ରାଣ ହରାଇଛନ୍ତି। କାଦୁଅ ମିଶା ପାଣି ଏକାଧିକ ଘର ଓ ରାସ୍ତାକୁ ଭସାଇ ନେଇଛି। ଶ୍ରୀଲଙ୍କା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର କହିଛି ଯେ, ବାତ୍ୟା ପ୍ରଭାବରେ ଲାଗି ରହିଥିବା ବର୍ଷା ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ଡିଏମସି କହିଛି ଯେ ଅବିଶ୍ରାନ୍ତ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଥିବା ଜଳ ଭଣ୍ଡାର ଓ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବନ୍ୟା ପାଣି ରାସ୍ତା ଉପରେ ଚାଲୁଥିବାରୁ କିଛି ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବନ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯାତ୍ରୀବାହୀ ଟ୍ରେନ ଚଳାଚଳକୁ ବନ୍ଦ କରି ଦିଆଯାଇଛି। ଶ୍ରୀଲଙ୍କା ସ୍ଥିତି ଜଟିଳ ହେଉଥିବାରୁ ଭାରତ ସରକାର ସହାୟତାର ହାତ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି। ସେହିପରି ଭାରତ ସରକାରଙ୍କ ପକ୍ଷରୁ ଅପରେସନ ସାଗର ବନ୍ଧୁ ଆରମ୍ଭ କରାଯାଇଛି। ଏହାବାଦ ଆଇଏନଏସ୍ ବିକ୍ରାନ୍ତ ମଧ୍ୟ ସହାୟତା କରିବା ପାଇଁ ପ୍ରସ୍ତୁତ ରହିଛି।

ଏଥିଯୋଗୁ ୪୩,୯୯୧ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍କୁଲ ଘର ଓ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ୩୦୦ ମିମିରୁ ଅଧିକ ବର୍ଷା ହେବାରୁ ଦେଶର ପୂର୍ବ ଓ କେନ୍ଦ୍ର ଭାଗରେ ବନ୍ୟା ଦେଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣ ପ୍ରାଣ ହରାଇବା ବେଳେ ୬୦୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ସ୍ଥିତିକୁ ଦେଖି ଶ୍ରୀଲଙ୍କାରେ ସମସ୍ତ ସରକାରୀ ଅଫିସ ଓ ସ୍କୁଲକୁ ଶୁକ୍ରବାର ଛୁଟି ଘୋଷଣା କରାଯାଇଛି।

ଗୁରୁବାର ରାତିଠାରୁ ସ୍ଥିତି ଜଟିଳ ହୋଇଛି। ବଦୁଲ୍ଲା ଓ ନୁଓ୍ୱାରା ଇଲିୟା ଭଳି ଚା' ଚାଷ ହେଉଥିବା ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଏହି ଦୁଇଟି ସ୍ଥାନରେ ୨୧ରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ମାଟି ତଳୁ ୧୪ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଜାତିସଂଘ କମିଶନର ନେତୃତ୍ୱ ନେବେ ଜଷ୍ଟିସ୍ ଏସ୍. ମୁରଲୀଧର



**ଇସ୍ରାଏଲ ବିରୋଧୀ ମାମଲା**

ନୂଆଦିଲ୍ଲୀ, ୨୮।୧୧: ଏକ ବିରଳ ପଦକ୍ଷେପରେ ଜାତିସଂଘର ଏକ ଗୁରୁତ୍ୱପୂର୍ଣ୍ଣ ତଦନ୍ତକାରୀ ପ୍ୟାନେଲର ମୁଖ୍ୟ ଭାବରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କୁ ମନୋନୀତ କରାଯାଇଛି। ଇସ୍ରାଏଲ୍ ଏବଂ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳରେ ହୋଇଥିବା ମାନବ ଅଧିକାର ଉଲ୍ଲଂଘନ ଘଟଣାର ତଦନ୍ତ ପାଇଁ ଗଠିତ ଏହି ତିନିଜଣିଆ କମିଶନର ସେ ଅଧ୍ୟକ୍ଷତା କରିବେ। ୨୦୨୩ରେ ଅବସର ନେଇଥିବା ଜଷ୍ଟିସ୍ ମୁରଲୀଧର ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳ ଉପରେ ଜାତିସଂଘର ସ୍ୱାଧୀନ ଅନ୍ତର୍ଜାତୀୟ ତଦନ୍ତ କମିଶନର ନେତୃତ୍ୱ ନେବେ। ୨୦୨୧ରେ ଗଠିତ ଏହି କମିଶନର କାର୍ଯ୍ୟ ହେଉଛି ଉଭୟ ପକ୍ଷରୁ ହୋଇଥିବା ମାନବ ଅଧିକାର ଉଲ୍ଲଂଘନ ଅଭିଯୋଗର ଯାଞ୍ଚ କରିବା। ଗତବର୍ଷ ଏହି କମିଶନକୁ ଅଧିକ କ୍ଷମତା ଦିଆଯାଇଛି। ବିଶେଷ କରି ଅକ୍ଟୋବର ୭, ୨୦୨୩ ପରେ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଅସ୍ତ୍ରଶସ୍ତ୍ର ବିକ୍ରି ଏବଂ ଇସ୍ରାଏଲ୍ ବସତିବାସୀଙ୍କ ଉପରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଶନ ୨୦୨୫ ସେପ୍ଟେମ୍ବରରେ ଦାଖଲ କରିଥିବା ଏକ ରିପୋର୍ଟରେ ଇସ୍ରାଏଲ୍ ଗାଜାରେ ପାଲେଷ୍ଟାଇନ୍ ନାଗରିକଙ୍କ ବିରୋଧରେ ଜନସଂହାର କରିଥିବା ଅଭିଯୋଗ କରିଥିଲା। ଜଣାଶୁଣା ଓ ସାହସିକ ରାୟ ପାଇଁ ପ୍ରସିଦ୍ଧ ଜଷ୍ଟିସ୍ ମୁରଲୀଧର ୨୦୨୧ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ ହୋଇଥିଲେ। ସେ ମାଡ୍ରାସ ହାଇକୋର୍ଟରେ ଆଇନଜୀବୀ ଭାବରେ ନିଜର କ୍ୟାରିଅର୍ ଆରମ୍ଭ କରିଥିଲେ ଏବଂ ଦିଲ୍ଲୀ ହାଇକୋର୍ଟରେ ମଧ୍ୟ କାର୍ଯ୍ୟ କରିଛନ୍ତି।

### ବିହାରରେ ନୀତୀଶଙ୍କ ଭେଟି

# ୧୦ ଲକ୍ଷ ମହିଳାଙ୍କୁ ଦେଲେ ୧୦୦୦କୋଟି ଟଙ୍କା



ପାଟନା,୨୮।୧୧: ବିହାରରେ ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନେଇଛନ୍ତି ବଡ଼ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ମହିଳା ଯୋଜନା ମାଧ୍ୟମରେ ପାଖାପାଖି ୧୦ ଲକ୍ଷ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବରେ ୧୦ ହଜାର ଟଙ୍କା ଲେଖାଏଁ ପଠାଯାଇଛି। ଏପର୍ଯ୍ୟନ୍ତ ୧ କୋଟି ୪୦ ଲକ୍ଷ ମହିଳା ଏହି ଯୋଜନାରେ ଉପକୃତ ହୋଇସାରିଛନ୍ତି।

ବିହାର ବିଧାନସଭା ନିର୍ବାଚନ ପରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ସେ ମହିଳାମାନଙ୍କୁ ଆର୍ଥିକ ରୂପରେ ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାକୁ ଆହୁରି ଅଧିକ ବ୍ୟାପକ କରିଛନ୍ତି। ଆଜି ସକାଳ ୧୧:୩୦ରେ ତାଙ୍କ ବାସଭବନସ୍ଥିତ ସଂକଳ୍ପ ଅଡିଟୋରିୟମ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡିବିଟି ମାଧ୍ୟମରେ ଏହି ରାଶି ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ୧୦୦୦ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଉପସ୍ଥିତ ରହିଥିଲେ। ଆଗରୁ ୬ଟି କିସ୍ତି ମିଳିଥିବା ବେଳେ ବିହାର ନିର୍ବାଚନ ପରେ ମହିଳାଙ୍କୁ ପ୍ରଥମ କିସ୍ତି ମିଳିଛି। ଡିସେମ୍ବର ୧୪ସୁଦ୍ଧା ସବୁ କିସ୍ତି ମିଳିଯିବ ବୋଲି ନୀତୀଶ କୁମାର କହିଛନ୍ତି। ଏହି କିସ୍ତି ଦେଇ ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି କେବଳ ନିର୍ବାଚନ ପର୍ଯ୍ୟନ୍ତ ନୁହେଁ, ଆମ ସରକାର ନିର୍ବାଚନ ପରେ ମଧ୍ୟ ଦେଇଥିବା କଥାକୁ କାର୍ଯ୍ୟକାରୀ କରିଥାଏ। ଅର୍ଥ ରାଶି ମାଧ୍ୟମରେ ମହିଳାମାନେ ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, କୃଷିଭିତ୍ତିକ କାମ, ସିଲେଇ ଏବଂ ଛୋଟ ବ୍ୟବସାୟ ମାଧ୍ୟମରେ ଭଲ ରୋଜଗାର କରିବା ଆରମ୍ଭ କରିଛନ୍ତି।

# ୟୁକ୍ରେନ ପଛକୁ ହଟିଲେ ହିଁ ଯୁଦ୍ଧ ବନ୍ଦ ହେବ: ପୁଟିନ

ମସ୍କୋ, ୨୮।୧୧: ଋଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଏକ ପ୍ରମୁଖ ରାଜନୈତିକ ବିକାଶ ଦେଖାଦେଇଛି। ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିଶ୍ଚିତ କରିଛନ୍ତି ଯେ, ଆମେରିକୀୟ ଅଧିକାରୀମାନେ ଆସନ୍ତା ସପ୍ତାହରେ ମସ୍କୋ ଗସ୍ତ କରିବେ। ଏହି ଗସ୍ତକାଳରେ ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଉପସ୍ଥାପିତ ୨୮-ସୂତ୍ରୀ ଶାନ୍ତି ପ୍ରସ୍ତାବ ଉପରେ ଆଲୋଚନା ହେବ। କିର୍ଗିଜସ୍ତାନକୁ ତିନି ଦିନିଆ ଗସ୍ତ ପରେ ପୁଟିନ ଗଣମାଧ୍ୟମ ସହିତ ଆଲୋଚନା ସମୟରେ ଏହି ଘୋଷଣା କରିଥିଲେ।

ପୁଟିନ କହିଛନ୍ତି ଯେ, ଆମେରିକା ଦ୍ୱାରା ଉପସ୍ଥାପିତ ଶାନ୍ତି ପ୍ରସ୍ତାବ ଆଲୋଚନାର ଆଧାର ହୋଇପାରେ। ସେ କହିଛନ୍ତି, ଆମେ ଏହି ପ୍ରସ୍ତାବର ପ୍ରତ୍ୟେକ ବିନ୍ଦୁ ଉପରେ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ। ତଥାପି, ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ୟୁକ୍ରେନକୁ ପ୍ରଥମେ ଋଷ ଦାବି କରୁଥିବା ଅଞ୍ଚଳରୁ ତାର ସୈନ୍ୟ ପ୍ରତ୍ୟାହାର କରିବାକୁ ପଡିବ। ପୁଟିନ ଚେତାବନୀ ଦେଇଛନ୍ତି ଯେ, ଯଦି ୟୁକ୍ରେନୀୟ ସୈନ୍ୟ ପ୍ରତ୍ୟାହାର ନକରନ୍ତି, ତେବେ ଋଷ ବଳ ପ୍ରୟୋଗ କରିବ।

ଅନ୍ୟପଟେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପୁଟିନଙ୍କ ବିବୃତ୍ତିକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଶାନ୍ତି ଋଷର ଧମକ କିମ୍ବା ଚେତାବନୀ ଦ୍ୱାରା ନିର୍ଣ୍ଣୟ ହେବ ନାହିଁ ବରଂ ଅନ୍ତର୍ଜାତୀୟ ପରିସ୍ଥିତି ଦ୍ୱାରା ନିର୍ଣ୍ଣୟ ହେବ। ତାଙ୍କ ଭାଷଣରେ, ଜେଲେନସ୍କି କହିଛନ୍ତି, ଆମେ, ଆମେରିକୀୟ ପ୍ରତିନିଧିମାନଙ୍କ ସହିତ ଜେନେଭାରେ ପହଞ୍ଚିଥିବା ଶାନ୍ତି ବିନ୍ଦୁଗୁଡ଼ିକୁ ଆଗକୁ ବଢ଼ାଉଛୁ ଏବଂ ସୁରକ୍ଷା ଦିଗରେ କାମ କରୁଛୁ। ସୂତ୍ର ଅନୁଯାୟୀ, ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଆସନ୍ତା ସପ୍ତାହରେ ମସ୍କୋରେ ପହଞ୍ଚିବେ, ଯେତେବେଳେ ଆମେରିକୀୟ ସେନା ସଚିବ ଡାନ୍ ଡ୍ରିସ୍କଲ୍ ଖୁବ୍ ଶୀଘ୍ର କିଭ୍ ଗସ୍ତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଋଷ-ୟୁକ୍ରେନ ଯୁଦ୍ଧ ୟୁରୋପୀୟ ଦେଶଗୁଡ଼ିକର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି ବୋଲି ବିଶ୍ୱାସ କରାଯାଉଛି। ଫଳସ୍ୱରୂପ, ଅନେକ ୟୁରୋପୀୟ ନେତା ଏବେ ଶାନ୍ତି ପ୍ରକ୍ରିୟାରେ ସେମାନଙ୍କର ଭୂମିକା ନିର୍ଣ୍ଣୟ କରିବା ପାଇଁ ଆଲୋଚନାରେ ଯୋଗଦେବାକୁ ଚେଷ୍ଟା କରୁଛନ୍ତି। ପୁଟିନ୍ ଦାବି କରିଛନ୍ତି ଯେ, ଋଷ ନାଟୋ କିମ୍ବା ୟୁରୋପ ଉପରେ ଆକ୍ରମଣ କରିବ ନାହିଁ। ସେ ଏପରି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି ଖାରଜ କରିଛନ୍ତି।

### କପିଳ ଶର୍ମା କେଫେ ଫାୟରିଂ ମାମଲା

# ଦିଲ୍ଲୀରୁ ମୁଖ୍ୟ ଅଭିଯୁକ୍ତ ବନ୍ଧୁ ମାନସିଂହ ଗିରଫ



ନୂଆଦିଲ୍ଲୀ ୨୭।୧୧: ପ୍ରସିଦ୍ଧ କମେଡିଆନ କପିଳ ଶର୍ମାଙ୍କ କାନାଡାସ୍ଥିତ 'କ୍ୟାପସ୍ କାଫେ' ଗୁଳିକାଣ୍ଡ ମାମଲାରେ ଦିଲ୍ଲୀ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। କ୍ରାଇମବ୍ରାଞ୍ଚ ଏହି ମାମଲାରେ ଗୋଲ୍ଡି ଧିଲନ ଗ୍ୟାଙ୍ଗର ଜଣେ ପ୍ରମୁଖ ସୁଟରକୁ ଦିଲ୍ଲୀରୁ ଗିରଫ କରିଛି। ଗିରଫ ସୁଟରକୁ ବନ୍ଧୁ ମାନସିଂହ ଭାବେ ଚିହ୍ନଟ କରାଯାଇଛି। ପୋଲିସ ଅନୁସାରେ କାନାଡାର ସରେସ୍ଥିତ କପିଳ ଶର୍ମାଙ୍କ କେଫେ ଉପରେ ହୋଇଥିବା ଗୁଳି ଘଟଣାରେ କଥିତ ରୂପେ ଏହି ବ୍ୟକ୍ତିର ହାତ ଥିଲା। କାନାଡରେ ଗୁଳିକାଣ୍ଡ କରିବା ପରେ ବନ୍ଧୁ ମାନସିଂହ ତୁରନ୍ତ ଭାରତ ଫେରିଆସିଥିଲା। ଦିଲ୍ଲୀ କ୍ରାଇମବ୍ରାଞ୍ଚ ଗୋପନୀୟ ସୂଚନା ମାଧ୍ୟମରେ ତାକୁ ଦିଲ୍ଲୀରୁ ଧରାଯାଇଛି। ଗିରଫଦାରୀ ବେଳେ ଅଭିଯୁକ୍ତ ନିକଟରୁ ଏକ ଚୀନ୍ ନିର୍ମିତ ପିସ୍ତଲ ଓ କିଛି କାର୍ଟିଜ୍ ଜବତ ହୋଇଛି। ପୋଲିସ ରେକର୍ଡ ଅନୁସାରେ ଗିରଫ ସୁଟର ବନ୍ଧୁ ମାନସିଂହ ବିରୋଧରେ ପୂର୍ବରୁ କେତେକ ଗୁରୁତର ଅପରାଧିକ ମାମଲା ରହିଛି। ଏଣୁ ବନ୍ଧୁ ମାନସିଂହର ଗିରଫକୁ କାନାଡା ଓ ଭାରତରେ ସକ୍ରିୟ ଅପରାଧି ଗ୍ୟାଙ୍ଗ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ମନେ କରାଯାଉଛି। ବନ୍ଧୁ ମାନସିଂହ ଗିରଫ ପରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟ ମଧ୍ୟ ଧରାପଡିପାରନ୍ତି ବୋଲି ଆକଳନ କରାଯାଉଛି।

### ସ୍ପଷ୍ଟ କଲା ବୈଦେଶିକ ମନ୍ତ୍ରାଳୟ

# ଡିସେମ୍ବର ୪ରେ ଭାରତ ଆସିବେ ପୁଟିନ



ନୂଆଦିଲ୍ଲୀ,୨୮।୧୧: ଭାରତ ଆସିବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ପୁଟିନ୍ ଡିସେମ୍ବର ୪ ଏବଂ ୫ ତାରିଖରେ ଭାରତ ଆସିବେ ବୋଲି ଜଣାପଡ଼ିଛି। ୨୩ତମ ଭାରତ-ଋଷ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ସେ ଭାରତ ଗସ୍ତରେ ଆସିବେ। ଭାରତର ବୈଦେଶିକ ମନ୍ତ୍ରାଳୟ ଏହାକୁ ନିଶ୍ଚିତ କରିଛି। ରିପୋର୍ଟ ଅନୁଯାୟୀ ଏହି ଗସ୍ତ ସମୟରେ ରାଷ୍ଟ୍ରପତି ପୁଟିନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସାକ୍ଷାତ କରିବେ। ଏହା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି ପୁଟିନଙ୍କୁ ସ୍ୱାଗତ କରି ତାଙ୍କ ସମ୍ମାନରେ ଏକ ଭୋଜିର ଆୟୋଜନ ମଧ୍ୟ କରିବେ।

ପୁଟିନଙ୍କ ଭାରତ ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ଭାରତ ଏବଂ ଋଷ ଉଭୟ ଦେଶର ନେତୃତ୍ୱକୁ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କର ପ୍ରଗତି ସମୀକ୍ଷା କରିବା ଏବଂ ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବ। ଏହା ସହିତ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ଆଦାନପ୍ରଦାନ କରିବାର ସୁଯୋଗ ପ୍ରଦାନ କରିବ। ଅଗଷ୍ଟ ମାସରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମସ୍କୋ ଗସ୍ତ ସମୟରେ ପୁଟିନଙ୍କ ଭାରତ ଗସ୍ତ ନେଇ ଘୋଷଣା କରାଯାଇଥିଲା। ହେଲେ ସେତେବେଳେ ତାରିଖ ଚୂଡ଼ାନ୍ତ ହୋଇନଥିଲା। ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁଟିନ୍ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀ ସମୟରେ ଚୀନରେ ସାକ୍ଷାତ କରିଥିଲେ। ଉଭୟ ଏକ କାରରେ ବସି ହୋଟେଲକୁ ଯିବା ସହ ଏକ ଘଣ୍ଟା ପାଇଁ ପୃଥକ ଆଲୋଚନା ମଧ୍ୟ କରିଥିଲେ। ଋଷଠାରୁ ତୈଳ ଆମଦାନୀ କରୁଥିବାରୁ ଆମେରିକା, ଭାରତ ଉପରେ ଭାରୀ ଶୁଳ୍କ ଲଗାଇଥିଲା। ଏହି ସମୟରେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିବା ବେଳେ ଋଷ୍ ସହିତ ଭାରତର ସମ୍ପର୍କ ନିବିଡ଼ ହୋଇଥିଲା। ଭାରତ ତେଲ କିଣି ୟୁକ୍ରେନ ସହ ଯୁଦ୍ଧ କରିବା ପାଇଁ ଋଷ୍‌କୁ ସମର୍ଥନ କରୁଥିବା କହିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ।

# ବାହାର ଲୋକ ଆମେରିକା ଛାଡ଼: ଟ୍ରମ୍ପ

ନୂଆଦିଲ୍ଲୀ, ୨୮।୧୧: ବିକାଶଶୀଳ ଏବଂ ଗରିବ ଦେଶ ଉପରେ ଟ୍ରମ୍ପ୍ ଖପ୍ପା। ଆମେରିକା ନ ଆସିବାକୁ ଦେଲେ ଚେତାବନୀ। ତାଙ୍କ ସରକାର ସମସ୍ତ ବିକାଶଶୀଳ ତଥା ଥାର୍ଡ ୱାର୍ଲ୍ଡ୍ କଣ୍ଟ୍ରିରୁ ଆମେରିକା ଆସୁଥିବା ପ୍ରବାସୀଙ୍କ ଉପରେ ରୋକ୍ ଲଗାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏସବୁ ଦେଶରୁ ଆମେରିକାକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସ୍ଥାୟୀ ପ୍ରତିବନ୍ଧକ ଲଗାଇବାକୁ ୟୁଏସ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଛନ୍ତି। ହ୍ୱାଇଟ୍ ହାଉସ ନିକଟରେ ଗୁଳିକାଣ୍ଡ ପରେ ଟ୍ରମ୍ପଙ୍କ ବୟାନ ସାମ୍ନାକୁ ଆସିଛି। ଯେଉଁଥିରେ ଜଣେ ଆଫଗାନ ନାଗରିକ ୟୁଏସ ଜାତୀୟ ସୁରକ୍ଷା ବାହିନୀ ଉପରେ ଗୁଳିମାଡ କରିଥିଲେ। ଏଥିରେ ଜଣେ ଯବାନ ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ଘଟଣା ପରେ ଟ୍ରମ୍ପ ସରକାର ଆଫଗାନିସ୍ତାନ ସମେତ ୧୯ଟି ଦେଶର ବାସିନ୍ଦାଙ୍କୁ ଦିଆଯାଇଥିବା ଗ୍ରୀନକାର୍ଡର ସମୀକ୍ଷା ପାଇଁ କହିଛନ୍ତି। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ କହିଛନ୍ତି ଯେ, ସେ ଥାର୍ଡ ୱାର୍ଲଡ ଦେଶ ବା ବିକାଶଶୀଳ ଦେଶରୁ ଆମେରିକା ଆସୁଥିବା ସମସ୍ତ ପ୍ରବାସୀଙ୍କ ପ୍ରବେଶ ଉପରେ ରୋକ ଲଗାଇବେ। ସ୍ଥାୟୀ ଭାବେ ଏସବୁ ଉପରେ ପ୍ରତିବନ୍ଧକ ଲାଗିବ। ଏହାଦ୍ୱାରା ଆମେରିକା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିବ।

# ବିଶ୍ୱର ଉଚ୍ଚତମ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପାନାଜି, ୨୮।୧୧: ଭଗବାନ ଶ୍ରୀରାମଙ୍କ ସବୁଠାରୁ ଉଚ୍ଚ ପ୍ରତିମୂର୍ତ୍ତିର ହୋଇଛି ଉନ୍ମୋଚନ। ୭୭ ଫୁଟ ଉଚ୍ଚ ଏହି କାଂସ୍ୟ ପ୍ରତିମୂର୍ତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉନ୍ମୋଚନ କରିଛନ୍ତି। ଦକ୍ଷିଣ ଗୋଆର ଶ୍ରୀ ସମସ୍ଥାନ ଗୋକରାମ ଜୀବୋତ୍ତମ ମଠରେ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଛି। ଆଜି ଯାଏ ଭାଗବାନ ରାମଙ୍କ ଏତେ ବଡ଼ ପ୍ରତିମୂର୍ତ୍ତି ବିଶ୍ୱର କେଉଁଠି ସ୍ଥାପନ ହୋଇ ନଥିଲା। ପ୍ରଧାନମନ୍ତ୍ରୀ ମୋଦି ଏହି ବିଶାଳକାୟ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ମଠରେ ଥିବା ମନ୍ଦିର ବୁଲି ଦେଖିଛନ୍ତି। ସ୍ଥପତି ରାମ ସୁତାର ହିଁ ଏହି ପ୍ରତିମୂର୍ତ୍ତିକୁ ତିଆରି କରିଛନ୍ତି। ସୁତାର ହେଉଛନ୍ତି ସେହି ସ୍ଥପତି ଯିଏ ଗୁଜରାଟରେ ଷ୍ଟାଚ୍ୟୁ ଅଫ ୟୁନିଟୀକୁ ତିଆରି କରିଥିଲେ। ଏବେ ସେ ବିଶ୍ୱର ସବୁଠାରୁ ବଡ଼ ଶ୍ରୀ ରାମ ପ୍ରତିମୂର୍ତ୍ତି ତିଆରି କରି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି।

ମଠ ପରମ୍ପରାର ୫୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୭ରୁ ଏଠାରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଜାରି ରହିଛି। ଏହା ଡିସେମ୍ବର ୭ ଯାଏ ଚାଲିବ। ପ୍ରତିଦିନ ମଠର ବିଭିନ୍ନ କାର୍ଯ୍ୟକ୍ରମରେ ୭ ରୁ ୧୦ ହଜାର ଲୋକ ସାମିଲ ହେଉଥିବା କୁହାଯାଉଛି। ଏହିକ୍ରମରେ ଆଜି ପ୍ରଧାନମନ୍ତ୍ରୀ ସେଠାରେ ପହଞ୍ଚି ବ୍ରୋଞ୍ଜରେ ନିର୍ମିତ ବିରାଟକାୟ ରାମ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଛନ୍ତି। ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକାର ଉଡପିରେ ବିଶାଳ ରୋଡ ଶୋ' କରିଥିଲେ। ଏଥିସହ ଶ୍ରୀକ୍ରିଷ୍ଣା ମଠରେ ଆୟୋଜିତ ଲକ୍ଷ କଣ୍ଠ ଗୀତା ପାରାୟଣମ କାର୍ଯ୍ୟକ୍ରମକୁ ସମ୍ବୋଧନ କରିଥିଲେ। ସେଠାରୁ ସେ ସିଧା ଗୋଆ ଯାଇ ପ୍ରଭୁ ଶ୍ରୀରାମଙ୍କ ୭୭ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି।

# ମୋ ବାପା ଜୀବିତ ଥିବା ପ୍ରମାଣ ଦିଅ: କାସିମ



**ଇମ୍ରାନଙ୍କୁ ନେଇ ବଢୁଛି ସସପେନ୍ସ**

**କିଛି ଅପ୍ରୀତିକର ଘଟଣା ଘଟିଲେ ପାକ୍ ସରକାର ଦାୟୀ ରହିବେ**

ନୂଆଦିଲ୍ଲୀ,୨୮।୧୧: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେଲ ଯିବାର ଦୁଇ ବର୍ଷରୁ ଅଧିକ ସମୟ ବିତିଗଲାଣି। ସେ ପ୍ରାୟ ୮୪୫ ଦିନ ଧରି ଜେଲରେ ଅଛନ୍ତି। ତାଙ୍କ ପରିବାରକୁ ତାଙ୍କୁ ଭେଟିବାକୁ ଅନୁମତି ନାହିଁ, କିମ୍ବା କୌଣସି ପିଟିଆଇ ନେତାଙ୍କୁ ତାଙ୍କୁ ଭେଟିବାକୁ ଅନୁମତି ନାହିଁ। ଏହି ସମୟରେ, ପାକିସ୍ତାନର ଆଡିଆଲା ଜେଲ ବାହାରେ ଏକ ବିଳମ୍ବିତ ରାତିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଏହି ସମୟରେ ଇମ୍ରାନ ଖାନଙ୍କ ପୁଅ କାସିମ ଖାନଙ୍କ ଏକ ପୋଷ୍ଟ ମାମଲାରେ ଉତ୍ତେଜନା ସୃଷ୍ଟି କରିଛି। ଇମ୍ରାନ ଖାନଙ୍କ ପୁଅ କାସିମ ଖାନଙ୍କ ଏକ ମେସେଜ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦେଶର ଅନେକ ସ୍ଥାନରେ ଉତ୍ତେଜନା ସ୍ଥିତି ଦେଖାଦେଇଛି। ଇମ୍ରାନ ଖାଁଙ୍କ ସମର୍ଥକ ଓ ଦଳୀୟ କର୍ମକର୍ତ୍ତା ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିଛନ୍ତି।

ବ୍ରିଟେନରେ ରହୁଥିବା କାସିମ ଖାନ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ, ଇମ୍ରାନ ଖାନଙ୍କୁ ଗତ ଛଅ ସପ୍ତାହ ଧରି ଏପରି ସ୍ଥାନରେ ରଖାଯାଇଛି, ଯେଉଁଠାରେ ତାଙ୍କୁ କାହାରି ସହିତ ଯୋଗାଯୋଗ କରିବାକୁ ଅନୁମତି ନାହିଁ ଏବଂ ତାଙ୍କ ପରିବାରକୁ ସୂଚନା ଦିଆଯାଉନାହିଁ। ସେ ଏହା ମଧ୍ୟ ଲେଖିଛନ୍ତି ଯେ, ତାଙ୍କ ପିତା ଜୀବିତ ଅଛନ୍ତି ବୋଲି ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ। ଏହି ବୟାନ ରାଜନୈତିକ ଝଡ଼ ସୃଷ୍ଟି କରିଛି। କାସିମ ଏବଂ ତାଙ୍କ ଭାଇ ସାଧାରଣତଃ ରାଜନୀତିରୁ ଦୂରରେ ରୁହନ୍ତି, କିନ୍ତୁ ଏଥର ପରିସ୍ଥିତି ସେମାନଙ୍କୁ ଖୋଲାଖୋଲି ଭାବରେ ସାମ୍ନାକୁ ଆସିବାକୁ ବାଧ୍ୟ କରିଛି। କାସିମ କହିଛନ୍ତି ଯେ, ଏହି ପରିସ୍ଥିତି ସୁରକ୍ଷା ବ୍ୟବସ୍ଥା ନୁହେଁ ବରଂ ତାଙ୍କ ବାପାଙ୍କୁ ଅଲଗା କରିବା ପାଇଁ ଏକ ସୁଚିନ୍ତିତ ଯୋଜନା। ସେ ଅଭିଯୋଗ କରିଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ, ତାଙ୍କ ଭଉଣୀମାନଙ୍କୁ ବହୁବାର ଜେଲରେ ପ୍ରବେଶ କରିବାକୁ ମନା କରାଯାଇଛି। ଓକିଲମାନଙ୍କୁ ମଧ୍ୟ ଜେଲରେ ପ୍ରବେଶ କରିବାକୁ ମନା କରାଯାଇଛି, ଯାହା ସମଗ୍ର ମାମଲାକୁ ଘେରି ରହିଥିବା ରହସ୍ୟକୁ ଆହୁରି ବଢ଼ାଇ ଦେଇଛି। କାସିମ ଇମ୍ରାନ ଖାନଙ୍କ ପ୍ରକୃତ ଅବସ୍ଥା ପ୍ରକାଶ କରିବା ପାଇଁ ପାକିସ୍ତାନ ଉପରେ ଚାପ ପକାଇବାକୁ ଜାତିସଂଘ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନ ଏବଂ ବିଶ୍ୱର ଗଣତାନ୍ତ୍ରିକ ସରକାରଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଇମ୍ରାନ ଖାନଙ୍କ ସହିତ କିଛି ଅପ୍ରୀତିକର ଘଟେ, ତେବେ ପାକିସ୍ତାନ ସରକାର ସିଧାସଳଖ ଦାୟୀ ରହିବେ।

# ବାରବାଟୀକୁ ବିଶ୍ୱସ୍ତରୀୟ ଷ୍ଟାଡିୟମ କରାଯାଉ

● ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ କଟକ ବାରବାଟୀ ବିଧାୟିକା



**ଭୁବନେଶ୍ୱର, ୨୮।୧୧(ସଂଚାର ବ୍ୟୁରୋ):** କଟକ ବାରବାଟୀ ଷ୍ଟାଡିୟମକୁ ବିଶ୍ୱସ୍ତରୀୟ କରାଯାଉ। ପୂର୍ବରୁ ଏନେଇ ଘୋଷଣା ହୋଇଥିଲା କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଆଗକୁ ଭାରତ- ଦକ୍ଷିଣ ଆଫ୍ରିକା ମ୍ୟାଚ ଅଛି। ବିସିସିଆଇ ଓ ରାଜ୍ୟ ସରକାର ମିଳିତ ସହଯୋଗରେ ଷ୍ଟାଡିୟମର ଉନ୍ନତି କରଣ କରାଯାଉ। କଂଗ୍ରେସ ସମୟରେ ବାରବାଟି ଷ୍ଟାଡିୟମ ନିର୍ମାଣ ହୋଇଥିଲା। ୨୪ ବର୍ଷ ବିଜେଡ଼ି ସରକାର ସମୟରେ ବାରବାଟି ଷ୍ଟାଡିୟମକୁ ଅବହେଳା କରାଗଲା। ଶେଷ ଆଡ଼କୁ ବିଜେଡ଼ି ସରକାର ବିଶ୍ୱସ୍ତରୀୟ ଷ୍ଟାଡିୟମ୍ କରିବାକୁ ଘୋଷଣା କଲେ। ଏ ସରକାରକୁ ଦେଢ ବର୍ଷରୁ ଅଧିକ ସମୟ ବିତିଗଲା କିନ୍ତୁ ବିଶ୍ୱସ୍ତରୀୟ ଷ୍ଟାଡିୟମରେ ଅପଗ୍ରେଡ଼ କରାଗଲା ନାହିଁ, ତୁରନ୍ତ ଏହାକୁ ଅପଗ୍ରେଡ଼ କରାଯାଉ ବୋଲି କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋଷ ଦାବି କରିଛନ୍ତି।

## ଶ୍ରୀମନ୍ଦିର ଗଲେ ତୁଟିଯାଏ ପ୍ରେମ ସମ୍ପର୍କ

# ଇନ୍‌ଫ୍ଲୁଏନ୍ସରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଝଡ଼

## ଅସନ୍ତୋଷ ଝାଡ଼ିଲେ ସେବାୟତ ଓ ଭକ୍ତ



**ନୂଆଦିଲ୍ଲୀ,୨୮।୧୧:** ବିଗତ ଦିନରେ ବିଭିନ୍ନ ସମୟରେ ଜଗନ୍ନାଥ ମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ସାମ୍ନାକୁ ଆସିଥିବା ବେଳେ ସଦ୍ୟ ଘଟଣାରେ ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସରଙ୍କ ମନ୍ତବ୍ୟ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନସର୍ ତଥା ଜାତୀୟ ସ୍ତରର ପ୍ରମୁଖ ଗଣମାଧ୍ୟମରେ ନ୍ୟୁଜ୍ ଆଙ୍କର୍ ଭାବେ କାର୍ଯ୍ୟ କରିଥିବା ଶୁଭଙ୍କର ମିଶ୍ରା ପୁରୀ ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଗଲେ, ସେମାନଙ୍କ ସମ୍ପର୍କ ଦୃଢ଼ ହୁଏନି, ବରଂ ତୁଟିଯାଏ। ଅର୍ଥାତ୍ ସେମାନଙ୍କ ସମ୍ପର୍କରେ ଭଙ୍ଗା ପଡ଼ିଥାଏ ଓ ସେମାନେ କଦାପି ଏକାଠି ହୋଇପାରନ୍ତି ନାହିଁ ବୋଲି ନିଜ ପୋଡ୍‌କାଷ୍ଟରେ ଶୁଭଙ୍କର କହିଛନ୍ତି। ପୋଡ୍‌କାଷ୍ଟରେ ଏକ ପୁରାଣ କାହାଣୀ ସମ୍ପର୍କରେ ଅବତାରଣା କରିବାକୁ ଯାଇ ଶୁଭଙ୍କର କହିଛନ୍ତି ଯେ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ଏକଦା ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ କରିବା ସକାଶେ ମା' ରାଧାରାଣୀ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। କିନ୍ତୁ ସେ ଶ୍ରୀମନ୍ଦିରରେ ପ୍ରବେଶ କରିବା ସମୟରେ ତାଙ୍କୁ ସେବାୟତମାନେ ରୋକିଥିଲେ। ସେମାନେ ରାଧାରାଣୀଙ୍କୁ କହିଥିଲେ ଯେ ମନ୍ଦିର ଭିତରକୁ ପ୍ରଭୁ ଜଗନ୍ନାଥଙ୍କ ପତ୍ନୀ ମା' ଲକ୍ଷ୍ମୀଙ୍କୁ ପ୍ରବେଶ ପାଇଁ ଅନୁମତି ନାହିଁ। ତେଣୁ ଆପଣ କିପରି ମନ୍ଦିର ଭିତରେ ପ୍ରବେଶ କରିବେ ବୋଲି ସେବାୟତମାନେ ପ୍ରଶ୍ନ କରିଥିଲେ। ସେମାନଙ୍କ ଏପରି କଥାରେ ମା' ରାଧାରାଣୀ କ୍ରୋଧିତ ହେବା ସହ ତୁରନ୍ତ ଅଭିଶାପ ଦେଇଥିଲେ। ଏହି ଅଭିଶାପ ଏୟା ଥିଲା ଯେ ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ। ଏପରି ଅଭିଶାପ ଦେବା ପରେ ମା' ରାଧାରାଣୀ ସେଠାରୁ ଚାଲିଯାଇଥିଲେ ବୋଲି ଶୁଭଙ୍କର ତାଙ୍କ ପୋଡ୍‌କାଷ୍ଟରେ କହିଛନ୍ତି। ତେବେ ଏପରି ଏକ ବିବାଦୀୟ ମନ୍ତବ୍ୟ ପରେ ସେବାୟତମାନେ ଶୁଭଙ୍କରଙ୍କୁ କଡ଼ା ସମାଲୋଚନା କରିବା ସହ ତାଙ୍କର ଶ୍ରୀମନ୍ଦିର ଇତିହାସ ସମ୍ପର୍କରେ କୌଣସି ଜ୍ଞାନ ନାହିଁ କହିଛନ୍ତି। ସେହିପରି ଭକ୍ତମାନେ ମଧ୍ୟ ଏହାକୁ ନାପସନ୍ଦ କରିବା ସହ ସଠିକ୍ ଜ୍ଞାନ ନ ଥିବା ଲୋକ ଶ୍ରୀମନ୍ଦିରର ମର୍ଯ୍ୟାଦା ହାନି କରିବା ସକାଶେ ହେଉଥିବା ଉଦ୍ୟମକୁ ସମାଲୋଚନା କରିଛନ୍ତି।




# ତୃଣମୂଳ ପଞ୍ଚାୟତ ପ୍ରଧାନଙ୍କୁ ଗୁଳି



କୋଲକାତା,୨୮।୧୧(ସଂଚାର ବ୍ୟୁରୋ): ସାମ୍ପୁଇପଡା ବାସୁକାଠି ପଞ୍ଚାୟତର ତୃଣମୂଳ ପ୍ରଧାନ ଦେବବ୍ରତ ମଣ୍ଡଳ ଏକ ବିବାହ ଭୋଜିରେ ଯୋଗ ଦେଇ ଘରକୁ ଫେରୁଥିବା ସମୟରେ ଦୁର୍ବୃତ୍ତମାନେ ଗୁଳମୋଡ଼ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହାଓଡାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତିରେ ଡୋମଜୁର ଥାନା ଅନ୍ତର୍ଗତ ଷଷ୍ଠିତଳା ମାଳିବାଗାନ ଅଞ୍ଚଳରେ ଏହି ଘଟଣା ଘଟିଛି। ପ୍ରାରମ୍ଭିକ ତଦନ୍ତରେ ପୁଲିସ ଜାଣିବାକୁ ପାଇଛି ଯେ, ଦେବବ୍ରତଙ୍କୁ ୯ ଏମ୍ଏମ୍ ପିସ୍ତଲ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ବାଇକ ଚାଳକ ଅନୁପମ ରଣା ଓରଫ ଅସିତଙ୍କୁ ପ୍ରଥମେ ଗୁଳି କରାଯାଇଥିଲା। ସେ ତଳେ ପଡ଼ିଯିବା ପରେ ଦେବବ୍ରତ ବାବୁଙ୍କ ଛାତି ଏବଂ କାନ୍ଧରେ ଦୁଇଟି ଗୁଳି ବାଜିଥିଲା। ଏହା ପରେ ହାଓଡ଼ା ପୁଲିସ କମିଶନର ପ୍ରବୀଣ ତ୍ରିପାଠି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତୃଣମୂଳ ଜିଲ୍ଲା ସଭାପତି ଗୌତମ ଚୌଧୁରୀ ଏବଂ ଯୁବ ସଭାପତି କୈଳାସ ମିଶ୍ର ଦୁର୍ବୃତ୍ତଙ୍କୁ ଗିରଫ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ବସ୍ ଧକ୍କାରେ ସ୍କୁଲ ଛାତ୍ର ମୃତ

**କୋଲକାତା,୨୮।୧୧(ସଂଚାର ବ୍ୟୁରୋ):** ଏକ ବେସରକାରୀ ବସ୍ ଧକ୍କାରେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଅରଣ୍ୟ ଚକ୍ରବର୍ତ୍ତୀ (୧୪)। ବରାନଗରର ବାସିନ୍ଦା ଅରଣ୍ୟ ଶୁକ୍ରବାର ସକାଳେ ବିଟି ରୋଡରେ ସାଇକେଲ ଯୋଗେ ସିଛିର ସ୍କୁଲକୁ ଯାଉଥିଲେ। ବାଟ ମଝିରେ ପଛରୁ ଏକ ବେସରକାରୀ ବସ୍ ଆସି ତାଙ୍କୁ ଜୋରରେ ଧକ୍କା ଦେଇଥିଲା। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀପୁର ଥାନର ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ବସ୍‌ଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ନିବେଶ ପ୍ରତାରଣା ମାମଲାରେ ଜଣେ ଗିରଫ

**କୋଲକାତା,୨୮।୧୧(ସଂଚାର ବ୍ୟୁରୋ):** ବ୍ରିଜେଶ ଘୋଷ ନାମକ ଜଣେ ବ୍ୟକ୍ତି ବିଧାନନଗର ସାଇବର କ୍ରାଇମ୍ ଥାନାରେ ଅଭିଯୋଗ କରିଥିଲେ ଯେ, ସେ ଏକ ନିବେଶ ପ୍ରତାରଣାରେ ପଡ଼ି ତାଙ୍କର କଠିନ ପରିଶ୍ରମର ଟଙ୍କା ହରାଇଛନ୍ତି। ଏହି ଅଭିଯୋଗ ଆଧାରରେ, ବିଧାନନଗର ସାଇବର କ୍ରାଇମ୍ ଥାନାରେ ଏକ ମାମଲା ୬୭/୨୫ ରୁଜୁ କରାଯାଇଥିଲା। ତଦନ୍ତ ପରେ, ବିଧାନନଗର ସାଇବର କ୍ରାଇମ୍ ଥାନାର ଦକ୍ଷ ପୁଲିସ ଦଳ ଏହି ଘଟଣାରେ ସମ୍ପୃକ୍ତ ଅନିର୍ବାଣ ସରକାରଙ୍କୁ ପଶ୍ଚିମ ମେଦିନୀପୁରର ଦେବରା ଥାନା ଅଞ୍ଚଳରୁ ଗିରଫ କରିଥିଲେ। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ କୋର୍ଟ ତାଙ୍କୁ ୧୨ ଦିନର ପୁଲିସ ହେପାଜତ ପ୍ରଦାନ କରିଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି।

# ରାଜ୍ୟ ପୁଲିସରେ ବଡ଼ ଧରଣର ଅଦଳବଦଳ

କୋଲକାତା,୨୮।୧୧(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସର ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ପୁଣି ଏକ ବ୍ୟାପକ ଅଦଳବଦଳ ହୋଇଛି। ଗୁରୁବାର ପ୍ରଶାସନ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ମୋଟ ଦଶଟି ଜିଲ୍ଲାର ପୁଲିସ ସୁପର ପଦରେ ବଦଳ କରାଯାଇଛି। ଏହା ବ୍ୟତୀତ, ମୋଟ ୨୬ ଜଣ ଆଡିସ୍‌ନାଲ ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି, ଏହା ଅନ୍ୟ ଏକ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। କିନ୍ତୁ ଏହି ହଠାତ୍ ପ୍ରଶାସନିକ ରଦ୍ଦବଦଳର କାରଣ କ'ଣ? ରାଜ୍ୟ ପୁଲିସରେ ଏହି ବଦଳି ପଛରେ କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ ବୋଲି ସୂତ୍ର ମାର୍ଫତରୁ ଜଣାପଡିଛି।

● ଏସ୍ଆଇଆର୍ କାମ ଚାପ

# ହୃଦ୍‌ରୋଗରେ ବିଏଲ୍ଓଙ୍କ ମୃତ୍ୟୁ

କୋଲକାତା,୨୮।୧୧(ସଂଚାର ବ୍ୟୁରୋ): ଏସ୍ଆଇଆର୍ କାମ ଚାପ ରହିଛି। ସେଥିପାଇଁ ରାଜ୍ୟରେ ଜଣଙ୍କ ପରେ ଜଣେ ବିଏଲ୍ଓଙ୍କର ମୃତ୍ୟୁ ଘଟୁଛି। ମୃତକଙ୍କ ପରିବାର ଏମିତି ଅଭିଯୋଗ କରୁଛନ୍ତି। ଏଥର ମୁର୍ଶିଦାବାଦର ଖଡଗ୍ରାମର ଦୀଘା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜାକିର ହୋସେନଙ୍କ ଏସ୍ଆଇଆର୍ କାମର ଚାପ ଯୋଗୁଁ ହୃଦଘାତରେ ମୃତ୍ୟୁ ହୋଇଛି। ଜାକିର ହୋସେନ ଖଡଗ୍ରାମର ଝିଲ୍ଲୀ ଅଞ୍ଚଳର ୧୪ ନମ୍ବର ବୁଥ୍‌ର ବିଏଲ୍ଓ ଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ସେ ସ୍କୁଲରେ ପାଠପଢ଼ା ସହିତ ଏସ୍ଆଇଆର୍ କାମରେ ଅତ୍ୟନ୍ତ ବ୍ୟସ୍ତ ଥିଲେ। ସେ ତାଙ୍କ ପରିବାର ସଦସ୍ୟଙ୍କୁ କହିଥିଲେ ଯେ, ତାଙ୍କର ବହୁତ କାମର ଚାପ ରହିଛି। ଏହାରି ମଧ୍ୟରେ ଗୁରୁବାର ରାତିରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା, କିନ୍ତୁ ତାଙ୍କୁ ବଞ୍ଚାଯାଇ ପାରିଲା ନାହିଁ। ଡାକ୍ତରମାନେ କହିଛନ୍ତି ଯେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଛି।

# ମୃତ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟାଅ: ସିଇସି



**କୋଲକାତା,୨୮।୧୧(ସଂଚାର ବ୍ୟୁରୋ):** କମିଶନ ଦାବି କରିଛନ୍ତି ଯେ, ରାଜ୍ୟରେ ଭୋଟର ତାଲିକାରେ କୌଣସି ତ୍ରୁଟି ନହେବା ପାଇଁ ଏସ୍ଆଇଆର୍ କରାଯାଉଛି। ମୃତ ଭୋଟରଙ୍କ ନାମ ତାଲିକାରୁ ସମ୍ପୂର୍ଣ୍ଣ ଭାବରେ ବାଦ ଦେବା ପାଇଁ ନିର୍ବାଚନ କମିଶନ କାର୍ଯ୍ୟ କରୁଛନ୍ତି। ଯଦି କୌଣସି ସ୍ଥାନରେ ମୃତ ଭୋଟରଙ୍କ ନାମରେ ଏନାମୁରେଶନ ଫର୍ମ ପୂରଣ କରାଯାଏ, ତେବେ ଆବେଦନ ପୂରଣ କରିଥିବା ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ। ନଚେତ୍, କମିଶନ ଡିଇଓଙ୍କ ଠାରୁ ଆରମ୍ଭ କରି ସମ୍ପୃକ୍ତ ଅଞ୍ଚଳର ବିଏଲ୍ଓ ପର୍ଯ୍ୟନ୍ତ ସମସ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେବେ। ଗୁରୁବାର ଦିନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ଏମିତି କହିଛନ୍ତି। ଆଗାମୀ ୯ ଡିସେମ୍ବରରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶିତ ହେବାକୁ ଯାଉଛି। ରାଜ୍ୟରେ ମୃତ ଭୋଟରଙ୍କ ସଂଖ୍ୟା ସେଠାରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ, ରାଜ୍ୟ ସିଇଓ ଏହା ମଧ୍ୟ କହିଛନ୍ତି ଯେ, ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ଭୋଟର କାର୍ଡ ଥିଲା କିନ୍ତୁ ଆଧାର କାର୍ଡ ନଥିଲା।

● ସିଭିକ ଭଲେଣ୍ଟିୟର ବଦଳିରେ ଧର୍ମକୁ ଗୁରୁତ୍ୱ

# ବିଜେପି-ତୃଣମୂଳ ବାକ୍‌ଯୁଦ୍ଧ

**କୋଲକାତା,୨୮।୧୧(ସଂଚାର ବ୍ୟୁରୋ):** ବିଜେପି ପୂର୍ବରୁ ଅନେକ ଥର 'ସିଭିକ ଭଲେଣ୍ଟିୟର'ଙ୍କ ଭୂମିକାକୁ ନେଇ ସ୍ୱର ଉଠାଇ ଆସିଛି। ଏଥର, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ 'ହିନ୍ଦୁ ବିରୋଧୀ' ଅଭିଯୋଗକୁ ଆହୁରି ମଜବୁତ କରିବା ପାଇଁ ବିଜେପି ସିଭିକ ଭଲେଣ୍ଟିୟରଙ୍କ ପାଖରେ ଠିଆ ହେବାର ରଣନୀତି ଗ୍ରହଣ କରିଛି। ରାଜ୍ୟର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦାବି କରିଛନ୍ତି ଯେ, ହିନ୍ଦୁ ହେବାର 'ଅପରାଧ'ରେ ନନ୍ଦୀଗ୍ରାମର ନଅ ଜଣ ସିଭିକ ଭଲେଣ୍ଟିୟରଙ୍କୁ ସେମାନଙ୍କ ଘରଠାରୁ ବହୁତ ଦୂରକୁ ବଦଳି କରାଯାଇଛି। ସେ ଏହି ହିନ୍ଦୁ ନାଗରିକ ସିଭିକ ଭଲେଣ୍ଟିୟରଙ୍କ ପକ୍ଷରୁ ଆନ୍ଦୋଳନର ଚେତାବନୀ ମଧ୍ୟ ଦେଇଛନ୍ତି। ତେବେ, ତୃଣମୂଳ ଦାବି କରିଛି ଯେ ଶୁଭେନ୍ଦୁ ସାମ୍ପ୍ରଦାୟିକ ରାଜନୀତି କରିବା ସହିତ ସାଧାରଣ ପ୍ରଶାସନିକ ବଦଳିରେ ମଧ୍ୟ ଧର୍ମର ରଙ୍ଗ ଦେଖୁଛନ୍ତି।

ଶୁଭେନ୍ଦୁ କହିଛନ୍ତି, ପୂର୍ବ ମେଦିନୀପୁରର ୧୭ ଜଣ ସିଭିକ ଭଲେଣ୍ଟିୟରଙ୍କୁ ବଦଳି କରାଯାଇଛି। ସ୍ଥାନୀୟ ତୃଣମୂଳ ନେତାଙ୍କ ଦ୍ୱାରା ଦିଆଯାଇଥିବା ରିପୋର୍ଟ ଆଧାରରେ ଏହି ବଦଳି କରାଯାଇଛି। ଏହି ଅତ୍ୟାଚାର ବିରୁଦ୍ଧରେ ଏକ ଅଭିଯାନ ଚଳାଇବୁ। ଆମ ସମସ୍ତଙ୍କ ହାତରେ ଗେରୁଆ ପତାକା ରହିବ। ତୃଣମୂଳ ମୁଖପାତ୍ର ଅରୂପ ଚକ୍ରବର୍ତ୍ତୀ କହିଛନ୍ତି, ଶୁଭେନ୍ଦୁ ବାବୁ ହୁଏତ ଜାଣି ନାହାଁନ୍ତି ଯେ ନନ୍ଦୀଗ୍ରାମରେ ଭୂମି ସୁରକ୍ଷା ଆନ୍ଦୋଳନରେ ଅନେକ ମୁସଲମାନ ମଧ୍ୟ ପ୍ରାଣ ହରାଇଥିଲେ।

ସେ ସବୁକିଛିକୁ ଧର୍ମର ରଙ୍ଗରେ ଦେଖୁଛନ୍ତି। ଯେତେବେଳେ ୨୦୨୬ ମସିହାରେ ବଙ୍ଗଳାର ଲୋକମାନେ ବିଜେପି ଉପରେ ଏସ୍ଆଇଆର୍ କରିବେ, ସେତେବେଳେ ପ୍ରଥମ ନାମ ଶୁଭେନ୍ଦୁ ଅଧିକାରୀଙ୍କୁ ବାଦ ଦିଆଯିବ। କାରଣ ବିଜେପି ୩୦ଟି ଆସନ ପାଇବ ନାହିଁ। ଏହି ରାଜ୍ୟର ଲୋକମାନେ ଶପଥ ନେଇଛନ୍ତି ଯେ, ସେମାନେ ବିରୋଧୀ ଦଳ ନେତାଙ୍କ ଚୌକିରେ ଜଣେ ଧର୍ମନିରପେକ୍ଷ ବ୍ୟକ୍ତିଙ୍କୁ ବସାଇବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରେକର୍ଡ...

ଆକଳନ କରାଯାଉଛି। ଯେମିତିକି ରାଜମାର୍ଗରୁ ଆକାଶ ମାର୍ଗ ପର୍ଯ୍ୟନ୍ତ ବିକାଶର ନୂଆ ମାଇଲଖୁଣ୍ଟ ହୋଇଛି। ୨୦୧୪ରେ ଦେଶରେ ୯୧,୨୭୮ କିମି ଜାତୀୟ ରାଜମାର୍ଗ ଥିବା ବେଳେ ୨୦୨୫ରେ ୬୦ ପ୍ରତିଶତ ବୃଦ୍ଧି ଘଟି ୧,୪୬,୨୦୪ କିମି ଜାତୀୟ ରାଜମାର୍ଗ ତିଆରି ହୋଇପାରିଛି। ସେହିଭଳି ଏହି ସମୟ ମଧ୍ୟରେ ଏକ୍ସପ୍ରେସ ୱେ ୯୩ କିମିରୁ ୫୧୧୦ କିମିକୁ ଏବଂ ବିମାନବନ୍ଦର ସଂଖ୍ୟା ୭୪ରୁ ୧୬୩କୁ ବୃଦ୍ଧି ପାଇଛି। ଦେଶରେ ଦୈନିକ ୟୁପିଆଇ ମାଧ୍ୟମରେ ୬୪ କୋଟିରୁ ଅଧିକ ଟଙ୍କାର କାରବାର ହେଉଛି। ବିଭିନ୍ନ କ୍ୱାର୍ଟରରେ ଉତ୍ପାଦନ ଶିଳ୍ପରେ ସର୍ବାଧିକ ୯.୧ ପ୍ରତିଶତ ଅଭିବୃଦ୍ଧି ରେକର୍ଡ ହୋଇଥିବା ବେଳେ ନିର୍ମାଣ କ୍ଷେତ୍ରରେ ୭.୨ ପ୍ରତିଶତ ଅଭିବୃଦ୍ଧି ହୋଇଛି। ନିର୍ମାଣ କ୍ଷେତ୍ରରେ ହେଉଥିବା ଅଭିବୃଦ୍ଧି ଦେଶରେ ରିଅଲ ଇଷ୍ଟେଟ କାରବାର ବୃଦ୍ଧିର ଏକ ସୂଚକାଙ୍କ। ସେହିଭଳି ସେବା କ୍ଷେତ୍ରରେ ମଧ୍ୟ ୯.୨ ପ୍ରତିଶତ ଅଭିବୃଦ୍ଧି ହୋଇଛି।

## ସମୃଦ୍ଧ...

ପ୍ରବର୍ତ୍ତିତ ଯୋଜନା ନିମନ୍ତେ ଅତିରିକ୍ତ ବ୍ୟୟବରାଦ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପାଇଁ ସର୍ବାଧିକ ୪୩୨୯ କୋଟିର ବ୍ୟୟ ବରାଦ କରାଯାଇଥିବା ବେଳେ ଶିକ୍ଷା ପାଇଁ ୨୩୨୭ କୋଟି, ଭିତ୍ତିଭୂମୀ ବିକାଶ ପାଇଁ ୧୯୫୫ କୋଟି, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୧୬୪ କୋଟି, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି, ଓଡିଆ ଭାଷା, ସଂସ୍କୃତି, ହସ୍ତତନ୍ତ ଓ ବୟନ ଶିଳ୍ପ ପାଇଁ ୩୬୩ କୋଟିର ବ୍ୟୟ ବରାଦ କରାଯାଇଛି।

ଅତିରିକ୍ତ ବଜେଟ୍‌ରେ ସରକାରୀ କୋଠାଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିହାତି ପ୍ରଦାନ ପାଇଁ ୧୩୨୫ କୋଟି ଟଙ୍କା ରଖାଯାଇଥିବା ବେଳେ ଚାଷୀମାନଙ୍କୁ ଇନ୍‌ପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ରଖାଯାଇଛି। ଏହାଛଡ଼ା କୁକୁଡ଼ା ପାଳନର ବିକାଶ ପାଇଁ ୧୩୭ କୋଟି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ୯୧ କୋଟି, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ପାଇଁ ୧୧୭ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଚାଷୀଙ୍କୁ ଋଣ ସୁଧ ଛାଡ଼ ପାଇଁ ସମବାୟ ବ୍ୟାଙ୍କ୍ ଓ ପାକ୍ସ ପାଇଁ ୩୦୦ କୋଟି ଟଙ୍କା ରହିଛି। ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଟଙ୍କା ଥିବାବେଳେ ଅସମ୍ପୂର୍ଣ୍ଣ ଅଙ୍ଗନବାଡ଼ି କୋଠାକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ୨୦୦ କୋଟି, ମମତା ଯୋଜନା ପାଇଁ ୧୪୨ କୋଟି ଓ ମିଶନ ଶକ୍ତି କାର୍ଯ୍ୟକ୍ରମ ପାଇଁ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଆହୁରି ପିଏମ-ପୋଷଣ ଯୋଜନା ପାଇଁ ୯୨ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦ କୋଟି ଓ ସମଗ୍ର ଶିକ୍ଷା ଯୋଜନାରେ ରାଜ୍ୟ ସହାୟତା ବାବଦକୁ ୨୦୭ କୋଟି ରହିଛି। ଅଧିକନ୍ତୁ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ୨୧୬ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପାଇଁ ବଜେଟ୍‌ରେ ୧୪୭ କୋଟି ଟଙ୍କା ରହିଛି। ଚାରା ରୋପଣ କ୍ଷତିପୂରଣ ପାଣ୍ଠି ପାଇଁ ବଜେଟ୍‌ରେ ୨୪୨ କୋଟି ଟଙ୍କା ରହିଥିବା ବେଳେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସୌନ୍ଦର୍ଯ୍ୟକରଣ ପାଇଁ ୮୦ କୋଟି ଟଙ୍କା ରହିଛି। ସେହିଭଳି ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟରାଦ ହୋଇଥିବା ବେଳେ ଅମୃତ ଯୋଜନା ପାଇଁ ୬୪ କୋଟି ଓ ୱାଟକୋ ପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆହୁରି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅଧିନରେ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରବୀନ୍ଦ୍ର ମଣ୍ଡପ ଓ କଳା ମଣ୍ଡପର ନବୀକରଣ ପାଇଁ ୧୦ କୋଟି ଟଙ୍କା ରହିଛି।

## ଓଡ଼ିଆ...

୬ଜି ଓ କ୍ୱାଣ୍ଟମ କମ୍ପ୍ୟୁଟିଂ ଆଗାମୀ ଦିନରେ ଏକ ନୂଆ ପରିଚୟ ସୃଷ୍ଟି କରିବ। ଏହି ବୈଷୟିକ ପରିବର୍ତ୍ତନର ସାମ୍ନା କରିବାକୁ ହେଲେ ଆମକୁ ନୂଆ ଦକ୍ଷତା, ଉଚ୍ଚତା, ସ୍ୱପ୍ନ ଓ ଆକାଂକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଶିକ୍ଷା ଓ କୌଶଳର ସଂସ୍କୃତି ତିଆରି କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଏସଡିଆଇ ଭୁବନେଶ୍ୱର ଆମର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାର ନିଷ୍ଠା ପ୍ରଶଂସନୀୟ। ଏସଡିଆଇ ଭୁବନେଶ୍ୱର ଅନୁଷ୍ଠାନ ଐତିହ୍ୟରେ ପରିପୂର୍ଣ୍ଣ ଅଞ୍ଚଳରେ ରହିଥିବା ବେଳେ ମହାନ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହର ପରମ୍ପରା ଏଠାରେ ରହିଛି। କୋଣାର୍କ ସୂର୍ଯ୍ୟ ମନ୍ଦିର, ପୁରୀ ଶ୍ରୀମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର କେବଳ ସ୍ମାରକୀ ନୁହଁନ୍ତି, ବରଂ ବୈଜ୍ଞାନିକ ଭାବେ ପରିକଳ୍ପିତ ଏକ ସ୍ଥାପତ୍ୟ କଳା ଓ ଆମ ପୂର୍ବପୁରୁଷଙ୍କ ଦ୍ୱାରା ପରିକଳ୍ପିତ ଏକ ବିଜ୍ଞାନ ପରୀକ୍ଷଣ। ଆମକୁ ଆଜିର ଆବଶ୍ୟକତାକୁ ବୁଝି ଭବିଷ୍ୟତ ପାଇଁ ଯୋଜନା କରିବାକୁ ପଡ଼ିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଭାଷା ଭିତ୍ତିରେ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଏଣୁ ଆଗାମୀ ୧୦ ବର୍ଷର ଲକ୍ଷ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଏହି ଐତିହାସିକ ମୁହୂର୍ତ୍ତ ପାଇଁ ଆମକୁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ଆମକୁ ସାହସୀ ଓ ସ୍ୱାଭିମାନୀ ହେବା ସହ ପୁରୁଷାର୍ଥ ମାଧ୍ୟମରେ ସମୃଦ୍ଧି ଓ ସମ୍ପନ୍ନତା ଆଣିବାକୁ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଉଛି ସାମାଜିକ ଦାୟିତ୍ୱ। ପୁଷ୍ଟିକର ଆହାର ଯୋଗାଇ ପୋଷଣ ଅଭାବରୁ ଅପପୁଷ୍ଟିର ଶିକାର ହେଉଥିବା ପିଲାମାନଙ୍କର ଧ୍ୟାନ ନେବା ଦ୍ୱାରା ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀ, କର୍ମଚାରୀ, ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ। ଏସଡିଆଇ, ଭୁବନେଶ୍ୱରରେ ଆଲୋଚନା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଛାତ୍ରଛାତ୍ରୀଙ୍କଠାରୁ ଲ୍ୟାବରେ ପ୍ରସ୍ତୁତ ହୋଇଥିବା ପେନ୍, ଏସଡିଆଇର ସ୍ମୃତିଚିହ୍ନ ଓ ହାତ ତିଆରି କୁକିଜ୍ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆଇଓସିଏଲ ଆର୍‌ଆଣ୍ଡଡି'ର ନିର୍ଦ୍ଦେଶକ ଆଲୋକ ଶର୍ମା, ଜିଏଫଟିଏନ, ସିଙ୍ଗାପୁରର ସିଇଓ ଜେମ୍ସ ବୋ, ଏନୟୁଏସର ଆଡ୍‌ଜଙ୍କ୍ଟ ପ୍ରଫେସର ଇଲେନ୍ ସୋର,ଏସଡିଆଇ ଭୁବନେଶ୍ୱରର ସିଇଓ ରଞ୍ଜନ ଭୌମିକ ଉପସ୍ଥିତ ଥିଲେ।

## ଏବେ......

ତାଙ୍କ ରିପୋର୍ଟରେ ଉଲ୍ଲେଖ କରିବା ପରେ ଏବେ ଭକ୍ତଙ୍କୁ ଗୁଣ୍ଡିଚା ମନ୍ଦିରରେ ଦର୍ଶନ ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ସ୍ପଷ୍ଟ ହୋଇଛି। ଏଥିସହ ମନ୍ଦିର ଭିତରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଥିବା ସହ ଖଣ୍ଡୋଲାଇଟ୍ ପଥରଲଗା କାମ ବି ବାକି ଥିବା ଦର୍ଶାଯାଇଛି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଓ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ହିଟ୍...

ଅଟୋପ୍ସି ପରେ ସେମାନଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି। ତେବେ ଦୁର୍ଘଟଣାଗ୍ରସ୍ତ ସ୍କୁଟିଟି କଟକ ମାହାଙ୍ଗା ଅଞ୍ଚଳର ବୋଲି ପୁଲିସର ନମ୍ବର ପ୍ଲେଟ୍‌ରୁ ଜାଣିବାକୁ ପାଇଛି। ସେପଟେ ମୃତକଙ୍କ ମଧ୍ୟରୁ ଦୁଇ ଜଣ ଯୁବକ ଚୌଦ୍ୱାର ଶକ୍ତି ହୋଟେଲର ଟି-ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ତିନି ମୃତ ଯୁବକ ହେଲେ ଢେଙ୍କାନାଳ ତୁମୁସିଂହା ଥାନା ମାଛିଆ ଗ୍ରାମର ମିଥୁନ ପାତ୍ର, କଟକ ମାହାଙ୍ଗା ଥାନା ଜଳେଶ୍ୱରପୁର ଗ୍ରାମର ଜଗନ୍ନାଥ ଦାଶ ଓ ଅନୁଗୁଳ ବନ୍ତଲା ଥାନା ଅନ୍ତର୍ଗତ କଞ୍ଚା ଗ୍ରାମର ସୁରେନ୍ଦ୍ର ବେହେରା।

## କେମୋ...

ବେଳେ ବର୍ତ୍ତମାନ ଏହି ଉଦ୍ଭାବନ ସମ୍ପୂର୍ଣ୍ଣ ମେଡିକାଲ ଓ ବାୟୋ ଟେକ୍ନୋଲୋଜି ବା ଲାଇଫ ସାଇନ୍ସ କ୍ଷେତ୍ରରେ ଚହଳ ସୃଷ୍ଟି କରିଛି। ସୂଚନାନୁସାରେ, ବଜାରରେ ବେଶ୍ ସହଜରେ ପିପ୍ପଳି ମିଳୁଥିବା ବେଳେ ମସଲା ଭାବେ ବ୍ୟବହୃତ ହେଉଥିବା ଏହି ସାମଗ୍ରୀ ମାଧ୍ୟମରେ କ୍ୟାନ୍ସର ଭଲ ହୋଇପାରିବ। କାରଣ ଏଥିରେ ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ମୌଳିକ ଆଣ୍ଟିବଡିର ଉପଲବ୍ଧତା। ରାଉରକେଲାର ଲାଇଫ ସାଇନ୍ସ ବିଭାଗର ବିଶେଷଜ୍ଞ ରିସର୍ଚ୍ଚ ଟିମ୍ ଓ ଆମେରିକାର ସାଉଥ କେରଲିନା ୟୁନିଭର୍ସିଟିର ଓଡ଼ିଆ ଡାକ୍ତର ମିଳିତ ଭାବେ ଏହି ଉଦ୍ଭାବନ କରିଛନ୍ତି। କେମୋଥେରାପି କଲେ କ୍ୟାନ୍ସର ସେଲ୍ ନଷ୍ଟ ହେବା ସହ ଏହା ମଣିଷ ଶରୀର ପ୍ରତି ବହୁ ମାତ୍ରାରେ କ୍ଷତିକାରକ ହୋଇଥାଏ। ଶରୀରର ଭଲ ସେଲ୍ ମଧ୍ୟ କେମୋ ଥେରାପି ଦ୍ୱାରା ଆଘାତ ପାଇଥାଏ। ଫଳରେ କ୍ୟାନ୍ସର ଠିକ ହେଲେ ମଧ୍ୟ ମଣିଷ ଶରୀରରେ ଆଉ ପୂର୍ବପରି ସତେଜତା ବା ସ୍ଫୁର୍ତ୍ତି ରହିନଥାଏ। ଏବେ କେମୋଥେରାପି ବଦଳରେ କ୍ୟାନ୍ସର ସେଲ ସହ ଲଢ଼ି ତାକୁ ସମୂଳେ ନଷ୍ଟ କରିପାରିବ ସଦ୍ୟ ଉଦ୍ଭାବିତ ଏହି କମ୍ପାଉଣ୍ଡ। ଏବେ ପିପ୍ପଳି ଫଳ ଓ ଏହି ଗଛର ଚେରରୁ ମିଳୁଥିବା ଆଣ୍ଟିବଡି କ୍ୟାନ୍ସର ରୋଗକୁ ରୋକିପାରିବ। କୋଲନ୍ କ୍ୟାନ୍ସର ସେଲ୍ ସହ ଲଢ଼ି ଏହାକୁ ନଷ୍ଟ କରିବାର କ୍ଷମତା ରହିଛି ଏଥିରେ। ଏ ସମ୍ପର୍କରେ ଟିମର ମୁଖ୍ୟ ରିସର୍ଚ୍ଚର କହିଛନ୍ତି ଯେ ଏମ୍‌ଟିଟି ଟେଷ୍ଟରେ ଏହି 'ପାଇପର ଲଙ୍ଗ୍ୟୁମାଇନ' ସିଧାସଳଖ କୋଲନ୍ କ୍ୟାନ୍ସର ସେଲ୍ ସହ ଲଢ଼ି ଏହାକୁ ନଷ୍ଟ କରୁଛି। ଗବେଷଣା ପରେ ରାଉରକେଲା ଏନ୍ଆଇଟିର ଏହି ଟିମକୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି।

## ଭକ୍ତଙ୍କ...

ଅଭିଯୋଗ କରିଛନ୍ତି। ପୂର୍ବରୁ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ଓ ଆଇନ ପରିଷଦ ସଦସ୍ୟ ରହିଥିଲେ। ସେହି ସମୟରେ ଦଳ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରୁଥିଲା। କିନ୍ତୁ ଭକ୍ତ ଦାସ ପିସିସି ସଭାପତି ହେବା ପରଠୁ ଦଳ ତାଙ୍କୁ ପଚାରୁନଥିବା କହିଛନ୍ତି ନରସିଂହ। ଗତ ନୂଆପଡ଼ା ଉପନିର୍ବାଚନରେ ତାଙ୍କୁ ଡ଼କା ଗଲାନାହିଁ । ତେବେ ସେ ଦଳ ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଦୀର୍ଘ ଦିନ ପରେ ଯଦିଓ ନରସିଂହ ମିଶ୍ର ଏଭଳି ଅଭିଯୋଗ କରିଛନ୍ତି, କିନ୍ତୁ ପଶ୍ଚିମ ଓଡିଶାରେ ତାଙ୍କୁ ଭକ୍ତ ଅଣଦେଖା କରୁଥିବା ଜଳଜଳ ହୋଇ ଦିଶୁଥିଲା। କିଛି ବରିଷ୍ଠ କଂଗ୍ରେସ ନେତାଙ୍କ ଅଭିଯୋଗ ହେଉଛି, ଭକ୍ତ ଦାସ ନିଜସ୍ୱ ଟିମ କରୁଛନ୍ତି। ଯେଉଁଥିରେ ଉପକୂଳ ଓ ପଶ୍ଚିମ ଓଡିଶାର ପୂର୍ବତନ ଟାଣୁଆ ଓ ପ୍ରଭାବଶାଳୀ ନେତାଙ୍କୁ ଜାଣିଶୁଣି ନିଜ ସହ ରଖୁନାହାଁନ୍ତି। ତାଙ୍କର ଏଭଳି ଏକଚାଟିଆ କାରବାରର ଫଳ ନୂଆପଡାରେ ଦଳ ଭୋଗିସାରିଛି। ହେଲେ ନିଜ ବିଫଳତାକୁ ଲୁଚାଇବାକୁ ସେ ଅନ୍ୟ ନେତାଙ୍କୁ ବିଭିଷଣ କହି ଅଯଥା ବିବାଦ ସୃଷ୍ଟି କରିଛନ୍ତି ବୋଲି ଜଣେ ବରିଷ୍ଠ ନେତା ଅଭିଯୋଗ କରିଛନ୍ତି। ସାଧିନତା ପରଠାରୁ ନୂଆପଡା କଂଗ୍ରେସ ଏକ ଗଡ ଥିଲା। ଏକଦା ଜନତା ଦଳ ସରକାରରେ କଂଗ୍ରେସ ପ୍ରାର୍ଥୀ ଜଗନ୍ନାଥ ପଟ୍ଟନାୟକ ଉପନିର୍ବାଚନରେ ଜିତିଥିଲେ। ଆଉ ଏଥର କଂଗ୍ରେସ ପାଇଁ ସୁବର୍ଣ୍ଣ ସୁଯୋଗ ରହିଥିଲା। କିନ୍ତୁ ଭକ୍ତଙ୍କ ଭୁଲ ରଣନୀତି ଯୋଗୁଁ କଂଗ୍ରେସ ଏହି ଆସନକୁ ହାତଛଡା କଲା ବୋଲି ଅଭିଯୋଗ ହେଉଛି।

## ଚେତୁ...

ନେଇଥିଲା। ଏଥିରେ ୨୦୧୩ରେ ଝିରମ ଘାଟି ଆକ୍ରମଣ ଅନ୍ୟତମ, ଯେଉଁଥିରେ ଚେତୁ ମୁଖ୍ୟ ଖଳନାୟକ ଥିବା ପୁଲିସ ସୂଚନା ଦେଇଛି। ସେ ୩୩ ଜଣ କଂଗ୍ରେସ କର୍ମୀଙ୍କୁ ହତ୍ୟା ଘଟଣାରେ ମଧ୍ୟ ସାମିଲ ଥିଲା। ଚେତୁର ଆତ୍ମସମର୍ପଣ ପରେ ଦରଭା ଡିଭିଜନ ଏକପ୍ରକାର ଭାଙ୍ଗିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଉ ୩/୪ ମାସ ମଧ୍ୟରେ ସବୁ ନକ୍ସଲ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେବେ ବୋଲି ଏହି ଅବସରରେ ପୁଲିସ ଦୃଢ଼ୋକ୍ତି ପ୍ରକାଶ କରିଛି।

## ବଢ଼ିଲା...

ମିଳିବ ୧ କୋଟି ୧୦ ଲକ୍ଷ ଟଙ୍କା। ଷ୍ଟେଟ୍ କମିଟି, ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟଙ୍କୁ ୫୫ ଲକ୍ଷ, ରିଜିଓନାଲ୍ କମିଟି ସଦସ୍ୟଙ୍କୁ ୩୩ ଲକ୍ଷ, ଡିଭିଜନାଲ୍ କମିଟି ସଦସ୍ୟଙ୍କୁ ସାଢ଼େ ୨୭ ଲକ୍ଷ ଟଙ୍କା ମିଳିବ।

ତା'ଛଡ଼ା ଡିଭିଜନାଲ୍ କମିଟି ମେମ୍ବରଙ୍କୁ ୨୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ମିଳିବାକୁ ଥିବା ବେଳେ ଲାଇଟ୍ ମେସିନ୍ ଗନ୍‌ଧାରୀଙ୍କୁ ୪ ଲକ୍ଷ ୯୫ ହଜାର ଟଙ୍କା ମିଳିବ। ଏହାଛଡ଼ା ସେମାନଙ୍କ ନାଁରେ ଥିବା ସବୁ ଛୋଟମୋଟ ମାମଲା ମଧ୍ୟ ପ୍ରତ୍ୟାହୃତ ହେବ ବୋଲି ସରକାର ଘୋଷଣା କରିଛନ୍ତି।

## ଲୋକଙ୍କ...

କ୍ଷମତାରେ ଥିବା ଦଳ ହଠାତ୍ ଏଭଳି ସ୍ଥିତିରେ ପହଞ୍ଚିବା ଏବେ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଗୋଟିଏ ଉପନିର୍ବାଚନରେ ହାରିବା ପରେ ଦଳୀୟ ନେତାମାନେ ହତୋତ୍ସାହିତ ହୋଇପଡ଼ିବା ଓ ଗାଁଗହଳର କର୍ମୀଙ୍କୁ ନିଜ ପାଖରେ ନ ରଖିପାରିବା ଦଳ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେମାନେ ମତ ଦେଉଛନ୍ତି।

ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ଏଭଳି ସ୍ଥିତି ଜାରି ରହିଲେ ନିର୍ବାଚନ ଜିତିବା ତ ଦୂରର କଥା, ବିଜେଡି ଗାଁଗହଳରେ ପ୍ରାର୍ଥୀଟିଏ ବି ପାଇବ ନାହିଁ ବୋଲି ସେମାନେ ମତ ଦେଉଛନ୍ତି।

# ଶ୍ରୀପ୍ରକାଶ ଜୟସୱାଲଙ୍କ ପରଲୋକ



**କାନପୁର,୨୮।୧୧:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀପ୍ରକାଶ ଜୟସୱାଲଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ କାନପୁରସ୍ଥିତ ହୃଦରୋଗ ପ୍ରତିଷ୍ଠାନକୁ ଅଣାଯାଇଥିଲା। ହୃଦରୋଗ ପ୍ରତିଷ୍ଠାନ ତାଙ୍କ ମୃତ୍ୟୁକୁ ନିଶ୍ଚିତ କରିଛି।

ଶ୍ରୀପ୍ରକାଶ ଜୟସୱାଲ ୧୯୯୯ ରୁ ୨୦୧୪ ପର୍ଯ୍ୟନ୍ତ କାନପୁରରୁ କଂଗ୍ରେସ ଦଳର ସାଂସଦ ଭାବରେ କାର୍ଯ୍ୟ କରିଥିଲେ। ସେ କାନପୁରରୁ ତିନିଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେ କେନ୍ଦ୍ରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଏବଂ କୋଇଲା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଶ୍ରୀପ୍ରକାଶ ଜୟସୱାଲ କାନପୁରର ମେୟର ମଧ୍ୟ ଥିଲେ। ସେ ଗତ ଏକ ବର୍ଷ ଧରି ଅସୁସ୍ଥ ଥିଲେ ଏବଂ ଆଜି ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀପ୍ରକାଶ ଜୟସୱାଲଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ସେ ପ୍ରଭୁ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ଯେ ସେ ସ୍ୱର୍ଗତ ଆତ୍ମାକୁ ତାଙ୍କ ପବିତ୍ର ଚରଣରେ ସ୍ଥାନ ଦିଅନ୍ତୁ। ପ୍ରଭୁ ଶ୍ରୀରାମ ଶୋକସନ୍ତପ୍ତ ପରିବାରକୁ ଏହି ଅପାର କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ।

# ଭୁବନେଶ୍ୱରରେ ଜାଭେଦ ଅଖତର

## ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ହେବେ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୮।୧୧(ସଂଚାର ବ୍ୟୁରୋ): ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରର ଉଜ୍ଜ୍ୱଳ ତାରକା ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ତାଙ୍କର ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯିବ। ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁ ଥିବା ୨-ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯିବ। ଏଥି ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିଛନ୍ତି ଜାଭେଦ ଅଖତର। ସମ୍ମାନ ଗ୍ରହଣ କରିବା ନେଇ ଜାଭେଦ ଅଖତର ନିଜେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଥିଲେ ।

# ଆଜିଠାରୁ ତୃତୀୟ ସୋଆ ସାହିତ୍ୟ ଉତ୍ସବ

**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ଶନିବାରଠାରୁ ଆରମ୍ଭ ହେବ ଦୁଇ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବ-୨୦୨୫। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ନଭେମ୍ବର ୨୯ ଓ ୩୦ ତାରିଖରେ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଆୟୋଜନ କରାଯାଇଛି। ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍‌ଚର ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଏହି ସାହିତ୍ୟ ଉତ୍ସବ ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ୍ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା।

ଉତ୍ସବର ପ୍ରଥମ ଦିନ ଅର୍ଥାତ ନଭେମ୍ବର ୨୯ ତାରିଖ ଶନିବାର ଦିନ ସୋଆ ସାହିତ୍ୟ ଉତ୍ସବକୁ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଉଦ୍‌ଘାଟନ କରିବେ। ଏହି ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ୨୦୨୫ ପ୍ରଦାନ କରାଯିବ।

ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ବର୍ଷ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯିବ।

ସେହିପରି ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଅର୍ଥାତ ନଭେମ୍ବର ୩୦ ତାରିଖ ରବିବାର ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟିକ ମାନଙ୍କୁ ଉତ୍ସାହିତ କରିବା ସହ ନିଜର ଅଭିଭାଷଣ ରଖିବେ।

ଆୟୋଜିତ ଏହି ଉତ୍ସବର ଦ୍ୱିତୀୟ ଦିନରେ ଜନଜାତି ସଂସ୍କୃତିକୁ ନେଇ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି। ଏହି ସ୍ୱତନ୍ତ୍ର ଅଧିବେଶନର ପ୍ରସଙ୍ଗ ରହିଛି 'କଲ୍‌ଚରଃ ଦ ହେରିଟେଜ ୱି ମଷ୍ଟ ପ୍ରିଜର୍ଭ'। ଏହି ଅବସରରେ ଓଡ଼ିଆ ଯୁବ କବି ଓ ଲେଖକ ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କୁ ସୋଆ ଯୁବ ସାହିତ୍ୟ ପୁରସ୍କାର ୨୦୨୫ ସମ୍ମାନରେ ସମ୍ମାନିତ କରାଯିବ।

ଚଳିତ ବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

# ମିଳିଲାନି ଗହମ, ଚିନ୍ତାରେ ଗରିବ ଓ ମଧ୍ୟବିତ୍ତ ପରିବାର

**ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର**

**ପଡିକାର୍ଡଧାରୀଙ୍କୁ ଅଟା ବାବଦ ଅତିରିକ୍ତ ଖର୍ଚ୍ଚ ପ୍ରଦାନ ଦାବି**



**କାକଟପୁର/ଅସ୍ତରଙ୍ଗ,୨୮।୧୧ (ସଂଚାର ବ୍ୟୁରୋ):** ବାରମ୍ବାର ପ୍ରତିଶ୍ରୁତି ପରେ ବି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନଏଫଏସଏ)ରେ ପଡିକାର୍ଡଧାରୀଙ୍କୁ ଅଦ୍ୟାବିଧି ୧ଟଙ୍କିଆ ଗହମ ମିଳିଲା ନାହିଁ। ୨୦୨୨ମସିହା ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଧାର୍ଯ୍ୟ ପରିମାଣକୁ ଅଧା ଗହମ ମିଳିଥିଲା। ସେହିବର୍ଷ ନଭେମ୍ବର ମାସରୁ ପଡିକାର୍ଡଧାରୀଙ୍କୁ ଗହମ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ତେବେ ୨ବର୍ଷ ପରେ ଗତ ସେପ୍ଟେମ୍ବର ମାସରୁ ପୁଣି ଗହମ ଯୋଗାଣ ପାଇଁ ସରକାର କରିଥିବା ଘୋଷଣା ବାତିଲ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ପୂର୍ବରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀଙ୍କୁ ମୁଣ୍ଡପିଛା ୫କେଜି ହିସାବରେ କେବଳ ଚାଉଳ ମିଳୁଥିଲା। ଅନ୍ୟ ପକ୍ଷରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଓ ଏନଏଫଏସଏ ଯୋଜନାରେ କାର୍ଡଧାରୀଙ୍କ ମଧ୍ୟରୁ ପ୍ରାୟ ୨୨ ପ୍ରତିଶତଙ୍କୁ ମୁଣ୍ଡପିଛା ୫କେଜି ଗହମ ଓ ବାକି ୭୮ପ୍ରତିଶତ କାର୍ଡଧାରୀ ୫କେଜି ହିସାବରେ ଚାଉଳ ନେଉଥିଲେ। ୨୦୧୪ମସିହାରୁ କାର୍ଡଧାରୀ ପରିବାରଙ୍କ ଆବେଦନ ଅନୁସାରେ ସରକାରଙ୍କ ପକ୍ଷରୁ ଗହମ ଓ ଚାଉଳ ପ୍ରଦାନ କରାଯାଉଥିଲା। ଏହା ଦ୍ୱାରା ଗରିବ ଓ ମଧ୍ୟବିତ୍ତ ପରିବାରର ମଧୁମେହ ରୋଗୀ ଓ ବୟସ୍କ ବ୍ୟକ୍ତି ବିଶେଷ ଉପକୃତ ହେଉଥିଲେ।

ତେବେ ଗତ ୩ମାସ ପୂର୍ବରୁ ସରକାର ପକ୍ଷରୁ ଗହମ ଯୋଗାଣ ବାବଦ ହୋଇଥିବା ଘୋଷଣାକୁ ନେଇ ସାଧାରଣ ଲୋକେ ଆଶ୍ୱସ୍ତ ହୋଇଥିଲେ। ସେହିକ୍ରମେ ରିଟେଲରମାନେ ସେପ୍ଟେମ୍ବର ଓ ଅକ୍ଟୋବର ମାସର ପଡି ଚାଉଳକୁ ୨୦ପ୍ରତିଶତ କାଟି ରଖିଥିଲେ। ନଭେମ୍ବର ମାସରେ ତାହାକୁ ଗହମ ଆକାରରେ ଦିଆଯିବ ବୋଲି କାର୍ଡଧାରୀଙ୍କୁ ସେମାନେ କହିଥିଲେ। ମାତ୍ର ଚଳିତ ମାସରେ କାଟିଥିବା ବାକିଆ ୨୦ପ୍ରତିଶତ ଚାଉଳ ଦେଇଛନ୍ତି। ଏବେ ଗହମ ମିଳିବନି ବୋଲି ସେମାନେ ଲୋକଙ୍କୁ ବୁଝାଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପରିଲିଖିତ ହୋଇଛି।

ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ଯୋଗାଯୋଗ କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟ ପକ୍ଷରେ ଗହମ ଅଭାବ ଟଳିବା ପର୍ଯ୍ୟନ୍ତ ଅଟା ଉପରେ ନିର୍ଭରଶିଳ ଏନଏଫଏସ କାର୍ଡଧାରୀ ପରିବାରଙ୍କୁ ସରକାର ମୁଣ୍ଡପିଛା ଅତିରିକ୍ତ ଅର୍ଥ ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ନବରଙ୍ଗପୁର/ଡାବୁଗାଁ, ୨୮।୧୧(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅବକାରୀ ବିଭାଗ ଶୁକ୍ରବାର ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ନବରଙ୍ଗପୁର ଜିଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାଶ ଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ଅବକାରୀ ବିଭାଗ ଆଜି ପେଟ୍ରୋଲିଂ କରିବା ସମୟରେ ବୋରିଗାଁ ପଞ୍ଚାୟତ ଅଧୀନ ପରଶୁବେଢା ଗ୍ରାମ ଡମୁର ଭତ୍ରା (୬୦) ରାସ୍ତାରେ ଏକ ବ୍ୟାଗ ଧରି ଯାଉଥିବା ସମୟରେ ଅବକାରୀ ବିଭାଗ କର୍ମଚାରୀ ମାନଙ୍କୁ ସନ୍ଦେହ ହେବାରୁ ଡମୁର କୁ ଅଟକାଇ ତାର ବ୍ୟାଗ ଯାଞ୍ଚ କରିଥିଲେ। ଯାଞ୍ଚ କରିବାରୁ ଜଣାପଡିଥିଲା ଉକ୍ତ ବ୍ୟାଗରେ ଗଞ୍ଜେଇ ରହିଛି। ଏହାପରେ ଅବକାରୀ କର୍ମଚାରୀମାନେ ଡମୁରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ପାଖରୁ ୨ କି.ଗ୍ରା.୧୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି।



**ବିଜେପିକୁ ବଦନାମ କରିବାକୁ ଷଡଯନ୍ତ୍ର**

## ପାର୍ଟିରେ ବାଲି ମାଫିଆଙ୍କୁ ପୁରାଇବାକୁ ଚାଲିଛି 'ମାଷ୍ଟର ପ୍ଲାନ୍'

**ଯାଜପୁର,୨୮।୧୧ (ସଂଚାର ବ୍ୟୁରୋ):** ଯାଜପୁରରେ ଏବେ ଏକ ନୂଆ ଚର୍ଚ୍ଚା ତୀବ୍ରତା ପକାଇଛି। ସ୍ଥାନୀୟ ମହଲରେ ଅଭିଯୋଗ, କିଛି କୁଚକ୍ରୀ ଗୋଷ୍ଠୀ ବାଲି ମାଫିଆଙ୍କୁ ବିଜେପି ମଧ୍ୟରେ ମିଶାଇବା ପାଇଁ ଅଦମ୍ୟ ଚେଷ୍ଟା କରୁଛନ୍ତି। ଏହା ପଛରେ ଥିବା ଉଦ୍ଦେଶ୍ୟ ନେଇ ଲୋକମାନଙ୍କ ମଧ୍ୟରେ ପ୍ରଶ୍ନ ଓ ସନ୍ଦେହ ଦୃଢ଼ ହେଉଛି।ସାଧାରଣଙ୍କ ମତ ଅନୁସାରେ ମାଫିଆଙ୍କୁ ଦଳରେ ପୁରାଇ ଦେଲା ପରେ ବାଲି ଚୋରି ଘଟଣାକୁ "ଦଳର ଅନ୍ତର୍ଗତ ଲୋକଙ୍କ କାମ" ଭାବରେ ପ୍ରଚାର କରାଯାଇ, ବିଜେପିକୁ ବଦନାମ କରିବା ପାଇଁ ସୁବିଧା ହେବ। ଏହାକୁ ଅନେକେ ଏକ ଯୋଜନାବଦ୍ଧ 'ମାଷ୍ଟର ପ୍ଲାନ୍' ବୋଲି ବର୍ଣ୍ଣନା କରୁଛନ୍ତି। ମୋହନ ସରକାରକୁ ବଦନାମ କରିବାର ଖେଳ ବୋଲି ଚର୍ଚ୍ଚା ଚାଲିଛି।

ସ୍ଥାନୀୟ ମହଲର ଭାବନା- ମାଫିଆକୁ ବଞ୍ଚାଇ, ଦଳକୁ ଦୋଷୀ କରିବା ଏବଂ ଅଞ୍ଚଳରେ ଅସ୍ଥିରତା ତିଆରି କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ବିଶେଷଜ୍ଞମାନେ ମଧ ଏହା ଦଳର ଇମେଜ୍‌କୁ ମଳିନ କରିବାର ଉପାୟ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି।

ଅଭିଯୋଗ ଅନୁସାରେ, ବାଲି ମାଫିଆ,ମଧ୍ୟସ୍ଥ ଓ ଦଲାଲ ମିଶି ଏକ ନୂଆ ନେକ୍ସସ୍ ତିଆରି କରୁଛନ୍ତି, ଯାହାର ଲକ୍ଷ୍ୟ ହେଉଛି ଅପରାଧୀଙ୍କୁ ଦଳରେ ମିଶାଇଦିଅ, ପରେ ସେ ଯାହା କରିବେ, ତାହାକୁ ବିଜେପିର ଦୋଷ ଭାବରେ ଦେଖାଇ ଦଳକୁ ବଦନାମ କର। ଯାଜପୁର ବ୍ଲକ୍ ଅଡ଼ଙ୍ଗ, ଭଗତପୁର, ଚଇନପୁର, ପଣସା ଓ ପ୍ରାନ୍ତୀୟ ଅଞ୍ଚଳଗୁଡ଼ିକରେ ବାଲି ମାଫିଆଙ୍କ ଥିବା ଚୋରା ବାଲିଘାଟ ଗାଁ ମାନଙ୍କ ଖଟିରେ ଚର୍ଚ୍ଚା ଚାଲିଛି। ସାଧାରଣ ଲୋକମାନଙ୍କ ପ୍ରଶ୍ନ - ବାଲି ମାଫିଆଙ୍କୁ ବିଜେପିରେ ମିଶାଇ କିଏ କେଉଁ ଲାଭ ଖୋଜୁଛି ?

ଲୋକମାନଙ୍କ ସନ୍ଦେହ ସ୍ପଷ୍ଟ - ଏହା ବିଜେପିକୁ ବଦନାମ କରିବାର ଗଣିତିଆ ଖେଳ, ମାଫିଆଙ୍କ ଅସତ କାର୍ଯ୍ୟକୁ ଦଳର ନାମରେ ଦେଖାଇବାର ଚେଷ୍ଟା।

## ଓୟୁଏଟି ନେତୃତ୍ୱରେ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ଓୟୁଏଟି ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍ସଲେନ୍ସ ନେତୃତ୍ୱରେ ଭୈରବୀ ଏଫପିଓର ପ୍ରଗତିଶୀଳ ଯାତ୍ରା ସମ୍ବନ୍ଧୀୟ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଅଫ ଏକ୍ସଲେନ୍ସ ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶିକା ଡକ୍ଟର ସର୍ବାଣୀ ଦାସ ଏହି ବେଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ କୃଷକ ଉତ୍ପାଦକ ସଂଗଠନ, କୃଷି ବିଜ୍ଞାନ କେନ୍ଦ୍ର, ସିବିବିଓ, ଇମ୍ପ୍ଲିମେଣ୍ଟିଂ ଏଜେନ୍ସିର ସଦସ୍ୟ ସମେତ ୪୮ ଜଣ ଏଫପିଓ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଭୈରବୀ ଏଫପିଓର ସିଇଓ ବିଶି କୁମାର ବିଶ୍ୱାଳ ଯୋଗଦେଇ ପ୍ରାରମ୍ଭିକ ସମୟରେ ଏହି ସଂଗଠନ ସଦସ୍ୟମାନଙ୍କ ମଧରେ ସହଯୋଗର ଅଭାବ, ଅଂଶୀଦାର ପୁଞ୍ଜି ନ ଦେବା ଭଳି ଅନେକ ସମସ୍ୟା ସମ୍ମୁଖୀନ ହୋଇ ମଧ ଆଜି ସଫଳତା ହାସଲ କରିପାରିଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୨୦୧୬ ମସିହାରେ ୧୦ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିବା ଏହି ସଂଗଠନର ଆର୍ଥିକ କାରବାର ବର୍ତ୍ତମାନ ପ୍ରାୟ ୧ କୋଟି ୨୦ ଲକ୍ଷରେ ପହଞ୍ଚି ସାରିଲାଣି। ପ୍ରଥମେ କଳା ଚାଉଳ ଚାଷ, ଭର୍ମିକମ୍ପୋଷ୍ଟ, ବିହନ ଉତ୍ପାଦନ, ପରିବା ଚାଷ କାର୍ଯ୍ୟରେ ନିୟୋଜିତ ଥିଲା। ହେଲେ ମହିଳା ସଦସ୍ୟମାନଙ୍କ ସଂଗବଦ୍ଧତା କାରଣରୁ ଆଜି ମାଣ୍ଡିଆ ଚାଷ କରି ବିଦେଶରେ ନିଜସ୍ୱ ଉତ୍ପାଦ ବିକ୍ରି କରି ବେଶ ଲାଭାନ୍ୱିତ ହେବା ସହିତ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ମଧ ହୋଇଛନ୍ତି।

# ଏନ୍‌ସି କଲେଜରେ ବ୍ଲାକ୍ ବୟ ଗ୍ୟାଙ୍ଗ୍‌ର ହମଲା

**ଯାଜପୁର,୨୮।୧୧ (ସଂଚାର ବ୍ୟୁରୋ):** ଯାଜପୁରର ନରସିଂହ ଚୌଧୁରୀ (ଏନ୍‌ସି) ମହାବିଦ୍ୟାଳୟ ପରିସର ପୁଣିଥରେ ଅଶାନ୍ତ। ପରୀକ୍ଷାକୁ ଯାଉଥିବା ଯୁବକଙ୍କୁ ଅପହରଣ କରି ନିର୍ଦ୍ଦୟ ଆକ୍ରମଣ କରାଯାଇଥିବା

**ଛାତ୍ର ଅପହରଣ ଘଟଣାରେ ସୁରକ୍ଷାକୁ ନେଇ ପ୍ରଶ୍ନଚିହ୍ନ**



ଘଟଣା ସ୍ଥାନୀୟ ଛାତ୍ରଛାତ୍ରୀ ସମାଜରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି। ଅପହରଣର ଶିକାର ହୋଇଥିବା ଛାତ୍ର ହେଲେ ଯଖପୁରା ଅଞ୍ଚଳର ଚିରଞ୍ଜିତ ସାମଲ, ଯିଏ ଯୁକ୍ତତିନି ଦ୍ୱିତୀୟ ବର୍ଷର ଛାତ୍ର।

ସୂତ୍ର ମୁତାବକ, ବୁଧବାର ପ୍ରଥମେ କଲେଜ ଛାତ୍ରାବାସରେ ଥିବାବେଳେ କିଛି ଅଣଛାତ୍ର ତାଙ୍କୁ ମାଡ଼ ମାରିଥିଲେ। ଏହା ନେଇ ସେ ଟାଉନ ଥାନାରେ ଅଭିଯୋଗ କଲେ ମଧ ପୁଲିସ ପକ୍ଷରୁ ତତ୍କାଳିନ ପଦକ୍ଷେପ ନହୋଇଥିବା ଅଭିଯୋଗ ଉଠିଛି। ପରବର୍ତ୍ତୀ ଦିନ ଗୁରୁବାର ସକାଳେ ଚିରଞ୍ଜିତ କଲେଜକୁ ଯାଉଥିବା ବେଳେ କଲେଜ ପରିସରରୁ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ 'ବ୍ଲାକ୍ ବୟ ଗ୍ୟାଙ୍ଗ' ନାମକ ଗୋଷ୍ଠୀ ମାଡ଼ ମାରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

ଏହା ପରେ ଘଟଣା ନେଇ କଲେଜ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଚର୍ଚ୍ଚା ଚାଲିଛି। କଲେଜ ପରିସରରେ ଅଣଛାତ୍ରଙ୍କ ସ୍ୱଚ୍ଛନ୍ଦ ଘୁରାଘୁରି, ଧମକ ଓ ନିଶା କାରବାର ନେଇ ଆଗରୁ ମଧ ଅଭିଯୋଗ ରହିଥିଲା। କିନ୍ତୁ ଚିରଞ୍ଜିତଙ୍କ ଅପହରଣ ଘଟଣା ଏହି ଅଭିଯୋଗକୁ ଆହୁରି ସୁଦୃଢ଼ କରିଦେଇଛି।

କଲେଜ ପରିଚାଳନା ସମିତିର ଅଧକ୍ଷ ରଞ୍ଜନ କୁମାର ବେହେରା କହିଛନ୍ତି କଲେଜ ପରିସର ବହୁତ ବଡ଼। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପାଚେରି ନଥିବାରୁ ଅଣଛାତ୍ରମାନେ ସହଜରେ ପଶି ଯାଉଛନ୍ତି। ମାଡ଼ ଘଟଣା ହେଉଥିବାବେଳେ ଆମେ ପହଞ୍ଚି ଛାତ୍ରକୁ ଉଦ୍ଧାର କରିଛୁ। କଲେଜର ସୁରକ୍ଷା ନେଇ ପୁଲିସ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି।" ଘଟଣା ପରେ ଚିରଞ୍ଜିତଙ୍କୁ ଅପହରଣକାରୀମାନେ ଛାଡ଼ି ଦେଇଥିବା ଜଣାପଡ଼ିଛି। ତଥାପି କଲେଜ ପରିସରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଗବେଷଣା ସମ୍ମିଳନୀ

**ଗବେଷଣା 'ଭୋକାଲ୍ ଫର୍ ଲୋକାଲ୍ ସହ ପାରମ୍ପରିକତା ଓ ଟେକ୍ନୋଲୋଜିର ସମନ୍ୱୟ ଅଭିମୁଖୀ ହେବା ଆବଶ୍ୟକ**




**ବ୍ରହ୍ମପୁର,୨୮।୧୧ (ସଂଚାର ବ୍ୟୁରୋ):** ବିଶ୍ୱବିଦ୍ୟାଳୟର ପାରମ୍ପରିକତା ସହ ପ୍ରଯୁକ୍ତିର ସମନ୍ୱୟ ରକ୍ଷା କରିବା ସହ ଗବେଷଣା ସ୍ଥାନୀୟ ବିଶେଷତ୍ୱକୁ ସାମାଜିକ ବିଜ୍ଞାନ ସଂପର୍କିତ ବିଶ୍ୱସ୍ତରରେ ପହଞ୍ଚାଇବା ଆଭିମୁଖ୍ୟ ହେବା ଉଚିତ। ଓଡିଶା ଗବେଷଣା ସମ୍ମିଳନୀ-୨୦୨୫ର ଦ୍ୱିତୀୟ ଦିନରେ କୁଳପତିଙ୍କ ସମ୍ମିଳନୀରେ ଏହି ମତ ପ୍ରକାଶ ପାଇଛି। ଏହାସହ ସ୍ଥାନୀୟ ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କ ମଧରେ ସହଯୋଗିତା ଓ ସମନ୍ଵର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିରେ ବାଲେଶ୍ୱର ଫକିରମୋହନ ବିଶ୍ୱବଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମା ମଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନିବେଦିତା ନାଥ, ମଧୁସୁଦନ ଆଇନ ବିଶ୍ୱବଦ୍ୟାଳୟର କୁଳପତି ପ୍ରଫେସର କମଲଜିତ ସିଂଙ୍କ ପ୍ରମୁଖ ଯୋଗ ଦେଇଥିଲେ।

ବୈଠକରେ ଯୋଗ ଦେଇଥିବା ସମସ୍ତ କୁଳପତି, ଶିକ୍ଷାବିତ, ଶିଳ୍ପସଂସ୍ଥାର ବିଶେଷଜ୍ଞଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶ ଉପଢୌକନ ଓ ସ୍ମାରକୀ ଦେଇ ସମ୍ମାନୀତ କରିଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରଦର୍ଶନୀ

**ବ୍ରହ୍ମପୁର,୨୮।୧୧ (ସଂଚାର ବ୍ୟୁରୋ):** ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରଦର୍ଶନୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡକ୍ଟର୍ ପ୍ରମିଳା ଖାଡ଼ଙ୍ଗା ଏହି ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ବର୍ଜ୍ୟବସ୍ତୁର ସୁପରିଚାଳନା ଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା କରାଯାଇପାରିବ ବୋଲି କହିଥିଲେ। ହାତ ପାଆନ୍ତାରେ ଉପଲବ୍ଧ ବିଭିନ୍ନ ବର୍ଜ୍ୟବସ୍ତୁକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ୧୪ଟି ପ୍ରକଳ୍ପ ପ୍ରସ୍ତୁତ କରିବା ସହ ସେସବୁର ନମୁନା ପ୍ରଦର୍ଶନ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଡ. ଅନୀତା ପତିଙ୍କ ସଂଚାଳନାରେ ଆୟୋଜିତ ଏହି ପ୍ରଦର୍ଶନୀରେ ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ଡ. ଆନନ୍ଦ ସେଠୀ, ଡ. ଦେବରାଜ ସ୍ୱାଇଁ, ଡ. କମଳାକାନ୍ତ ନାୟକ, ଡ. ଚିତ୍ତରଞ୍ଜନ ମହାନ୍ତି, ଡ. ସ୍ନେହାସିନୀ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଦର୍ଶନୀରେ ଯୁକ୍ତ ୨, ଯୁକ୍ତ ୩ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।



## ଠିକାଦାର ମହାସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ଚୟନ

**ପାରାଦୀପ,୨୮।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରରେ ଠିକାଦାର ମହାସଙ୍ଘ ସାଧାରଣ ପରିଷଦର ବୈଠକ ପରେ ବିଭିନ୍ନ ବ୍ଲକରେ ଆରମ୍ଭ ହୋଇଛି ସାଧାରଣ ପରିଷଦ ବୈଠକ ଓ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ସେହିପରି ଆଜି ନାଉଗାଁ ବ୍ଲକ ମଧ ଠିକାଦାର ମହାସଙ୍ଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତା ଚୟନ ଶିଖରଘାଟ ଚିଙ୍ଗୁଡ଼ିଆ ତୋଟା ନିକଟରେ ଅନୁଷ୍ଠିତ ହୋଇଅଛି । ଆଜି ମଧ୍ୟାହ୍ନ ସମୟରେ ଠିକାଦାର ମହାସଂଘର ସମସ୍ତ କର୍ମକର୍ତାଙ୍କୁ ନେଇ ଏହି ବୈଠକ ଓ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଥିବା ବେଳେ,ଆଜି ମହାସଂଘର ସମସ୍ତ କର୍ମକର୍ତା ସହମତି କର୍ମେ ସଙ୍ଘର ସଭାପତି ରୂପେ ପବିତ୍ର ମୋହନ ନାୟକଙ୍କ ନାମ ଚୟନ କରାଯାଇଥିବା ବେଳେ, ସେହିପରି ଉପସଭାପତି ରୂପେ ଅମରେଶ୍ୱର ଦାସ, ସମ୍ପାଦକ ରୂପେ ଦେବୀ ପ୍ରସାଦ ଲେଙ୍କା ଓ କ୍ୟାସିୟରେ ରୂପେ ଦେବ ମୁଦୁଲି ଙ୍କ ନାମ କୁ ଚୟନ କରାଯାଇ ଥିଲା । ଅନ୍ୟପଟେ ଏହି ମହାସଂଘ ରେ ନାଉଗାଁ ବ୍ଲକ ର ସମସ୍ତ ଠିକାଦାର ମାନେ ଉପସ୍ଥିତ ରହି କିପରି ଭାବେ ଆଗାମୀ ଦିନରେ ମହାସଂଘ କୁ ସୁଦୃଢ଼ କରାଯାଇ ପାରିବ ଓ ଅତ୍ୟଧିକ ଲେସେ ରେ ଟେଣ୍ଡର ନପକାଇ ଭଲ ଭାବେ ଯେପରି କାର୍ଯ୍ୟ କୁ କରାଯାଇ ପାରିବ ସେ ସମ୍ବନ୍ଧରେ ସମସ୍ତ ସଂକଳ୍ପ ବୋଧ ହୋଇଥିଲେ ।

## ମଞ୍ଜରୀ ଦେବୀ ନର୍ସିଂ କଲେଜ ପରିସରରେ ଖାଦ୍ୟମେଳା

**ବାଲିଅନ୍ତା,୨୮।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପୂରଣ ପଞ୍ଚାୟତ ଅଧୀନ ପଞ୍ଚାୟତରୋଡ଼ ସ୍ଥିତ ମଞ୍ଜରୀ ଦେବୀ ନର୍ସିଂ କଲେଜ ପରିସରରେ ଗତ ୨୬ ତାରିଖ ଦିନ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ପାରମ୍ପରିକ ବିଭିନ୍ନ ପ୍ରକାର ପିଠା, ମିଠା ଠାରୁ ଆରମ୍ଭ କରି ନାନାଦି ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କଲେଜରେ ଅଧ୍ୟୟନରତ ଛାତ୍ରୀମାନେ ୩୦ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଛାତ୍ର ସମୂହ ପ୍ରସ୍ତୁତିରେ ସହଯୋଗ କରିଥିଲେ।



ଏହି ଅବସରରେ ଓଡିଶା ପ୍ରାଶାସନିକ ଅଧିକାରୀ ଆକାଶ ରଞ୍ଜନ ସାହୁ, କଲେଜର ପ୍ରତିଷ୍ଠାତା ତଥା ସମ୍ପାଦଜ ଶରତ ଚନ୍ଦ୍ର ବିଶ୍ୱାଳ, ଉପାଧକ୍ଷା ଜ୍ୟୋତ୍ସ୍ନା ଦାସ, ସହ ସମ୍ପାଦକ ଜଜେଶ କୁମାର ବିଶ୍ୱାଳ, ପ୍ରଫେସର ଇପସିତା ସାହୁ, ପ୍ରଫେସର ବର୍ଷାରାଣୀ ବେଜ, ପ୍ରଫେସର ଜୟଶ୍ରୀ ଜେନା, ଅଧାପିକା ସୌମ୍ୟା ସୁଲଗ୍ନା ପଟ୍ଟନାୟକ, ମୁଖ୍ୟ କୋଷାଧକ୍ଷା ଶ୍ରଦ୍ଧାଞ୍ଜଳି ସଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତମ ଖାଦ୍ୟ ପ୍ରସ୍ତୁତି ନେଇ ଛାତ୍ରୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ ।

# ଜୀବନକୁ ସହଜ, ସରଳ କରିବା ପାଇଁ ବିଜ୍ଞାନ ହେଉଛି ଏକ ଅସ୍ତ୍ର

**କାକଟପୁର/ଅସ୍ତରଙ୍ଗ,୨୮।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସରକାରୀ କାକଟପୁର ବାଳିକା ନୋଡାଲ

**ବ୍ଲକସ୍ତରୀୟ ବିଜ୍ଞାନ ମେଳା**

ଉଚ୍ଚ ବିଦ୍ୟାଳୟରେ ୩୫ତମ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତି, ମୁଖ୍ୟ ବକ୍ତା କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ସମ୍ମାନିତ ଅତିଥି ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, କାକଟପୁର ମଣ୍ଡଳ ସହ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ସହ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ କାଣ୍ଡି, ସହ ଶିକ୍ଷାଧିକାରୀ ମାଲିକ କାକିର ହୁସେନ, ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ, ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସେକ ଜିଆଉଲ ହକ ପ୍ରମୁଖ ଉପସ୍ଥିତ ଥିଲେ।



ଖାଦ୍ୟ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ କୃଷି, ବିପର୍ଯ୍ୟୟ ପରିଚାଳନା, ଆଦର୍ଶ ଗଣିତ ପ୍ରଦର୍ଶନ, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଷୟବସ୍ତୁକୁ ନେଇ କାକଟପୁର ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୬୮ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ୭ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି।

## ସାପ କାମୁଡ଼ାରେ ୨ ଆହତ

**ହିଞ୍ଜିଳିକାଟୁ,୨୮।୧୧ (ସଂଚାର ବ୍ୟୁରୋ):** ଗତ କିଛି ଦିନ ହେଲା ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟକୁ ସାପ କାମୁଡା ରୋଗୀ ଆସୁଥିବାର ନଜରକୁ ଆସୁଛି। ହିଞ୍ଜିଳି ନିକଟବର୍ତ୍ତୀ ନରେନ୍ଦ୍ରପୁର ଗ୍ରାମର ଭଜରାମ ସ୍ୱାଇଁ (୪୦) ଓ ଖଡଭାଗ ଗ୍ରାମର ଧୋବୁନି ବିଶ୍ୱାଳ (୫୦) ଉଭୟଙ୍କୁ ସାପ କାମୁଡି ଦେବାରୁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତେବେ ସାପ କାମୁଡା ଇଞ୍ଜେକ୍ସନ ନେବା ପରେ ଆହତ ଦ୍ୱୟଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।



# ଛେଳି ଚାଷ ଦେଉଛି ରୋଜଗାର

**ଆର୍ଥିକ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଜିତେନ୍ଦ୍ର**

**ଫୁଲବାଣୀ,୨୮।୧୧ (ସଂଚାର ବ୍ୟୁରୋ):** ଇଛା ଥିଲେ ଉପାୟ ବଳେ ଆସିଯାଏ। ଏଭଳି ଜଣେ ଶିକ୍ଷିତ ଯୁବକ ପରିବାର ଚଳାଇବା ପାଇଁ ବିଭିନ୍ନ ପନ୍ଥା ଆପଣାଇ ରୋଜଗାରକ୍ଷମ ପରିବର୍ତ୍ତେ ବାକିରେ ବୁଡି ଅସହାୟ ହେବା ପରେ ଛେଳି ଚାଷ କରି ବର୍ତ୍ତମାନ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ପବିଙ୍ଗିଆ ଗାଁର ଜିତେନ୍ଦ୍ର କହଁର (୪୬), ସ୍ତ୍ରୀ ସଇନ୍ଦ୍ରି କହଁର ଏବଂ ୨ ଝିଅଙ୍କୁ ନେଇ ପରିବାର। ଜିତେନ୍ଦ୍ର ଜଣେ ଶିକ୍ଷିତ ଯୁବକ ବାହାଘର ପରେ ବାହାରକୁ ନ ଯାଇ ପ୍ରଥମେ ଘରର ଚାଷ କାମ କରିବା ସହ ଛୋଟ ଏକ କିରାନି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କିରାନି ଦୋକାନ କରି ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ଚଳୁଥିଲା କିନ୍ତୁ ଦୋକାନଟି ବାକିରେ ବୁଡିଯିବା ପରେ ଅସହାୟ ହୋଇପଡ଼ିଥିଲେ। ନିଜେ ଭାଙ୍ଗି ପଡ଼ିଥିବା ବେଳେ ସ୍ତ୍ରୀ ସଇନ୍ଦ୍ରି କହଁରଙ୍କ ପ୍ରେରଣାରେ ଗତ ୨୦୧୮ ମସିହାରେ ପ୍ରଥମେ ଦୁଇଟି ଛେଳି କିଣି ଓ କିଛି ଛେଳି ଭାଗରେ ଆଣି ଚାଷ ଆରମ୍ଭ କରିଥିଲେ। ମାତ୍ର ୨ରୁ ତିନୋଟି ଛେଳିରୁ ବର୍ତ୍ତମାନ ଶହ ଶହ ଛେଳି ପାଳନ କରିଛନ୍ତି ଜିତେନ୍ଦ୍ର । ଛେଳି ଚାଷରେ ସ୍ତ୍ରୀ ସଇନ୍ଦ୍ରି ସମ୍ପୂର୍ଣ୍ଣ ସହଯୋଗ କରୁଥିବା କହିଛନ୍ତି ଜିତେନ୍ଦ୍ର। ଛେଳି ବିକ୍ରି କରି ବାର୍ଷିକ ତିନିଲକ୍ଷରୁ ଅଧିକ ରୋଜଗାର କରୁଥିବା ବେଳେ ସେହି ଟଙ୍କାରେ ବଡ଼ ଝିଅକୁ ଜିଏନଏମରେ ପାଠ ପଢାଉ ଥିବା ବେଳେ ସାନ ଝିଅ ଦଶମ ପଢୁଥିବା କହିଛନ୍ତି ଜିତେନ୍ଦ୍ରଙ୍କ ସ୍ତ୍ରୀ ସଇନ୍ଦ୍ରି କହଁର।

ନିଜର ଛେଳି ରଖିବା ପାଇଁ ଘରଟିଏ ବି ନାହିଁ କିମ୍ବା ସରକାରଙ୍କ ତରଫରୁ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଯାହାଦ୍ୱାରା ଛୋଟ ଘରେ ଶହ ଶହ ଛେଳିକୁ ଜରି ପାଲ ଘୋଡାଇ ରଖୁଥିବା ବେଳେ ଚୋରି ସହ ଜଙ୍ଗଲି ବିଲୁଆ ଭୟରେ ଘର ଚାରିପଟେ ସୋଲାର ସଂଯୋଗ କରି ଘରକୁ ଆଲୋକିତ କରୁଛନ୍ତି। ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେଲେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି କହିଛନ୍ତି ଜିତେନ୍ଦ୍ର। ଅନ୍ୟପଟେ ଜିତେନ୍ଦ୍ର କନ୍ଧମାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଣେ ଆଦିବାସୀ ଯୁବକ ଛେଳି ଚାଷ କରି ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିବାରୁ ବିଭିନ୍ନ ମହାଲରୁ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳିଛି ।



## ଏସ୍‌ଏମ ମହିଳା ମହାବିଦ୍ୟାଳୟ ଏଡ଼୍‌ସ ସଚେତନତା କାର୍ଯ୍ୟକ୍ରମ

**ଫୁଲବାଣୀ ,୨୮।୧୧ (ସଂଚାର ବ୍ୟୁରୋ):** ତାରିଖ ଦିନ ଏସ. ଏମ ମହିଳା ମହାବିଦ୍ୟାଳୟ, ଫୁଲବାଣୀ ଠାରେ, ବିଶ୍ୱ ଏଡ଼ସ ଦିବସ ଉପଲକ୍ଷେ ଅନୁଷ୍ଠିତ ରେଡ ରିବନ ସପ୍ତାହର ଚତୁର୍ଥ ଦିବସରେ ମହାବିଦ୍ୟାଳୟର ଛାତ୍ରିମାନଙ୍କ ମଧ୍ୟରେ ଏକ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ୱାଇଆର୍‌ସି ଏବଂ ଆର୍‌ଆର୍‌ସି କାଉନସେଲର ଅଧାପିକା ଶ୍ରୀମତୀ ଯଶୋଦା ଜେନା,ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ୪୦ଜଣ ଛାତ୍ରି ଅଂଶ ଗ୍ରହଣ କରିଥିଲେ । ଯୁବ ସମାଜ କୁ ଏଡ଼ସ କବଳରୁ ରକ୍ଷା କରିବା ପାଇଁ ସଚେତନ କରାଇବା ଉଦେଶ୍ୟ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟ ର ଛାତ୍ରୀ ମାନେ ସ୍ୱେଚ୍ଛାସେବୀ ଭାବରେ, ଯୁବସମାଜ ରେ ଏଡ଼ସ ନିରାକରଣ ବାର୍ତା ପ୍ରଚାର ଓ ପ୍ରସାର କରିବା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ରେ ଶ୍ରୀ ଦେବାଶିଷ ମିଶ୍ର, ଜିଲ୍ଲା ଏଡ଼ସ ସୁପରଭାଇଜର ଏବଂ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଜେନା, ବରିଷ୍ଠ ଏଡ଼ସ ପାମର୍ଶଦାତା ନିଜର ଅଭିଜ୍ଞତା କୁ ଆଧାର କରି ଛାତ୍ର, ଛାତ୍ରୀ ମାନଙ୍କୁ ଏଡ଼ସ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ରେ ମାର୍ଗଦର୍ଶନ କରିଥିଲେ ।



# ଆଧୁନିକ ଅଡିଟିଂ ବ୍ୟବସ୍ଥା ସୁଶାସନର ଚାବିକାଠି: ରାଜ୍ୟପାଳ

**ଭୁବନେଶ୍ୱର, ୨୮।୧୧(ସଂଚାର ବ୍ୟୁରୋ):** ଆଧୁନିକ ଅଡିଟିଂ ଅଭ୍ୟାସ ସୁଶାସନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଆଜି ଜୟଦେବ ଭବନରେ ଅନୁଷ୍ଠିତ ପଞ୍ଚମ ଅଡିଟ୍ ସପ୍ତାହ ପାଳନର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଆଧୁନିକ ଶାସନର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଅଡିଟିଂ ଅଭ୍ୟାସକୁ ରୂପାନ୍ତରିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, ଆଧୁନିକ ଅଡିଟିଂ ବିଶ୍ଳେଷଣାତ୍ମକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ଭବିଷ୍ୟତ-ମୁଖୀ ହେବା ଆବଶ୍ୟକ । ସାଧାରଣ ଖର୍ଚ୍ଚ ଏବଂ ଆର୍ଥିକ ବ୍ୟବସ୍ଥାର ଯାଞ୍ଚକୁ ଉନ୍ନତ




କରିବା ପାଇଁ ଏହା ତଥ୍ୟ ବିଶ୍ଳେଷଣ, ବାସ୍ତବତା ଓ ମୂଲ୍ୟାଙ୍କନ ଭିତ୍ତିକ ହେବା ଉଚିତ। ଅଡିଟର ଭୂମିକା କେବଳ ଆକାଉଣ୍ଟ ଯାଞ୍ଚ କରିବାରେ ସୀମିତ ନୁହେଁ। ବର୍ତ୍ତମାନ ଅଡିଟ୍ ଶାସନ, ପ୍ରଯୁକ୍ତିବିଦ୍ୟା ଏବଂ ଜନସାଧାରଣଙ୍କ ଆଶା ଅକାଂକ୍ଷାର ସଂଯୋଗସ୍ଥଳ ଭାବେ ଉଭା ହୋଇଛି।

ଡିଜିଟାଲ ପ୍ଲାଟଫର୍ମ ଏବଂ ଦିନକୁ ଦିନ ବହୁଳ ସରକାରୀ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଅଡିଟରେ ବାସ୍ତବତାକୁ ଆକଳନ କରିବା, ନିୟନ୍ତ୍ରଣରେ ଉନ୍ନତି ଆଣିବା ଏବଂ ସୂଚନାଯୁକ୍ତ ନିଷ୍ପତ୍ତି ନେବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଭାରତର ଅଡିଟ୍ ସଂସ୍ଥାଗୁଡ଼ିକର ଇତିହାସ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ୧୫୦ବର୍ଷରୁ ଅଧିକ ସମୟ ଧରି ଏହା ଜନସାଧାରଣଙ୍କ ଉତ୍ତରଦାୟିତ୍ୱବୋଧର ମୂଳଦୁଆ ରହିଆସିଛି ଏବଂ ଏହା ସରକାରୀ ସମ୍ବଳର ଉତ୍ତରଦାୟୀ ଏବଂ ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରି ଶାସନରେ ବିଶ୍ୱାସକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ପ୍ରଯୁକ୍ତିବିଦ୍ୟା ଆଧାରିତ ବ୍ୟବସ୍ଥାକୁ ଗ୍ରହଣ କରିବାରେ ଓଡ଼ିଶାର ଅଗ୍ରଗତିକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏଥି ସହିତ 'ସମାଧାନ' ଭଳି ପଦକ୍ଷେପକୁ ଅଭିଯୋଗ ପରିଚାଳନାରେ ଉଭୟ ଦକ୍ଷତା ଓ ସହାନୁଭୂତିର ମଡେଲ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ ।

ଡିଜିଟାଲ ଅଡିଟ୍ ଉପକରଣ, ବିଶ୍ଳେଷଣ ଓ ଦକ୍ଷତା ବିକାଶକୁ ଆପଣେଇ ରାଜ୍ୟକୁ ଆଧୁନିକ ଅଡିଟ୍ ସଂସ୍କାରରେ ଅଗ୍ରଣୀ କରିଥିବାରୁ ଓଡ଼ିଶାର ଆକାଉଣ୍ଟାଣ୍ଟ ଜେନେରାଲ କାର୍ଯ୍ୟାଳୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା ଓ ଉନ୍ନତ ବିଶ୍ଳେଷଣର ବ୍ୟବହାର ସମେତ ନବସୃଜନ, ସହଯୋଗ ଏବଂ ବୃତ୍ତିଗତ ଉତ୍କର୍ଷ ଉପରେ ଅଡିଟର ଭବିଷ୍ୟତ ନିର୍ଭର କରେ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ। ପାରଦର୍ଶିତା ଏବଂ ସଂସ୍ଥାଗତ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ଏକ ଆଗୁଆ, ସମନ୍ୱିତ ଏବଂ ପରାମର୍ଶମୂଳକ ଅଡିଟ ଫ୍ରେମୱାର୍କର ଆବଶ୍ୟକତା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ଡି .ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ ସୁବୁ ଆର. ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

● ମହିଳା ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ

## ପୂର୍ବ ସରକାର ଅପେକ୍ଷା ଆମେ ସମ୍ବେଦଶୀଳ: ଆଇନ ମନ୍ତ୍ରୀ



**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଘଟଣାକୁ ନେଇ ସରାକରଙ୍କୁ ଘେରିଛନ୍ତି ବିରୋଧୀ। ୧୫ମାସର ବିଜେପି ସରକାରରେ ମହିଳାଙ୍କ ପ୍ରତି ବିଭିନ୍ନ ପ୍ରକାର ନିର୍ଯାତନା ଘଟଣା ବଢ଼ିଛି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ। ଆଉ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉତ୍ତର ଦେଇ ପୂର୍ବ ସରକାର ତୁଳନାରେ ବର୍ତ୍ତମାନର ସରକାର ଅଧିକ ସମ୍ବେଦନଶୀଳ ବୋଲି କହିଛନ୍ତି। ବିଜେପି ସରକାରର ୧୫ ମାସ ଓ ପୂର୍ବ ସରକାରର ୧୫ ମାସ ମଧ୍ୟରେ ଏକ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରି ଆଇନମନ୍ତ୍ରୀ ମହିଳାଙ୍କ ସୁରକ୍ଷା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଛନ୍ତି।

ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୨ ଗାଁରେ ତିନି ଜଣ ନାବାଳିକାଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର-ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ସମ୍ପର୍କିତ ମୁଲତବି ଆଲୋଚନାରେ ବିରୋଧୀ ଦଳ ବିଜେପି ସରକାରର ବିଫଳତାକୁ ନେଇ ବର୍ଷିଛନ୍ତି। କଂଗ୍ରେସ ବିଧାୟକ ଅଶୋକ ଦାସ ଅଭିଯୋଗ କରିଥିଲେ ଯେ, ପୂର୍ବ ସରକାରକୁ ଦୋଷ ଦେଇ ଖସିଯିବା ବିଜେପି ସରକାରର ଅଭ୍ୟାସ। ଜୁନ ୨୦୨୪ରୁ ଜୁଲାଇ ୨୦୨୫ ମଧ୍ୟରେ ରାଜ୍ୟରେ ୨୯୩୩ଟି ଧର୍ଷଣ ମାମଲା ପଞ୍ଜିକୃତ ହୋଇଛି। ଏଥିସହିତ ୮୨୨୭ଟି ଅପହରଣ ଓ ୯୧୮୧ଟି ମହିଳାଙ୍କୁ ଅସଦାଚରଣ ମାମଲା ହୋଇଛି। ସବୁବେଳେ ସୁରକ୍ଷା ବଳୟ ଭିତରେ ରହୁଥିବା ରାଜଧାନୀ ବି ସୁରକ୍ଷିତ ନୁହେଁ। ବର୍ତ୍ତମାନର ସରକାର ନୈତିକ ଦାୟିତ୍ୱ ନେବେ କି ବୋଲି ସେ ପ୍ରଶ୍ନ କରିଥିଲେ।

ସେହିଭଳି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଅଭିଯୋଗ କରିଥିଲେ ଯେ, ପ୍ରତିଦିନ ମହିଳା ଓ ନାବାଳିକାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଘଟଣା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିରୋଧୀଙ୍କ ଏଭଳି ଅଭିଯୋଗର ଜବାବ ଦେଇଛନ୍ତି ଆଇନ ମନ୍ତ୍ରୀ।

ସେ କହିଛନ୍ତି ଯେ, ମାଲକାନଗିରି ଘଟଣାରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବିଜେପି ସରକାରରେ ଅପରାଧ ସଂଖ୍ୟା ଅପେକ୍ଷାକୃତ ଭାବେ ସ୍ଥିର ରହିଛି। ବିଜେପି ସରକାରର ୧୫ ମାସରେ ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଘଟୁଥିବା ଅପରାଧରେ ମୋଟ ୪୦,୯୪୭ ଗୋଟି ମାମଲା ପଞ୍ଜୀକୃତ ହୋଇଥିବା ବେଳେ ତା ପୂର୍ବ ୧୫ ମାସରେ ୪୦,୭୭୧ ମାମଲା ହୋଇଥିଲ।। ଦୁଷ୍କର୍ମ ମାମଲା ୩.୩ ପ୍ରତିଶତ ହ୍ରାସ ପାଇଛି। ଅସଦାଚରଣ ୧.୯ ପ୍ରତିଶତ କମିଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲାରେ ୬୬.୭ ପ୍ରତିଶତ, ମହିଳା ଚାଲାଣ ମାମଲାରେ ୨୪.୧ ପ୍ରତିଶତ ଏବଂ ଯୌତୁକ ହତ୍ୟା ମାମଲାର ୨୦,୬ ପ୍ରତିଶତ ହ୍ରାସ ପାଇଛି।

## ଆଇଇଡି ବିସ୍ଫୋରଣରେ ନାବାଳିକା ମୃତ, ୨ ଗୁରୁତର

● ସର୍ଚ୍ଚ ଅପରେସନ ଜୋରଦାର



**ରାଉରକେଲା,୨୮।୧୧(ସଂଚାର ବ୍ୟୁରୋ):** ସୀମାନ୍ତ ଝାଡ଼ଖଣ୍ଡ ଯରେଇକେଲା ଥାନା ସରଣ୍ଡା ଜଙ୍ଗଲ କୁଇଭଙ୍ଗା ଗାଁରେ ଆଇଇଡି ବିସ୍ଫୋରଣ ହୋଇଛି। ବିସ୍ଫୋରଣରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକାଙ୍କ ପରିଚୟ ୧୦ ବର୍ଷୀୟ ଫୁଲ ଧନୱାର ବୋଲି ଜଣାପଡ଼ିଛି। ଅନ୍ୟପଟେ ଦୁଇ ଯୁବତୀ ସାଳବି କଣ୍ଡୁଲାନା, ବିର୍ସି ଧନୁଆର ଗୁରୁତର ହୋଇଛନ୍ତି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ୍ କରି ମାଓବାଦୀ ଆଇଇଡି ପୋତିଥିଲେ। ଶୁକ୍ରବାର ଅପରାହ୍ନରେ ସେମାନେ ଜଙ୍ଗଲକୁ ଶୁଖିଲା କାଠ ସଂଗ୍ରହ କରିବାକୁ ଯାଇଥିଲେ। ତେବେ ପୋତା ଯାଇଥିବା ଆଇଇଡିରେ ଗୋଡ ପଡ଼ିବାକୁ ବିସ୍ଫୋରଣ ଘଟି ୧୦ ବର୍ଷର ନାବାଳିକା ଫୁଲ ଧନୱାରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଦୁଇ ଗୁରୁତରଙ୍କୁ ମୋନହରପୁର ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ସୁରକ୍ଷା କର୍ମୀ ଜୋରଦାର ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି।

ଆଦର୍ଶ ଗ୍ରୁପ୍ ଚିଟ୍‌ଫଣ୍ଡ ଠକେଇ ମାମଲା

## ୨ ବ୍ୟକ୍ତିଙ୍କ ଘରେ ଇଡି ରେଡ୍

**ଭୁବନେଶ୍ୱର/ ନିଶ୍ଚିନ୍ତକୋଇଲି, ୨୮।୧୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ନତକାଇ ଓ ରାମକୃଷ୍ଣପୁରର ଦୁଇ ଜଣ ବ୍ୟକ୍ତିଙ୍କ ଘରେ ଇଡି ଚଢ଼ଉ କରିଛି। ଆଦର୍ଶ ଗ୍ରୁପ ଚିଟଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢ଼ାଉ କରିଛି। ନତକାଇ ଗ୍ରାମ ପଞ୍ଚାୟତର ବିଜୟ ରାଉତ ଓ ରାମକୃଷ୍ଣପୁର ପଞ୍ଚାୟତର ଜିତେନ୍ଦ୍ର ଓଝାଙ୍କ ଘରେ ସକାଳୁ ସକାଳୁ ଚଢ଼ାଉ କରିଛି ଇଡି। ସେମାନଙ୍କ ଘରେ ବିଭିନ୍ନ




କାଗଜପତ୍ର ଯାଞ୍ଚ କରିବା ସହ ପଚରା ଉଚରା କରିଛି। ଏହା ପରେ ଜିତେନ୍ଦ୍ର ଓଝାଙ୍କୁ ନିଜ ସହ ନେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ।

ସେପଟେ ରାଜଧାନୀରେ ମଧ୍ୟ ବଡ଼ ଧରଣର ଇଡି ରେଡ୍। ସେଣ୍ଟ୍ରାଲ ଫୋର୍ସ ଉପସ୍ଥିତିରେ ଚାଲିଛି ଚଢ଼ାଉ। ଲୋକଙ୍କ କୋଟି କୋଟି ଟଙ୍କା ହେରଫେର ମାମଲାରେ 'ଆଦର୍ଶ ଚିଟଫଣ୍ଡ' ଏମଡିଙ୍କ ଘରେ ରେଡ୍ ଜାରି। ଆଦର୍ଶ ଚିଟଫଣ୍ଡ ଏମଡି ନିକୁଞ୍ଜ ସାମନ୍ତରାୟଙ୍କ ଘରେ ଇଡିର ଛାନଭିନ୍ ଜାରି ରହିଛି । କମ୍ପାନିର ଏକାଧିକ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା। ଆଜି ପୁଣିଥରେ ଇଡି ପକ୍ଷରୁ ଚାଲିଛି ରେଡ୍।

## ଘୁ. ଉଦୟଗିରିରେ ତାପାମାତ୍ରା ୫.୪ ଡିଗ୍ରି

**ଜି. ଉଦୟଗିରି,୨୮।୧୧ (ସଂଚାର ବ୍ୟୁରୋ):** ଗୋଟିଏ ସପ୍ତାହର ବ୍ୟବଧାନ ପରେ ପୁଣି ଥରେ ଶୀତ ଫେରିଛି। ବିଗତ ତିନି ଦିନ ହେଲା ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ବଣ, ଜଙ୍ଗଲ ଓ ପାହାଡ଼ ଘେରା ଅଞ୍ଚଳରେ ଲୋକେ ଶୀତରେ ତ୍ରାହିତ୍ରାହି ଡାକୁଛନ୍ତି। ଗ୍ରାମାଞ୍ଚଳର ଲୋକେ ଶୀତ କାରଣରୁ ଅଧିକ ପ୍ରଭାବିତ ହୋଇଛନ୍ତି। ଏହାରି ମଧ୍ୟରେ ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରିରେ ଶୀତର ରାଜୁତି ଦେଖିବାକୁ ମିଳିଛି। ଗୋଟିଏ ଦିନରେ ଏଠାରେ ତାପମାତ୍ରା ୨ଡିଗ୍ରି ହ୍ରାସ ପାଇଛି। ଜି ଉଦୟଗିରିରେ ପାରଦ ଖସି ୫.୪ ଡିଗ୍ରିରେ ପହଞ୍ଚିଛି। ଏହି କାରଣରୁ ଲୋକେ ଜାଡ଼ରେ ଥରୁଛନ୍ତି। ପାରଦ ତଳମୁହାଁ ହେବା ସହ ଜାଡ଼ ଆରମ୍ଭ ହୋଇଯାଇଛି। ପାରଦ ଖସିବା ସହ ଥଣ୍ଡା ପବନ ପ୍ରବାହିତ ହେବା ଯୋଗୁଁ ଥଣ୍ଡାର ପ୍ରକୋପ ଲୋକଙ୍କୁ ବାଧୁଛି। ଆଗାମୀ ଦିନରେ ପାରଦ ଆହୁରି ତଳମୁହାଁ ହେବା ସହ ଥଣ୍ଡା ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ଅନୁମାନ କରୁଛି। ଥଣ୍ଡାର ସହର ଭାବେ ଘୁ.ଉଦୟଗିରି ସ୍ଥାନିତ ହେବା ପରେ ସ୍ଥାନୀୟ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ଛୁଟି ଦିନରେ ବଣ ଭୋଜି ପାଇଁ ମଧ୍ୟ ପ୍ରବଳ ଭିଡ଼ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଦେଖିବାକୁ ମିଳୁଛି।

● ୩ ହଜାର ଟଙ୍କା ପାଇଁ ଜାତିରୁ ବାସନ୍ଦ

## ଶବ ସତ୍କାର ଲାଗି କାନ୍ଧ ଦେଲାନି କୁଳ ସମାଜ

**ହିଞ୍ଜିଳିକାଟୁ,୨୮।୧୧(ସଂଚାର ବ୍ୟୁରୋ):** ସମାଜରୁ ବାସନ୍ଦ ପ୍ରଥା ହଟିପାରୁନି। ଅନ୍ୟପଟେ ମୁଖିଆଙ୍କ ହୁକୁମକୁ ନ ମାନିଲେ ମିଳିବ ଦଣ୍ଡ। କୁଳ ସମାଜରେ ଅର୍ଥ ଜରିମାନା ଆକାରରେ ପଡେ, ସେହି ଅର୍ଥ ଠିକ ସମୟରେ ନ ଦେଲେ କୁଳରୁ ବାସନ୍ଦ। ଏହିଭଳି ଏକ ଦୃଶ୍ୟ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଧୋବାଡି ଗ୍ରାମରେ ଦେଖିବାକୁ ମିଳିଛି। ଝିଅର କୌଣସି କାରଣକୁ ନେଇ ପୀତବାସଙ୍କ ପରିବାରକୁ ବାସନ୍ଦ କରାଯାଇଥିଲା। କୁଳ ବୈଠକରେ ଦଶ ହଜାର ଜରିମାନା ପଡ଼ିଲା କିନ୍ତୁ ପୀତବାସ ସାତ ହଜାର ଦେଇଥିଲେ। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଆଉ ୩ ହଜାର ଦେଇପାରି ନ ଥିଲେ। ପରେ କୁଳରୁ ବାସନ୍ଦ ହୋଇଥିବା ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳିଥିଲା। ପୀତବାସ ଦାସ (୬୦ )ଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ପରିବାର କହିଲେ ଏକମାତ୍ର ଝିଅ, ସ୍ତ୍ରୀ ଆରପାରିରେ। ସେଥିପାଇଁ ଶବକୁ କାନ୍ଧରେ ନେବା ପାଇଁ କୁଳସମାଜ ଆସିନଥିଲେ କିନ୍ତୁ କିଛି ପାଖଗାଁର ବନ୍ଧୁବାନ୍ଧବ ଆସି ଶବ ସତ୍କାର କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ କାହ୍ନୁଚରଣ ରାଉତଙ୍କୁ ୧ନଂ ୱାର୍ଡ଼ମେମ୍ବର ସଂଯୁକ୍ତା ଦାସ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ। ସଙ୍ଗେ ସଙ୍ଗେ ଶବଦାହ ନିମନ୍ତେ କାଠ ଦେବା ସହ ବନ୍ଧୁ ଭାବରେ କିଛି ବ୍ୟକ୍ତିଙ୍କ ସହଯୋଗରେ ଶବସତ୍କାର କାର୍ଯ୍ୟ ଶେଷ କରିଥିଲେ। ସେହିଭଳି ସେହି ଗ୍ରାମର ବାସନ୍ଦ ହୋଇରହିଥିବା କିଛି ଯୁବକ ବାସନ୍ଦ କାରଣରୁ ମୁକ୍ତି ପାଇବା ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

ବାଲି ମାଫିଆଙ୍କ ଆକ୍ରମଣ ଘଟଣା

## ବନ୍ଧା ହେଲେ ଆଉ ୬ ଅଭିଯୁକ୍ତ



**ବେତନଟୀ/ବଡ଼ସାହି/ବୈଶିଙ୍ଗା,୨୮।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଅଧୀନ ୧୮ନଂ ଜାତୀୟ ରାଜପଥ ତୁଳସୀଚଉରା ଢାବା ନିକଟରେ ବାଲିମାଫିଆଙ୍କ ସଂଘବଦ୍ଧ ଆକ୍ରମଣରେ ବେତନଟୀ ତହସିଲଦାର ଓ ଚାଳକ ଆହତ ହୋଇଥିବା ଘଟଣାରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବେତନଟୀ ପୁଲିସ। ପୂର୍ବରୁ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗିରଫ ମାଝାଲ ହୁସେନର ମୋବାଇଲ ଜବତ ପୂର୍ବକ ସେଥିରେ ଥିବା ହ୍ୱାଟ୍ସଆପ ଗ୍ରୁପକୁ ନିରୀକ୍ଷଣ କରି ଖୋଦ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଗତରାତିରେ ଚଢ଼ାଉ କରି ମାମଲାରେ ଜଡିତ ଥିବା ଅନ୍ୟ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେତନଟୀ ପୁଲିସ । ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ କୁଳିଅଣା ଗ୍ରାମର ଦୁର୍ଗାଚରଣ କୁଅଁର (୨୪), ନିଶ୍ଚିତପୁର ଗ୍ରାମର ଦେବାଂଶୁ ଜେନା(୩୪) , କୁଳିଅଣା ଗ୍ରାମର ରାଜୀବ ଲୋଚନ ସେନାପତି(୩୦), କୁଳିଅଣା ଗ୍ରାମର ସୁମନ୍ତ ନାୟକ (୪୦), ଖୁଣ୍ଟା ଥାନା ଅଧୀନ ବଡଫେଣୀ ଗ୍ରାମର ବିଷ୍ଣୁୟ ରଞ୍ଜନ ମହାନ୍ତ (୪୦) ଏବଂ ବୈଶିଙ୍ଗା ଥାନା ଅଧୀନ ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା(୨୧) । ଏହି ଘଟଣାରେ ମୋଟ ୯ଜଣଙ୍କୁ ଗିରଫ କରାଗଲାଣି ସେହିପରି, ବାରିପଦା ଅଞ୍ଚଳରେ ଚଢ଼ଉ କରି ଜିଲ୍ଲାର ବାଲିମାଫିଆଙ୍କ ମୁଖିଆ କୁହାଯାଉଥିବା 'କିଙ୍ଗ୍ ଅଫ୍ ମୟୂରଭଞ୍ଜ' ନାମକ ଏକ ହ୍ୱାଟ୍ସ-ଆପ୍ ଗ୍ରୁପ୍ ଚଳାଉଥିବା ଶୂନଗଡ଼ିଆ ଅଞ୍ଚଳର ମାଝାଲ ହୁସେନକୁ ଗିରଫ କରାଯାଇଥିଲା। ବେତନଟୀ ପୁଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

## ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ

ପ୍ରାରମ୍ଭିକ ହସ୍ତକ୍ଷେପ ବହୁବିଧ ଭିନ୍ନକ୍ଷମତା ଦୂରୀକରଣର ପ୍ରଥମ ପଦକ୍ଷେପ

**ଭୁବନେଶ୍ୱର ୨୮।୧୧(ସଂଚାର ବ୍ୟୁରୋ):** ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା ସମ୍ପର୍କିତ ଦୁଇଦିନିଆ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି।




ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଶିଶୁମାନଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଦିଆଯାଇପାରିଲେ ସେମାନଙ୍କର ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ। ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ରହିଥିବା ବେଳେ ଏହା ଆଜିର ସମୟର ପ୍ରାସଙ୍ଗିକତା ବୋଲି ମତ ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ, ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ରାଜ୍ୟ ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ।

ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ପାରୁଲ ପଟାୱରୀ କହିଥିଲେ ଯେ, ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାମାନଙ୍କ ସହ ଅଟିଜିମ୍‌ରେ ପୀଡ଼ିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡକ୍ଟର ସ୍ମୃତି ମହାପାତ୍ର ସବୁ ଭିନ୍ନକ୍ଷମଙ୍କ ପାଇଁ ନିଜ ଅନୁଭୂତି ରଖିଥିଲେ। ବିଭିନ୍ନ ପ୍ରାମାଣିକ ଚଳଚିତ୍ର ତଥା ଥିଏଟର ମାଧ୍ୟମରେ ବହୁବିଧ ଅକ୍ଷମତା ସମ୍ପର୍କିତ ବିଭିନ୍ନ ସଚେତନତା ପ୍ରସାର କରାଯାଇପାରିବ ବୋଲି ମତ ବାଢ଼ିଥିଲେ ଅନ୍ୟତମ ସମ୍ମାନିତ ଅତିଥି ଧ୍ୱନି ଫିଲ୍ମ ଫେଷ୍ଟର ଅଧ୍ୟକ୍ଷ ଏବଂ ଆଇନା ଅନୁଷ୍ଠାନର ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ। ଦ୍ୱିତୀୟ ଦିନରେ ବହୁବିଧ ଅକ୍ଷମତା ସମ୍ପର୍କିତ ବିଭିନ୍ନ ଶୀର୍ଷକରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ।

## ଟ୍ରଲର ଧକ୍କାରେ ଅଲିଭ ରିଡ଼ଲେ କଇଁଛ ମୃତ, ୯ ଗିରଫ

**ପୁରୀ,୨୮।୧୧(ସଂଚାର ବ୍ୟୁରୋ):** ଟ୍ରଲର ଧକ୍କାରେ ଦୁଇ ଅଲିଭ ରିଡ଼ଲେ କଇଁଛ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଏହି ଘଟଣାରେ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି ବନବିଭାଗ। ବ୍ରହ୍ମଗିରି ରେଞ୍ଜ ମଙ୍ଗଳା ମୁହାଣ ନିକଟ ସମୁଦ୍ରରେ ମାଛ ମାରୁଥିବା ବେଳେ ଟ୍ରଲର ଧକ୍କାରେ ଦୁଇ ଅଲିଭ ରିଡ଼ଲେ କଇଁଛଙ୍କ ମୃତ୍ୟୁ ହୋଇଛି। ଗତକାଲି ବ୍ରହ୍ମଗିରି ବନବିଭାଗ ଖବର ପାଇ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବେ ନିଷିଧାଞ୍ଚଳରେ ମାଛ ମାରୁଥିବା ୨ ଟ୍ରଲରକୁ ଜବତ କରିଥିଲା। ସେଥିମଧ୍ୟରୁ ଗୋଟାଏ ଟ୍ରଲରରେ ୨ଟି ମୃତ ଅଲିଭ ରିଡ଼ଲେ କଇଁଛ ରହିଥିଲା ଏବଂ ଅନ୍ୟଟିରେ ମାଛ ରହିଥିଲା। ମାଛ ଥିବା ଟ୍ରଲରକୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଥିଲା ଏବଂ କଇଁଛ ଥିବା ଟ୍ରଲରଟିକୁ ରାଜନଗର ବନବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଘଟଣାରେ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ବ୍ରହ୍ମଗିରି ବନବିଭାଗକୁ ଅଣାଯାଇଥିଲା। ଟ୍ରଲରଟି ବାଲେଶ୍ୱର ଅଞ୍ଚଳର ହୋଇଥିବା ବେଳେ ମତ୍ସ୍ୟଜୀବୀମାନେ ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡିଛି।

ମରିଗଲା ମାନବିକତା

## ସାମାଜିକ ବାସନ୍ଦ ପାଇଁ ଶବକୁ ମିଳିଲାନି କାନ୍ଧ

**ଚନ୍ଦାହାଣ୍ଡି,୨୮।୧୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ଅଣ୍ଟିପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପିତା ମାତା ଭିନ୍ନ ଜାତିର ହୋଇଥିବାରୁ ସାମାଜିକ ବାସନ୍ଦର ଶିକାର ହୋଇଥିଲେ। ଏବେ ମା'ର ମୃତ୍ୟୁ ପରେ ଚାରି କାନ୍ଧ ଦେବାକୁ କୌଣସି ଲୋକ ନ ମିଳିବାରୁ ଶେଷରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବଜରଙ୍ଗ ଦଳ କର୍ମକର୍ତ୍ତା ଶବ ସତ୍କାର କରିଛନ୍ତି।



ଅଣ୍ଟିପଡ଼ା ଗ୍ରାମର ଭଲ ନାୟକ ଓ ସେହି ଗ୍ରାମର ଶାନ୍ତି ମାଝୀଙ୍କ ମଧ୍ୟରେ ଦୀର୍ଘ ୨୫ ବର୍ଷ ତଳେ ପ୍ରେମ ବିବାହ ହୋଇଥିଲା। ଦୁଇଜଣ ଭିନ୍ନଭିନ୍ନ ଜାତିର ହୋଇଥିବାରୁ ସେତେବେଳେ ଏହି ବିବାହକୁ ଉଭୟ ପରିବାର ଅସ୍ୱୀକାର କରିବା ସହ ଏହି ଦମ୍ପତିଙ୍କୁ ଉଭୟ ସମାଜ ପକ୍ଷରୁ ସାମାଜିକ ବାସନ୍ଦ କରାଯାଇଥିଲା। ତେବେ ସମୟ କ୍ରମେ ଦୁଇଜଣଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିବା ବେଳେ କିଛିବର୍ଷ ତଳେ ରୋଗଗ୍ରସ୍ତ ହୋଇ ଭଲ ନାୟକଙ୍କ ପରଲୋକ ହୋଇଥିଲା। ଝିଅର ବିବାହ ହୋଇ ସାରିଥିବା ବେଳେ ମା' ଶାନ୍ତି ଓ ପୁଅ ନବୀନ ନାୟକ(୨୦) ଗୋଟିଏ ଗାଁରେ ରହିଆସୁଥିଲେ। ନବୀନ କିଛି ମାସ ଧରି ଯକୃତ ଜନିତ ରୋଗରେ ପୀଡିତ ଥିବା ବେଳେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

ତେବେ ସାମାଜିକ ବାସନ୍ଦ କାରଣରୁ ମୃତ ନବୀନଙ୍କ ମା' କିମ୍ବା ବାପାଙ୍କ ପରିବାରରୁ କି ଗାଁରୁ ମଧ୍ୟ କୌଣସି ବ୍ୟକ୍ତି ନବୀନଙ୍କ ମୃତ ଶରୀରକୁ କାନ୍ଧଦେଇ ମଶାଣି ପର୍ଯ୍ୟନ୍ତ ନେବାକୁ ବାହାରି ନଥିଲେ। ସତେକି ଯେମିତି ମାନବିକତା ହଜିଯାଇଥିଲା। ଦୀର୍ଘ ସମୟ ପରେ ଆରଏସଏସ ଏବଂ ବଜରଙ୍ଗ ଦଳ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗରେ ଶବ ସତ୍କାର କରାଯାଇଥିଲା।

## ମୋବାଇଲ ଦୋକାନରୁ ମୃତଦେହ ଉଦ୍ଧାର

**ପୁରୀ,୨୮।୧୧(ସଂଚାର ବ୍ୟୁରୋ):** ମୋବାଇଲ ଦୋକାନ ଭିତରୁ ମୃତଦେହ ଉଦ୍ଧାର ହୋଇଛି। ପୁରୀ ବାସେଲୀ ସାହି ଥାନା ସମ୍ମୁଖରେ ଘଟିଛି ଏହି ଅଭାବନୀୟ ଘଟଣା। ଥାନା ସମ୍ମୁଖରେ ଥିବା ମୋବାଇଲ ଦୋକାନ ଭିତରୁ ଦୋକାନ ମାଲିକଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ। ଘଟଣାସ୍ଥଳରେ ବାସେଲୀ ସାହି ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ମୃତବ୍ୟକ୍ତି ଜଣକ ମଙ୍ଗଳାଘାଟର ଉମାକାନ୍ତ ନାୟକ।

ଉମାକାନ୍ତ ଆତ୍ମହତ୍ୟା କରିଥିବା ନେଇ ଚର୍ଚ୍ଚା ହେଉଛି। ଉମାକାନ୍ତ ମୁଣ୍ଡରେ ଜରି ଗୁଡାଇ ଅକ୍ସିଜେନ୍ ପାଇପ ଲଗାଇ ଆତ୍ମହତ୍ୟା କରିଛନ୍ତି। ଦୋକାନ ଭିତରୁ ଏକ ସୁଇସାଇଡ୍ ନୋଟ୍ ପୋଲିସ ଜବତ କରିଛି। ପାରିବାରିକ କଳହକୁ କେନ୍ଦ୍ରକରି ଉମାକାନ୍ତ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି। ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ସୂଚନା ଦେଇଛି ପୋଲିସ।

କିଏ ଉଡ଼ାଇଲା ସୂଚନା କମିଶନଙ୍କ ତଥ୍ୟ ?

## କମିଶନରଙ୍କ ବିରୁଦ୍ଧରେ ଖାରବେଳ ଥାନାରେ ମାମଲା

**ଭୁବନେଶ୍ୱର,୨୮।୧୧ (ସଂଚାର ବ୍ୟୁରୋ):** ଏକ ସମ୍ବେଦଶୀଳ ଘଟଣାକ୍ରମରେ ଆଜି ରାଜ୍ୟ ମୁଖ୍ୟ ସୂଚନା କମିଶନଙ୍କ ବିରୋଧରେ ଖାରବେଳନଗର ଥାନାରେ ଅଭିଯୋଗ କରିଛି ଓଡିଶା ସୂଚନା ଅଧିକାର ଅଭିଯାନ। ସୂଚନା କମିଶନଙ୍କ ୱେବସାଇଟରୁ ପୂର୍ବତନ କମିଶନମାନଙ୍କ ଅର୍ଡର କପି ଓଡାଯିବା ପ୍ରସଙ୍ଗରେ ଥାନାରେ ଏହି ଅଭିଯୋଗ କରାଯାଇଛି। ଏବେ ସୁଦ୍ଧା ୨୦୧୭ ମସିହା ପୂର୍ବର ତଥ୍ୟ ଉଡାଯାଇଥିବା ବେଳେ ଆଗକୁ ଆହୁରି ଏକ ତଥ୍ୟ ଡିଲିଟ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା କମିସନଙ୍କ କର୍ଯ୍ୟାଳୟ ପକ୍ଷରୁ କିଛି ଗଣମାଧ୍ୟମକୁ ସ୍ପଷ୍ଟୀକରଣ ଦିଆଯାଇଛି।



ନିକଟରେ କିଛି ଗଣମାଧ୍ୟମରେ ସୂଚନା କମିଶନଙ୍କ ୱେବସାଇଟରୁ ତଥ୍ୟ ଉଡିଯାଇଥିବା ଖବର ପ୍ରକାଶ ପାଇଥିଲା। ସେଥିରେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ମଧ୍ୟ ଦିଆଯାଇଥିଲା। ସୂଚନା କମିଶନଙ୍କ ଡେପୁଟି ସେକ୍ରେଟାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଆଗାମୀ ଦିନରେ ଆହୁରି ପୁରୁଣା ତଥ୍ୟକୁ ନଷ୍ଟ କରିବାକୁ ନିଷ୍ପତ୍ତି ହୋଇଛି। ସୂଚନା ଅଧିକାର ଅଭିଯାନର ଅଭିଯୋଗ ହେଉଛି, ୨୦୦୫ରେ ସାରା ଦେଶରେ ସୂଚନ ଅଧିକାର ଆଇନ ଅନୁଯାୟୀ ବିଭିନ୍ନ ରାଜ୍ୟରେ ରାଜ୍ୟ ସୂଚନା କମିଶନ ଗଠନ ହେଲା। ଗତ ୨୦ ବର୍ଷ ଧରି କମିଶନ ବିଭିନ୍ନ ଅଭିଯୋଗର ଶୁଣାଣୀ କରି ଗୁରୁତ୍ୱପୂର୍ଣ୍ଣ ଅର୍ଡର ପାସ କରିଛନ୍ତି। ନିକଟରେ ସୂଚନା ଅଧିକାର କର୍ମୀ ଏକ ପୁରୁଣା ଅର୍ଡର କପି ଖୋଜିବାକୁ କମିଶନଙ୍କ ୱେବେସାଇଟ ଯାଞ୍ଚ କରିବାକୁ ତଥ୍ୟ ଉଡାଯାଇଥିବା ଜଣାପଡିଲା। ଏନେଇ ସେ ଗତ ୧୦ ତାରିଖରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗି ଜାଣିବାକୁ ଚାହିଁଥଲେ। କମିଶନ ଅଫିସ ତଥ୍ୟ ପ୍ରଦାନ କରି ଜଣେଇଲେ ଯେ, ୨୦୧୭ ମସିହା ପରେ କମିଶନ ପାସ କରିଥିବା ସମସ୍ତ ଅର୍ଡର ଓ୍ୱେବେସାଇଟରେ ଅଛି। ତା ପୂର୍ବରୁ ସମସ୍ତ ଅର୍ଡର ଯାନ୍ତ୍ରିକ ତ୍ରୁଟି କାରଣରୁ ଡିଲିଟ ହୋଇଯାଇଛି ଏବଂ ବର୍ତ୍ତମାନ ଏହାକୁ ପୁନସ୍ଥାପନା କରିବା ସମ୍ଭବ ନୁହେଁ। କମିଶନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଅର୍ଡରକୁ ଜାଣିଶୁଣି ଉଡାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହା ଏକ ଅପରାଧିକ କାର୍ଯ୍ୟ ବୋଲି କହିବା ସହ ଉଦ୍ଦେଶ୍ୟମୂଳକ ଭାବେ ପୁରୁଣା ଅର୍ଡର ଡିଲିଟ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

## ଡକାୟତି ଉଦ୍ୟମ ପଣ୍ଡ, ୫ ଅଭିଯୁକ୍ତ ଗିରଫ

(ବନ୍ଧୁକ, ଖଣ୍ଡା, ଛୁରୀ, ଟଙ୍କା ଓ ସ୍କୁଟି ଜବତ)



**ରାଜଗାଙ୍ଗପୁର,୨୮।୧୧ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୁଲିସ ଶୁକ୍ରବାର ମଧ୍ୟରାତ୍ରିରେ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ପୁଲିସ ଟିମ୍ ଡକାୟତମାନଙ୍କର ଆଡ୍ଡା ଉପରେ ଅତର୍କିତ ଚଢ଼ଉ କରି ଯୋଜନା ବିଫଳ କରିଛି। ଏଥି ସହିତ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ କହିଛି ଯେ, ଡକାୟତମାନେ ଗୁରୁବାର-ଶୁକ୍ରବାର ରାତିରେ ରାନୀବନ୍ଧ ନିକଟରେ ଏକତ୍ରିତ ହୋଇଥିଲେ। ସେମାନେ ଏକ ବଡ଼ ଧରଣର ଡକାୟତି ପାଇଁ ଆଲୋଚନା କରୁଥିଲେ। ପୁଲିସ ଟିମ୍ ରାନୀବନ୍ଧ ହକି ଗ୍ରାଉଣ୍ଡ ପାଖରେ ଆକସ୍ମିକ ଚଢ଼ାଉ କରିଥିଲେ। ସେଥିରେ ଡକାୟତି ପାଇଁ ମାରାତ୍ମକ ଅସ୍ତ୍ର ସହିତ ଜମା ହୋଇଥିବା ପାଞ୍ଚଜଣଙ୍କୁ ପୁଲିସ ଗିରଫ କରିଛନ୍ତି। ଚଢ଼ାଉ ସମୟରେ ଜଣେ ଅଭିଯୁକ୍ତ ପୁଲିସ କର୍ମଚାରୀଙ୍କୁ ଛୁରୀରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ପୁଲିସଙ୍କ ସତର୍କତାରେ ସେହି ଆକ୍ରମଣ ବିଫଳ ହୋଇଯାଇଥିଲା। ପରେ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଦେଶୀ ବନ୍ଧୁକ, ଗୋଟିଏ ତଲୱାର, ଗୋଟିଏ ଲୁହା ରଡ୍, ଗୋଟିଏ ଛୁରି, ମୋବାଇଲ ଫୋନ୍ ୫ଟି, ନଗଦ ୭,୬୪୦, ମାସ୍କ ୫ଟି, ସ୍କୁଟି ୧ ଗୋଟିଏ ଜବତ ହୋଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଏକାସାଙ୍ଗରେ ମିଳିବ ଟ୍ରେନ୍, ବସ୍ ଓ ମେଟ୍ରୋ ସୁବିଧା



## ନିର୍ମାଣ ହେଉଛି ସ୍ୱତନ୍ତ୍ର ରେଳ ଷ୍ଟେସନ

ଗୁଜୁରାଟ, ୨୮।୧୧: ଦେଶରେ ପ୍ରଥମଥର ପାଇଁ ଗୁଜୁରାଟର ଅହମଦାବାଦରେ ଏକ ସ୍ୱତନ୍ତ୍ର ରେଳ ଷ୍ଟେସନ ନିର୍ମାଣ ହେବାକୁ ଯାଉଛି। ଏହି ରେଳ ଷ୍ଟେସନକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହା କେବଳ ଟ୍ରେନ ନୁହେଁ ବରଂ ବସ୍ ଏବଂ ମେଟ୍ରୋ ସେବା ମଧ୍ୟ ପ୍ରଦାନ କରିବ। ଏହା ବ୍ୟତୀତ ଷ୍ଟେସନରେ ମଲ୍, ଅଫିସ, ହୋଟେଲ ଏବଂ ଉଦ୍ୟାନ ମଧ୍ୟ ରହିବ। ଗୁଜୁରାଟର ଅହମଦାବାଦରେ ନିର୍ମାଣ ହେବାକୁ ଯାଉଛି ସ୍ୱତନ୍ତ୍ର ରେଳ ଷ୍ଟେସନ। ଯାହାକି ୧୬ ମହଲା ବିଶିଷ୍ଟ ହେବ। ଏହି ପ୍ରକଳ୍ପ କେବଳ ଗୁଜରାଟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଅତ୍ୟାଧୁନିକ ପରିବହନ ଭିତ୍ତିଭୂମିର ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଆଶା ରଖାଯାଉଛି। ରେଳବାଇ ସୂତ୍ରରୁ ପ୍ରକାଶ, ଏହି ବୃହତ ପ୍ରକଳ୍ପର କାମକୁ ୨୦୨୭ ଜୁଲାଇ ସୁଦ୍ଧା ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଏହି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଏହା କେବଳ ଏକ ରେଳ ଷ୍ଟେସନ ହୋଇ ରହିବ ନାହିଁ ବରଂ ଯାତ୍ରୀ, ପର୍ଯ୍ୟଟକ ଏବଂ ସହରବାସୀଙ୍କ ପାଇଁ ଏକ ବହୁମୁଖୀ ସେବା ପ୍ରଦାନକାରୀ ସ୍ଥାନ ପାଲଟିବ। ଏଣିକି ଯାତ୍ରୀମାନେ ଗୋଟିଏ ସ୍ଥାନରେ ବସ୍, ଟ୍ରେନ୍, ମେଟ୍ରୋ ଏବଂ ବୁଲେଟ୍ ଟ୍ରେନ୍ ସେବା ପାଇପାରିବେ। ଏହି ସ୍ୱତନ୍ତ୍ର ପ୍ରକଳ୍ପ ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବ ବୋଲି ଦାବି କରାଯାଉଛି। ଷ୍ଟେସନର ଡିଜାଇନରେ ସହରର ପ୍ରାଚୀନ ଐତିହ୍ୟକୁ ମଧ୍ୟ ସାମିଲ କରାଯାଇଛି। ଏହି ପ୍ରକଳ୍ପକୁ ନେଇ ରେଳ ଅଧିକାରୀମାନେ କହିଛନ୍ତି , ଷ୍ଟେସନ ଚାରିପାଖରେ ଥିବା ଅଞ୍ଚଳ ମଧ୍ୟ ବିକଶିତ ହେବ। ଉନ୍ନତ ରାସ୍ତା, ବସ୍ ସଂଯୋଗ, ମେଟ୍ରୋ ଲିଙ୍କ୍ ଏବଂ ଭବିଷ୍ୟତର ବୁଲେଟ୍ ଟ୍ରେନ୍ କରିଡର ସହିତ ଏହି ସମଗ୍ର ଅଞ୍ଚଳ ଅହମ୍ମଦାବାଦର ନୂତନ ପରିବହନ କେନ୍ଦ୍ର ଭାବରେ ଉଭା ହେବ। ଏହି ପ୍ରକଳ୍ପ ସହରର ଆର୍ଥିକ ବିକାଶ, ବାଣିଜ୍ୟ ଏବଂ ପର୍ଯ୍ୟଟନକୁ ମଧ୍ୟ ବୃଦ୍ଧି କରିବ। ସ୍ଥାନୀୟ ଲୋକମାନେ ମଧ୍ୟ ଏହି ପ୍ରକଳ୍ପ ପାଇଁ ବେଶ ଉତ୍ସାହିତ ଅଛନ୍ତି।

# ଭାରତର ସବୁଠୁ ଦାମୀ କାର୍ ନମ୍ବର କୋଟିଏରୁ ଅଧିକ ଟଙ୍କାରେ ହେଲା ନିଲାମ




ନୂଆଦିଲ୍ଲୀ, ୨୮।୧୧: ସବୁଠାରୁ ଦାମୀ ଗାଡି ନମ୍ବର। ହଜାରେ କି ଲକ୍ଷେ ନୁହେଁ ବରଂ କୋଟି କୋଟି ଟଙ୍କା। ହରିୟାଣାର ଏକ କାର୍ ରେଜିଷ୍ଟ୍ରେସନ ନମ୍ବର ବିକ୍ରିକୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। କାରଣ ହରିୟାଣାରେ ଏକ କାରର ରେଜିଷ୍ଟ୍ରେସନ ନମ୍ବର ଏକ କୋଟି ୧୭ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି।

ଗତ ନଭେମ୍ବର ୨୬ ତାରିଖରେ ହରିୟାଣାରେ ଭିଆଇପି ଫ୍ୟାନ୍ସି ନମ୍ବର ପ୍ଲେଟର ଅନଲାଇନ୍ ବିକ୍ରି ହେଉଥିଲା। ହଜାର ହଜାର ଗ୍ରାହକ ନମ୍ବର ପ୍ଲେଟ୍ ପାଇଁ ଆପ୍ଲାଏ କରିଥିଲେ। ଯାହା ପରେ ନିଲାମି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମ୍ପୂର୍ଣ୍ଣ ଭାବେ ଅନଲାଇନରେ ନିଲାମୀ ପ୍ରକ୍ରିୟାର ସମ୍ପାଦନ ହୋଇଥିଲା।

ନିଲାମିରେ ସାମିଲ ଥିବା ନମ୍ବର ମଧ୍ୟରୁ ଅଧିକ ଚର୍ଚ୍ଚାରେ ରହିଥିଲା ଏଚଆର୮୮ବି୮୮୮୮ ନମ୍ବର। ଏହାକୁ ହାସଲ କରିବା ପାଇଁ ୪୫ ଜଣ ଆବେଦନ କରିଥିଲେ। ନମ୍ବରର ପ୍ରାରମ୍ଭିକ ମୂଲ୍ୟକୁ ୫୦ ହଜାର ଟଙ୍କା ରଖାଯାଇଥିଲା। ଦିନ ୧୨ଟା ସୁଦ୍ଧା ନିଲାମି ଦର ୮୮ ଲକ୍ଷ ଟଙ୍କା ଛୁଇଁଥିଲା। କିନ୍ତୁ ଶେଷରେ କୋଟିଏ ୧୭ ଲକ୍ଷ ଟଙ୍କାରେ ଏହାକୁ ଜଣେ ବ୍ୟକ୍ତି କ୍ରୟ କରିଥିଲେ। ନିଲାମି ଦିନର ପୂର୍ବ ସପ୍ତାହରେ ଏଚଆର ୨୨ ଡବଲ୍ୟୁ ୨୨୨୨ ନମ୍ବର ୩୭ ଲକ୍ଷ ୯୧ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ଏଚଆର ହେଉଛି ରାଜ୍ୟର କୋଡ୍। ଏହା ହରିୟାଣାକୁ ସୂଚାଇଥାଏ। ୮୮ ସ୍ଥାନୀୟ ଆରଟିଓ କିମ୍ବା ଜିଲ୍ଲା ବାବଦରେ ତଥ୍ୟ ପ୍ରଦାନ କରିଥାଏ। ଇଂରାଜୀ ଅକ୍ଷର ବି କୁ ଗାଡିର ସିରିଜ୍ କୋଡ୍ କୁହାଯାଏ। ସେହିପରି ୮୮୮୮ ଏକ ବିରଳ ସମାନ ଅଙ୍କ ଥିବା ନମ୍ବର। ସବୁଠାରୁ ବଡ କଥା ହେଲା ଯେ ନମ୍ବରେ ରହିଥିବା ଇଂରାଜୀ ଅକ୍ଷର ବି ୮ ଭଳି ଦେଖାଯାଏ।

# ଡିସେମ୍ବର ପହିଲାରୁ ହେବ ୫ ବଡ଼ ପରିବର୍ତ୍ତନ






ନୂଆଦିଲ୍ଲୀ, ୨୮।୧୧: ଡିସେମ୍ବର ପହିଲାରୁ ଅନେକ ପରିବର୍ତ୍ତନ ହେବାକୁ ଯାଉଛି। ଯାହା ସିଧାସଳଖ ଆପଣଙ୍କ ୱାଲେଟ, ଆପଣଙ୍କ ଟିକସ ଏବଂ ଆପଣଙ୍କ ଦୈନନ୍ଦିନ ସୁବିଧା ଉପରେ ପ୍ରଭାବ ପକାଇବ। ମାସର ଆରମ୍ଭ ନୂତନ ସରକାର ଏବଂ ବଜାର ନିର୍ଦ୍ଦେଶାବଳୀ ସହିତ ଏକ ଡାଏରୀ ଖୋଲିବା ପରି, ପ୍ରତ୍ୟେକ ନିୟମ ଆପଣଙ୍କ ଦିନର ରଙ୍ଗକୁ ସାମାନ୍ୟ ପରିବର୍ତ୍ତନ କରିଥାଏ।

**ୟୁପିଏସ:** କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ୟୁପିଏସ ବାଛିବାର ଶେଷ ତାରିଖ ନଭେମ୍ବର ୩୦ ତାରିଖ ପାଇଁ ସ୍ଥିର କରାଯାଇଛି। ଏହା ପରେ, ଏହି ବିକଳ୍ପ ଡିସେମ୍ବର ୧ରୁ ବନ୍ଦ ହୋଇଯିବ। ଏହି ଶେଷ ତାରିଖ ମୂଳତଃ ସେପ୍ଟେମ୍ବର ୩୦ ତାରିଖ ଥିଲା, କିନ୍ତୁ ପରେ ନଭେମ୍ବର ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

**ଏଲପିଜି ସିଲିଣ୍ଡର ମୂଲ୍ୟ:** ଏଲପିଜି ମୂଲ୍ୟ ପ୍ରତି ମାସରେ ସ୍ଥିର କରାଯାଏ। ନଭେମ୍ବର ହ୍ରାସ ପରେ, ନୂତନ ମୂଲ୍ୟ ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନ ଆପଣଙ୍କ ୱାଲେଟ ଉପରେ ଆଶ୍ୱସ୍ତି ପ୍ରଦାନ କରିପାରିବ କିମ୍ବା ସାମାନ୍ୟ ବୋଝ ସୃଷ୍ଟି କରିପାରିବ।

**ପେନସନଭୋଗୀଙ୍କ ପାଇଁ ଜୀବନ ପ୍ରମାଣପତ୍ର:** ପେନସନଭୋଗୀଙ୍କ ପାଇଁ ଜୀବନ ପ୍ରମାଣପତ୍ର ଦାଖଲ କରିବାର ଶେଷ ତାରିଖ ନଭେମ୍ବର ୩୦ତାରିଖ। ଏହି ତାରିଖ ପରେ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ଅନୁମତି ନାହିଁ, ଯାହା ପେନସନ ଦେୟରେ ବାଧା ସୃଷ୍ଟି କରିପାରେ।

**ଗୁରୁତ୍ୱପୂର୍ଣ୍ଣ ଟିକସ କାର୍ଯ୍ୟ:** ନଭେମ୍ବର ୩୦ ତାରିଖ ହେଉଛି ଫର୍ମ ୩ସିଇଏଏ (ସାଂବିଧାନିକ ସଂସ୍ଥା ରିପୋର୍ଟ) ଦାଖଲ କରିବାର ଶେଷ ତାରିଖ। ଏହା ଧାରା ୯୨ଇ ଅନୁଯାୟୀ ରିପୋର୍ଟ ଦାଖଲ କରିବାର ମଧ୍ୟ ଶେଷ ତାରିଖ। ପ୍ରାସଙ୍ଗିକ କରଦାତାଙ୍କ ପାଇଁ ଆଇଟିଆର ଦାଖଲ କରିବାର ଶେଷ ତାରିଖ ମଧ୍ୟ ନଭେମ୍ବର ୩୦।

**ପିଏନଜି ଓ ସିଏନଜି ମୂଲ୍ୟ:** ପ୍ରତି ମାସ ପରି, ପିଏନଜି, ସିଏନଜି ଏବଂ ଜେଟ ଇନ୍ଧନର ନୂତନ ମୂଲ୍ୟ ଡିସେମ୍ବର ୧ରୁ କାର୍ଯ୍ୟକାରୀ ହେବ। ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ସଂଶୋଧନ ଆଧାରରେ ଏଠାରେ ପରିବର୍ତ୍ତନ ମଧ୍ୟ ଦେଖାଯାଇପାରେ।

## ଆଜିର ସୁନା ଦର



ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୭,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୮,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୭,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୭,୭୫୦ ଓ ୧,୧୭,୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୩,୦୦୦ଟଙ୍କାହୋଇଛି।

# ଭାରତର ନୂଆ ଆଇନ ଓ ଆପଲ ଉପରେ ୩ଲକ୍ଷ ୨୦ ହଜାର କୋଟି ଟଙ୍କାର ପେନାଲ୍ଟିର ବିପଦ




ନୂଆଦିଲ୍ଲୀ, ୨୮।୧୧: ଭାରତରେ ବଢ଼ିବାକୁ ଯାଉଛି ଆମେରିକୀୟ ଟେକ୍ କମ୍ପାନୀ ଆପଲର ମୁସ୍କିଲ। ଏହାର କାରଣ ହେଲା, କମ୍ପାନୀ ନୂଆ ନିୟମକୁ ବିରୋଧ କରୁଛି ଏବଂ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ କୋର୍ଟ ଯାଏ ପହଞ୍ଚି ସାରିଛି।ହେଲେ ଆପଲ୍ ଉପରେ ଭାରତରେ ଏବେସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ଜୋରିମନା ଲାଗୁ ହୋଇ ନାହିଁ। କିନ୍ତୁ ଆଣ୍ଟି କମ୍ପିଟିସନ ଆଇନରେ ପରିବର୍ତ୍ତନ ଯୋଗୁଁ ଏହା ଉପରେ ୩୮ ବିଲିୟନ ଡଲାର୍ସର ପେନାଲ୍ଟି ବିପଦ ରହିଛି। ଏହା ଭାରତୀୟ ଟଙ୍କାରେ ପାଖାପାଖି ୩ ଲକ୍ଷ ୨୦ ହଜାର କୋଟି ଟଙ୍କା।

ପ୍ରଥମେ ଭାରତରେ ଜୋରିମନା କେବଳ ସେହି ବ୍ୟବସାୟ ଉପରେ ଲାଗୁ ହୋଇ ଥିଲା , ଯାହା ଏଠାରେ ଚାଲୁଥିଲା। ଅର୍ଥାତ୍ ଆପଲ ମାମଲାରେ କେବଳ ଆପ୍ ଷ୍ଟୋର ଇଣ୍ଡିଆର ଆୟ ଉପରେ। ଏହି ଅର୍ଥ ରାଶି ଖୁବ୍ କମ୍। କିନ୍ତୁ ଆଇନ ବଦଳିବା କ୍ଷଣି ସିସିଆଇ (କମ୍ପିଟିସନ କମିସନ ଅଫ୍ ଇଣ୍ଡିଆ)କୁ ଅଧିକାର ମିଳି ଯାଇଛି ଯେ, ସେ କୌଣସି ବି କମ୍ପାନୀର ପୂରା ଦୁନିଆର ଆୟକୁ ପେନାଲ୍ଟିର ଆଧାର କରିପାରିବ। ଏହି ପରିବର୍ତ୍ତିତ ନିୟମରେ ଏହି ବିପଦ ଏତେ ବଡ଼ ଆମାଉଣ୍ଟ ଯାଏ ପହଞ୍ଚି ଯାଇଛି। ଏହି କାରଣରୁ ଆପଲ୍ ଚିନ୍ତାରେ ପଡ଼ି ଯାଇଛି ଏବଂ ଏବେ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚି ଯାଇଛି।

ଏହି ବିବାଦ ଆପଲର ଆପ୍ ଷ୍ଟୋରର ପଲିସି ଗୁଡ଼ିକୁ ନେଇ ଆରମ୍ଭ ହୋଇଥିଲା। ଇଣ୍ଡିଆନ ଡେଭଲପର୍ସ ଅଭିଯୋଗ କରିଛି ଯେ, ଆଇଫୋନ୍ ୟୁଜର୍ସ କେବଳ ଆପଲର ହିଁ ଆପ୍ ଷ୍ଟୋରରୁ ଆପ୍ ଡାଉନଲୋଡ୍ କରି ପାରିବେ। ପେମେଣ୍ଟ ସିଷ୍ଟମ ମଧ୍ୟ ଆପଲର ହୋଇଥାଏ ଏବଂ କମିଶନ ମଧ୍ୟ ଏହାର ନିୟମ ଉପରେ ଚାଲିଥାଏ। ଏହି କାରଣରୁ ଇଣ୍ଡିଆନ ଡେଭଲପର୍ସଙ୍କର କ୍ଷତି ମଧ୍ୟ ହୋଇପାରେ।

ଡେଭଲପରଙ୍କ ଅନୁସାରେ ଏହା ବଜାର ଉପରେ ଏକ ଅନାବଶ୍ୟକୀୟ ନିୟନ୍ତ୍ରଣ ଥିଲା। ଏହି ଅଭିଯୋଗକୁ ଶୁଣି ସିସିଆଇ ଏକ ତଦନ୍ତ ଆରମ୍ଭ କରିଥିଲା। ଆପଲ୍ ତାର କ୍ଷମତାର ଅପବ୍ୟବହାର କରୁଛି କି ନାହିଁ, ଏହି ତଦନ୍ତ ସେ ବିଷୟରେ ଅନେକ ପ୍ରଶ୍ନ କରିଥିଲା। ଉକ୍ତ ତଦନ୍ତ ଯୋଗୁଁ ମାମଲାକୁ ପେନାଲ୍ଟି ପରିସରକୁ ଆଣି ଥିଲା।

ଯେବେ ଯାଞ୍ଚ ଆରମ୍ଭ ହୋଇଥିଲା ତ ଆପଲ୍କୁ ଜଣାଥିଲା ଯେ, ଜୋରିମନା ଯଦି ଲାଗେ ତ କେବଳ ଭାରତରେ କାର୍ଯ୍ୟ ଉପରେ ଲାଗିବ। କିନ୍ତୁ ୨୦୨୩ରେ କମ୍ପିଟିସନ ଆକ୍ଟ ବଦଳିଲା। ସରକାର ସିସିଆଇକୁ ନୂଆ ଶକ୍ତି ଦେଲେ ଯେ, ସେ କୌଣସି ବି କମ୍ପାନୀର ଗ୍ଲୋବାଲ ଟର୍ଣ୍ଣଓଭର ଉପରେ ୧୦ ପ୍ରତିଶତ ଯାଏ ପେନାଲ୍ଟି ଲଗାଇ ପାରନ୍ତି। ଆପଲ୍ ବିଶ୍ୱର ସବୁଠୁ ବଡ଼ ଟେକ୍ କମ୍ପାନୀ ଗୁଡ଼ିକ ମଧ୍ୟରେ ଗୋଟିଏ । ଏହାର ଗ୍ଲୋବାଲ ଆୟ ଟ୍ରିଲିୟନ ଡଲାର୍ସ। ଏଥିପାଇଁ ୧୦ ପ୍ରତିଶତର ଅର୍ଥ ସିଧା ୩୮ ବିଲିୟନ ଡଲାର ଯାଏ ପହଞ୍ଚି ଯାଇଛି।ତଦନ୍ତ ଭାରତରେ ହୋଇଛି , କିନ୍ତୁ ବିପଦ ପୂରା ଦୁନିଆର ଆୟ ସହ ଯୋଡ଼ିହୋଇ ଯାଇଛି । ପୂରା ଗେମ୍ ଓଲଟି ଯାଇଛି।

ଆପଲର ଯୁକ୍ତି ଯେ , ଯଦି ଯାଞ୍ଚ ଆପ୍ ଷ୍ଟୋର ଇଣ୍ଡିଆର ନୀତି ଗୁଡ଼ିକ ଉପରେ ଅଛି ତ ପେନାଲ୍ଟି ମଧ୍ୟ ସେହି ହିସାବରେ ଆୟ ଉପରେ ଲାଗିବା ଉଚିତ୍। କମ୍ପାନୀର କହିବାନୁସାରେ, ଭାରତର ନୂଆ ନିୟମ ତା ବିରୁଦ୍ଧରେ ଦଣ୍ଡ ଭଳି। ଆପଲ୍ ଏହା ମଧ୍ୟ କହୁଛି ଯେ, ସୁପ୍ରିମକୋର୍ଟ ପୂର୍ବରୁ ହିଁ କହିସାରିଛନ୍ତି ଯେ,ପେନାଲ୍ଟି ରିଲେଭାଣ୍ଟ ଟର୍ଣ୍ଣଓଭର ଉପରେ ଲାଗିବା ଉଚିତ୍। ଅର୍ଥାତ୍ ଯେଉଁ ବିଜନେସରେ ସମସ୍ୟା ସୃଷ୍ଟି ହୋଇଛି , କେବଳ ସେହି ଆୟ ଉପରେ ଲାଗୁ। ଆପଲ ଅନୁସାରେ, ଭାରତର ନୂଆ ବ୍ୟବସ୍ଥା ଏହି ସିଦ୍ଧାନ୍ତର ଓଲଟା। ଏଥିପାଇଁ ଏହାକୁ ରୋକି ଯିବା ଉଚିତ୍।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଆକାଉଣ୍ଟରେ ଟଙ୍କାଟେ ନ ଥିଲେ ବି ଉଠାଇପାରିବେ ୧୦ହଜାର ଟଙ୍କା



ନୂଆଦିଲ୍ଲୀ,୨୮।୧୧: ଆପଣ କେବେ ଭାବିଛନ୍ତି କି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କାଟେ ନ ଥିଲେ ମଧ୍ୟ ଆପଣ ଟଙ୍କା ଉଠାଇପାରିବେ? ଆଜ୍ଞା ହଁ ଏପରି ସମ୍ଭବ ବୋଲି ଜାଣି ଆପଣ ଆଶ୍ଚର୍ଯ୍ୟ ହେବେ। ଏହି ସୁବିଧା ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା (PMJDY) ଅଧୀନରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ସହିତ ଉପଲବ୍ଧ। ଜନ ଧନ ଆକାଉଣ୍ଟ ପାଇଁ ସର୍ବନିମ୍ନ ବାଲାନ୍ସ ଆବଶ୍ୟକ ନାହିଁ। ତଥାପି, ଗ୍ରାହକମାନେ ସେମାନଙ୍କର ଜିରୋ-ବାଲାନ୍ସ ଆକାଉଣ୍ଟରୁ 10,000 ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ପାଇପାରିବେ। ଓଭରଡ୍ରାଫ୍ଟ ଅର୍ଥ ହେଉଛି ଯଦିଓ ଆପଣଙ୍କ ଆକାଉଣ୍ଟରେ ଟଙ୍କା ନାହିଁ କିମ୍ବା ବାଲାନ୍ସ ଶୂନ୍ୟ, ତଥାପି ଆପଣ ବ୍ୟାଙ୍କରୁ ଏକ ଛୋଟ ପରିମାଣର ଟଙ୍କା ଉଠାଇପାରିବେ। ଏହାକୁ ବ୍ୟାଙ୍କରୁ ଏକ ସ୍ୱଳ୍ପକାଳୀନ ଋଣ ଭାବରେ ବିବେଚନା କରାଯାଇପାରିବ। ଆପଣଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଲେ ଆପଣଙ୍କୁ ଏହି ପରିମାଣ ପରିଶୋଧ କରିବାକୁ ପଡିବ। ଧ୍ୟାନ ଦିଅନ୍ତୁ ଯେ ଓଭରଡ୍ରାଫ୍ଟ ଏକ ଛୋଟ ସୁଧ ଆକର୍ଷିତ କରେ। ଏହି ସୁବିଧା ଜରୁରୀକାଳୀନ କିମ୍ବା ଅପ୍ରତ୍ୟାଶିତ ଖର୍ଚ୍ଚ ପାଇଁ ବିଶେଷ ସହାୟକ। ଜନ ଧନ ଯୋଜନା ଅଧୀନରେ ଖୋଲାଯାଇଥିବା ସମସ୍ତ ବ୍ୟାଙ୍କ ଆକାଉଣ୍ଟ ହେଉଛି ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟ (BSBDA)। ବ୍ୟାଙ୍କ ଆକାଉଣ୍ଟ ସହିତ ପ୍ରଦାନ କରାଯାଇଥିବା RuPay ଡେବିଟ କାର୍ଡଗୁଡ଼ିକ ଦୁର୍ଘଟଣା ବୀମା ମଧ୍ୟ ପ୍ରଦାନ କରେ, ଯାହାର ସୀମା 2 ଲକ୍ଷ ପର୍ଯ୍ୟନ୍ତ। ଏହି ସୁବିଧା ପାଇବାକୁ ଚାହୁଁଥିବା ଗ୍ରାହକମାନେ ସେମାନଙ୍କ ବ୍ୟାଙ୍କକୁ ଯାଇ ଓଭରଡ୍ରାଫ୍ଟ ପାଇଁ ଆବେଦନ କରିବାକୁ ପଡିବ। ଗ୍ରାହକଙ୍କ ପୂର୍ବ ଆଚରଣ ଭଲ ଥିଲେ ଅଧିକାଂଶ ବ୍ୟାଙ୍କ ଏହାକୁ ତୁରନ୍ତ ଅନୁମୋଦନ କରିବେ।

ଜରୁରୀକାଳୀନ କିମ୍ବା ଅପ୍ରତ୍ୟାଶିତ ଖର୍ଚ୍ଚ କ୍ଷେତ୍ରରେ, ପାଣ୍ଠି ତୁରନ୍ତ ଉପଲବ୍ଧ ହୁଏ। ଏହି ସୁବିଧା ପାଇଁ ଋଣ ପରି ଲମ୍ବା ପ୍ରକ୍ରିୟା ଆବଶ୍ୟକ ହୁଏ ନାହିଁ; ଏହା ତୁରନ୍ତ ଉପଲବ୍ଧ ହୁଏ। ଏହା ନିୟମିତ ସଞ୍ଚୟ ଆକାଉଣ୍ଟ ଅପେକ୍ଷା ଅଧିକ ସୁଧ ଆକର୍ଷିତ କରେ। ବାରମ୍ବାର ବ୍ୟବହାର ନକାରାତ୍ମକ ବାଲାନ୍ସ ସୃଷ୍ଟି କରିପାରେ। ବ୍ୟାଙ୍କଗୁଡ଼ିକ କେବଳ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟକୁ ଅନୁମତି ଦିଅନ୍ତି, ଏବଂ ସମୟସୀମାରେ ପରିଶୋଧ କରିବାରେ ବିଫଳତା ଆପଣଙ୍କ କ୍ରେଡିଟ ଇତିହାସକୁ କ୍ଷତି ପହଞ୍ଚାଇପାରେ। ବିଭିନ୍ନ ବ୍ୟାଙ୍କ ଏହି ସୁବିଧା ଉପରେ ଭିନ୍ନ ଭିନ୍ନ ଚାର୍ଜ ଏବଂ ନିୟମ ଲାଗୁ କରିପାରନ୍ତି।

ଆବଶ୍ୟକ ହେଲେ କେବଳ ଓଭରଡ୍ରାଫ୍ଟ ବ୍ୟବହାର କରାଯିବା ଉଚିତ। ଏହି ସୁବିଧା ଅପ୍ରତ୍ୟାଶିତ ଖର୍ଚ୍ଚ, ଚିକିତ୍ସା ଜରୁରୀକାଳୀନ ପରିସ୍ଥିତି କିମ୍ବା ଅପ୍ରତ୍ୟାଶିତ ଆବଶ୍ୟକତା ପାଇଁ ଅତ୍ୟନ୍ତ ଲାଭଦାୟକ। ଏହା ଆପଣଙ୍କୁ କୌଣସି ଋଣ ପ୍ରକ୍ରିୟା ବିନା ତୁରନ୍ତ ପାଣ୍ଠି ଉଠାଇବାକୁ ଅନୁମତି ଦିଏ। ମନେରଖନ୍ତୁ ଯେ ସମୟସୀମା ଅନୁସାରେ ଦେୟ କରିବା ଆପଣଙ୍କ କ୍ରେଡିଟ ରେକର୍ଡକୁ ସୁରକ୍ଷିତ ରଖେ।

## ଏଆଇ ଲିଡରଙ୍କୁ ରେହମାନଙ୍କ ମେସେଜ୍ ଛଟେଇ ଉପରେ ଧ୍ୟାନ ନ ଦେଇ ଲୋକଙ୍କୁ ସଶକ୍ତ କର

ନୂଆଦିଲ୍ଲୀ, ୨୮।୧୧:ଏଆଇ ଯୋଗୁ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ଚାକିର ହରାଉଛନ୍ତି। ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ଭାରତର ମ୍ୟୁଜିକ ଲିଜେଣ୍ଡ ଏଆର୍ ରେହମାନ। ଏଥିପାଇଁ ସେ ଏଆଇ କ୍ଷେତ୍ରର ଦୁଇ ପ୍ରମୁଖ ପ୍ରଭାବଶାଳୀ ବ୍ୟକ୍ତି ଚାଟଜିପିଟ ନିର୍ମାତା ଓପନଏଆଇ ସିଇଓ ସାମ ଅଲ୍ଟମ୍ୟାନ ଓ ପରପ୍ଲେକ୍ସିଟି ଏଆଇ ସିଇଓ ଅରବିନ୍ଦ ଶ୍ରୀନିବାସଙ୍କୁ ଭେଟି ଚିନ୍ତା ବ୍ୟକ୍ତ କରିଛନ୍ତି। ସେମାନଙ୍କ ସହିତ ଏ ବିଷୟରେ ଆଲୋଚନା କରିବା ସହିତ ଲୋକଙ୍କ ଚାକିରି ଯିବା କ୍ଷେତ୍ରକୁ ଧ୍ୟାନ ନ ଦେଇ ବଂର ସାଧାରଣ ବିଷୟରେ ଲୋକଙ୍କୁ ସଶକ୍ତ କରିବାକୁ ଧ୍ୟାନ ଦେବା ଉଚିତ ବୋଲି କହିଥିଲେ। ଦାରିଦ୍ର ଦୂରିକରଣ, ଭୁଲ ସୂଚନା ପ୍ରସାର ରୋକିବା ଏବଂ ଗଳ୍ପ କହିବା ଓ ସୃଜନଶୀଳ ଦିଗରେ ଅଧିକ ଟୁଲ୍ସ ବାହାର କରିବା ଦିଗରେ କାମ କରିବା ଉଚିତ ବୋଲି ଏଆର୍ ରେହମାନ କହିଛନ୍ତି। ଜିରୋଧା ଫାଉଣ୍ଡର ନିଖିଲ କାମାଥଙ୍କ ପଡକାଷ୍ଟ ପିପୁଲ ବାଏ ଡବ୍ଲ୍ୟୁଟିଏଫ୍ରେ ଯୋଗ ଦେଇ ଏହାର ଖୁଲାସା କରିଛନ୍ତି ରେହମାନ। କେବଳ ସେତିକି ନୁହେଁ, ଅନିୟନ୍ତ୍ରିତ ଏଆଇକୁ ଏକ ବନ୍ଧୁକ ସହିତ ତୁଳନା କରି ରେହମାନ କହିଛନ୍ତି ଯେ ଯେମିତି ଅସ୍ତ୍ରଶସ୍ତ୍ରର ନିୟମ ଏବଂ ପ୍ରତିବନ୍ଧକ ଅଛି, ସେହିପରି ବିନାଶକାରୀ ଆର୍ଥିକ ପରିଣାମ ଏବଂ ବ୍ୟାପକ ଦାରିଦ୍ର୍ୟକୁ ରୋକିବା ପାଇଁ ଏଆଇ ମଧ୍ୟ ମାନବ-ନିର୍ଦ୍ଧାରିତ ନିୟମ ଦ୍ୱାରା ନିୟନ୍ତ୍ରିତ ହେବା ଉଚିତ ବୋଲି ରେହମାନ କହିଛନ୍ତି।

## ଜିଲ୍ଲାସ୍ତରୀୟ ସରଗିଫୁଲ ଆୟୋଜିତ



**ଫୁଲବାଣୀ,୨୮।୧୧ (ସଂଚାର ବ୍ୟୁରୋ):** ଶିଶୁ ପ୍ରତିଭା ଅନ୍ୱେଷଣ ନିମନ୍ତେ ଜିଲ୍ଲା ସ୍ତରୀୟ ସରଗିଫୁଲ୍ ୨୦୨୫ ଜିଲ୍ଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଉଚ୍ଚ ମାଧମିକ ବିଦ୍ୟାଳୟ, ବଇଡା ଠାରେ ଉଦ୍‌ଘାଟିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଗାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଫୁଲବାଣୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା କହଁର, ଗଞ୍ଜୁଗୁଡ଼ା ସରପଞ୍ଚ ଆଲୋକ କହଁର, ବାଲିଗୁଡା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉମେଶ ଚନ୍ଦ୍ର ବେହେରା, ଫୁଲବାଣୀ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ ପ୍ରମୁଖ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ପିଲାମାନଙ୍କ ପ୍ରତିଭାର ବିକାଶ ନିମନ୍ତେ ପ୍ରେରଣା ପ୍ରଦାନ କରିବା ସହ, ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ପ୍ରତିଭାର ପ୍ରଶଂସାଗାନ କରିଥିଲେ । ମୁଖ୍ୟବକ୍ତା ରୂପେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର ପିଲାମାନଙ୍କୁ ଅଭ୍ୟାସ ବଳରେ ଅସାଧକୁ କିପରି ସାଧନ କରାଯାଇପାରେ ଉକ୍ତ ମନ୍ତ୍ରରେ ଅଭିମନ୍ତ୍ରିତ କରିଥିଲେ। ପରିଶେଷରେ ମୁଖ୍ୟାବତିଥି ଜିଲ୍ଲା ସ୍ତରୀୟ ଭଲିବଲ ଓ ବିଜ୍ଞାନ ମେଳା ଉଦ୍‌ଘାଟନ କରି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।

# ଭଗବାନପୁର-ଇଛଦା ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ



**ବିନା ସୂଚନା ଫଳକରେ ଚାଲିଛି ରାସ୍ତାକାମ**

**ଯନ୍ତ୍ରୀ ତଦାରଖ କରିବାକୁ ଦାବି**

**ଧାମନଗର,୨୮।୧୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ବିଭିନ୍ନ ରାସ୍ତା ପ୍ରକଳ୍ପ ବିନା ସୂଚନା ଫଳକରେ କାର୍ଯ୍ୟ ବହୁ ଅନିୟମିତତା ହେଉଥିବା ଦେଖାଦେଇଛି। କେଉଁଠି ନିମ୍ନମାନର କାର୍ଯ୍ୟକୁ ଗ୍ରାମବାସୀ ଅଟକ ରଖି ଲେଣି ତ ଅନ୍ୟ କେଉଁଠି ବ୍ୟକ୍ତିଗତ ଜାଗାରେ ରାସ୍ତା ହେଇଥିବା ଅଭିଯୋଗ ଦର୍ଶାଇ କାର୍ଯ୍ୟ ବନ୍ଦ ହୋଇଛି।

ପ୍ରକାଶ ଯେ ଭଗବାନପୁର ଛକ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଇଛଦା ପର୍ଯ୍ୟନ୍ତ ଦୀର୍ଘ ୩ କିମି ପିଚୁ ରାସ୍ତା ଓ ଆବଶ୍ୟକ ପଡ଼ିଲେ କଂକ୍ରିଟ ଢଳେଇ ରାସ୍ତା ନିର୍ମାଣ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ହୋଇ କାର୍ଯ୍ୟ ଚାଲୁଅଛି। ଏହାସହ ଏହି ରାସ୍ତାଟି ଦୀର୍ଘ ବର୍ଷ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଥିବାରୁ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅର୍ଥ ବ୍ୟୟବରାଦ କରାଯାଇଛି। ନିୟମ ଅନୁଯାୟୀ ଏହି ରାସ୍ତା କାମ ପ୍ରଥମେ ମେସିନ ସାହାଯ୍ୟରେ ସମ୍ପୂର୍ଣ୍ଣ ଭାବେ ଖୋଳାଯାଇ ରୋଲିଂ ହେବ। ଏହାସହ ଡବ୍ଲୁବିଏମ୍ ଯାହାକି ୬ ଇଞ୍ଚ ପକାଯାଇ ରୋଲିଙ୍ଗ ହେବା ପରେ ପିଚୁ ହେବା କଥା। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଅନିୟମିତତା ଓ ନିମ୍ନମାନର କରାଯାଉଥିବା ଦେଖାଦେଇଥିବା ବିଭାଗୀୟ ଅଧିକାରୀ ଚୁପଚାପ ରହିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଚର୍ଚ୍ଚାର ବିଷୟ ପାଲଟିଛି।

ଏସଟିମେଣ୍ଟ ଅନୁସାରେ ରାସ୍ତାର ପ୍ରଶସ୍ଥ ୫.୫ ମିଟର କିମ୍ବା ୧୭.୫ ଫୁଟ ଲମ୍ବ ଏବଂ ଢ଼ଳେଇର ମୋଟେଇ ପ୍ରାୟ ୮ ଇଞ୍ଚ ହେବା କଥା। ଏହାସହ ରାସ୍ତାର ଉଭୟ ପାର୍ଶ୍ୱରେ ପାଖାପାଖି ୧ ଫୁଟ କଂକ୍ରିଟ ୱାଲ ହେବାକୁ ମଧ ନିୟମ ରହିଛି। ହେଲେ ଠିକାଦାର ସମ୍ପୂର୍ଣ୍ଣ ଭାବେ ସରକାରୀ ନିୟମକୁ ଉଲଙ୍ଘନ କରି କାର୍ଯ୍ୟ କରୁଛନ୍ତି। ଢ଼ଳେଇରେ ବ୍ୟବହୃତ ବେନାମୀ ଓ ନିମ୍ନମାନର ସିମେଣ୍ଟ, ମାଟିଆ ବାଲି, ଚିଲା ଓ ଛେଲା ଚିପ୍ସ ବା ମେଷ୍ଟାଲ ଆଦିରେ କାମ କରାଯାଉଛି। ସିମେଣ୍ଟ, ମେଷ୍ଟାଲ ଓ ବାଲି ଭାଗମାପର ଅନୁପାତ ଠିକ ରହୁନାହିଁ।

ନିମ୍ନମାନର କାମକୁ ନେଇ ନିକଟରେ ସ୍ଥାନୀୟ ଜନସାଧାରଣ ବନ୍ଦ ରଖିଥିଲେ। ବିଭାଗୀୟ ଯନ୍ତ୍ରୀ କାମ ଠିକ୍ ହେବାନେଇ ପ୍ରତିଶ୍ରୁତି ଦେବା ପରେ କାମ ଚାଲିଥିଲା। କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହିଥିବାରୁ ଠିକାଦାର ନିଜ ମନଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ମାସେ ହେଲା କାମ ଚାଲିଥିଲେ ମଧ ପ୍ରକଳ୍ପର ସୂଚନା ଫଳକ ଏପର୍ଯ୍ୟନ୍ତ ଲଗାଯାଇନାହିଁ। ତେବେ ନିର୍ମାଣଧିନ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ତୁରନ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଓ କ୍ୱାଲିଟି କଣ୍ଟ୍ରୋଲ ଅଧିକାରୀ ତଦନ୍ତ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୁବକକୁ ହତ୍ୟା, ରାସ୍ତା କଡ଼ରୁ ମୃତଦେହ ଉଦ୍ଧାର

**ବାରିପଦା,୨୮।୧୧ (ସଂଚାର ବ୍ୟୁରୋ):** ଆଜି ସକାଳୁ ଜଣେ ଯୁବକର ମୃତଦେହ କୁ ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲା ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ଖପରାପାଳ ଗ୍ରାମର ଗଣେଶ ହେମ୍ବ୍ରମ । ଗଣେଶ ଗତକାଲି ଖୁଣ୍ଟା ସାପ୍ତାହିକ ହାଟକୁ ଯାଇ ଆଉ ରାତ୍ରିରେ ଘରକୁ ଫେରିନଥିଲେ । ଆଜି ସକାଳୁ ବଡ଼ଖୁଣ୍ଟା ଅଞ୍ଚଳର ରାସ୍ତା କଡ଼ରେ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାର ଲୋକମାନେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ତାଙ୍କୁ କେହି ଦୁର୍ବୃତ୍ତ ପଥରରେ ଚେଚ୍ଛି ହତ୍ୟା କରିଥିବାର ସନ୍ଦେହ କରାଯାଉଅଛି। ମୃତଦେହ ପାଖରେ ଏକ ବାଇକ ଚାବିକାଠି ପଡିଅଛି। ଏ ବାବଦରେ ଖୁଣ୍ଟା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଖବର ପାଇ ପୁଲିସ ମୃତଦେହ ଜବତ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛି ।

# ଧରାପଡ଼ିଲା ପିଇଓଙ୍କ କଳା କାରନାମା

**ବର୍ଷ ବର୍ଷ ଧରି ଖାଉଥିଲେ ହିତାଧିକାରୀଙ୍କ ଭତ୍ତା ଟଙ୍କା**

**ସାଂସଦଙ୍କ ଉପସ୍ଥିତିରେ ଫେରାଇଲେ ଟଙ୍କା**

**କେବେ ହେବ କାର୍ଯ୍ୟାନୁଷ୍ଠାନ ?**



**ବାଲିଆପାଳ,୨୮।୧୧ (ସଂଚାର ବ୍ୟୁରୋ):** ଧରା ପଡ଼ିଗଲା ଲାଞ୍ଚୁଆ ପିଇଓ ଗୌତମ ସେଠୀଙ୍କ କାରନାମା। ବର୍ଷ ବର୍ଷ ଧରି ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କ ଭତ୍ତା ଟଙ୍କାକୁ ଟିପ ଚିହ୍ନ ଦେଇ ଖାଇଆସୁଥିଲା। ହିତାଧିକାରୀ ଅଭିଯୋଗ କଲେ ତମର ଭତ୍ତାରେ କଣ ଅସୁବିଧା ହୋଇଛି ଦେଖିବା କହି ଆବଶ୍ୟକ ଡକ୍ୟୁମେଣ୍ଟ ନେଇ ଦିନ ପରେ ଦିନ ଗଡ଼ାଇ ଆସୁଥିଲେ। ଏ ନେଇ ଜନୈକା ବିଧବା ମହିଳା ହିତାଧିକାରୀ ବାଲେଶ୍ୱର ସାଂସଦଙ୍କ ନିକଟରେ ଅଭିଯୋଗ ପରେ ଲାଞ୍ଚୁଆ ପଞ୍ଚାୟତ ଅଧିକାରିଙ୍କ କାରନାମାର ପର୍ଦ୍ଦାଫାସ ହୋଇଛି। ଦୀର୍ଘ ଚାରିବର୍ଷ ହେଲା ଏହିଭଳି କାରନାମ ଚାଲିଆସୁଥିବା ବେଳେ ଏବେ ନିଜର ଦୋଷ ସ୍ୱୀକାର କରିବା ସହ ଦୁଇଜଣ ହିତାଧିକାରୀଙ୍କ ଟଙ୍କା ଫେରାଇବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

କେବଳ ଏହି ଦୁଇଜଣ ହିତାଧିକାରୀ ନୁହନ୍ତି ଏହିଭଳି ବହୁ ହିତାଧିକାରୀଙ୍କ ଟଙ୍କାକୁ ପିଇଓ ଶ୍ରୀ ସେଠୀ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। କାହା ଛତ୍ର ଛାୟା ତଳେ ରହି ବର୍ଷ ବର୍ଷ ଧରି ଟଙ୍କା ଲୁଟୁଥିଲେ। ଭତ୍ତା ଟଙ୍କା ଫେରଇବା ପରେ ସେ ଟଙ୍କା ହଡପ କରିଥିବା ଏକପ୍ରକାର ପ୍ରମାଣିତ ହୋଇଛି। ତେବେ ତାଙ୍କ ବିରୋଧରେ ନିଲମ୍ବନ ଭଳି ବିଭାଗୀୟ କାର୍ଯ୍ୟାନୁଷ୍ଠାନ କାହିଁକି ହେବ ନାହିଁ? ଏନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପଚାରିବାରୁ ଘଟଣାର ଅନୁଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ପିଇଓ ଗୌତମ ସେଠୀ ବଣିଆଡିହା ପଞ୍ଚାୟତରେ ଦାୟିତ୍ୱରେ ଥାଇ ଏକାଧିକ ଫଲ୍ସବିଲ କରି ଟଙ୍କା ଆତ୍ମସାତ କରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଛି। ସରକାରୀ ଅର୍ଥ ହଡପ କିଥିବାରୁ ତାଙ୍କ ବିରୋଧରେ ଏଫଆଇ ଆର ରୁଜୁ କରାଯାଇ ତୁରନ୍ତ ଗିରଫ କରାଯିବାକୁ ଦାବି ଉଠିଛି।

## ୧୩ ଡିସେମ୍ବରରେ ହେବ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭବାନୀପାଟଣା, ୨୮।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ସମସ୍ତ କୋର୍ଟ ପରିସରରେ ଆସନ୍ତା ଡିସେମ୍ବର ୧୩ ତାରିଖରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଆଦାଲତ ଆନୁଷ୍ଠିତ ହେବ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶ୍ରୀ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସ୍ମିତ୍ମା ପଣ୍ଡା ଏହି ସୂଚନା ଦେଇଛନ୍ତି ଓ ବିଚାରପତିମାନେ ଏହି ଲୋକ ଆଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହେଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଜନିତ ମାମଲାଗୁଡିକର ଫଇସଲା କରିବେ ଓ ଏହାସହ ଅବହେଳିତ, ଦରିଦ୍ର ଶ୍ରେଣୀ, ଗ୍ରାମାଞ୍ଚଳର ଲୋକେ ଏହି ଲୋକ ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ ଓ ଲୋକ ଅଦାଲତ ମାଧମରେ ଅସମାହିତ ମକଦ୍ଦମାର ଫଇସଲା କରାଯିବ ଓ ଜନସାଧାରଣ କୌଣସି ଭୟଭୀତ ନ ହୋଇ ଏହି ଲୋକ ଅଦାଲତର ଲାଭଉଠାନ୍ତୁ ଓ ଏହି ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆଇନ ସେବା ପ୍ରାକରଣ, ଧର୍ମଗଡ଼ ତାଲୁକ ଆଇନ ସେବା ସମିତି, ମ. ରାମପୁର, କେସିଙ୍ଗା, କୋକସରା, ଜୟପାଟଣା, ଜୁନାଗଡ଼ ଥୁଆମୂଳ ରାମପୁର ସହ ଯୋଗାଯୋଗ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ତିର୍ତ୍ତୋଲ ବ୍ଲକ ଯୁବ ବିଜେଡ଼ି ସଭାପତିଙ୍କ ଇସ୍ତଫା



**ତିର୍ତ୍ତୋଲ, ୨୮।୧୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ହେଉଛି ବିଜେଡ଼ିର ଗଡ୍ଡାଘର। ଯାହାକୁ ଦଳ ସୁପ୍ରିମୋ ସେଠି ଟିକେଟ ଦେବେ ପ୍ରାୟ ପ୍ରାର୍ଥୀଙ୍କର ସୁନିଶ୍ଚିତ ବିଜୟ ହୋଇ ଆସିଛି। ତିର୍ତ୍ତୋଲ ବ୍ଲକରେ ବିଜେଡ଼ି ଏବେ ଦିଗହରା ହୋଇଥିବା ଦେଖାଦେଲାଣି। ଯାହାର ଏବେ ସ୍ପଷ୍ଟ ନମୁନା ଦେଖିବାକୁ ମିଳିଛି ଏହି ଇସ୍ତଫାରୁ । ଗତ ସାଧାରଣ ନିର୍ବାଚନ ବେଳେ ବିଧାୟକଙ୍କ ପାଇଁ ଚଳଚଞ୍ଚଳ ଥିବା ବହୁ କର୍ମୀ ଏବେ ବିଧାୟକଙ୍କ କର ମାଡ଼ୁ ନଥିବା ଦେଖାଦେଇଛି। ଏପଟେ ଦଳୀୟ ସଙ୍ଗଠକଙ୍କ ସହିତ ନବ ନିର୍ବାଚିତ ବିଧାୟକଙ୍କ ପଡୁନ ଥିବା ଦେଖାଯାଉଛି। ତିର୍ତ୍ତୋଲର ପୂର୍ବତନ ବିଧାୟକ ଓ ଟାଣୁଆଁ ନେତା ତଥା ରାଜ୍ୟସଭା ସାଂସଦ ନିଜର ଉପସଭାପତି ପଦରୁ ଇସ୍ତଫା ଦେବାର ଦୁଇଦିନ ବିତିନି କିନ୍ତୁ ଏପଟେ ଆଜି ତିର୍ତ୍ତୋଲ ବ୍ଲକ ଯୁବ ବିଜେଡ଼ି ସଭାପତି ସୁଜିତ୍ ମହାନ୍ତି ସଭାପତି ପଦ ଛାଡ଼ିବା ପରେ ବିଜେଡ଼ି ଶିବିରରେ ହଲଚଲ ହୋଇ ପଡ଼ିଛି । ତିର୍ତ୍ତୋଲ ବ୍ଲକ ଯୁବ ବିଜେଡ଼ି ସଭାପତି ଭାବେ ରେ ବହୁଦିନ ଧରି କାର୍ଯ୍ୟ କରିଥିବା ସୁଜିତ୍ ମହାନ୍ତି ଆଜି ଦଳରୁ ଇସ୍ତଫା ଦେଇଛନ୍ତି। ସେହିପରି ଆଗାମୀ ଦିନରେ ତିର୍ତ୍ତୋଲ ବ୍ଲକ ର ବହୁ ଛାମୁଆଁ ସଙ୍ଗଠକ ଦଳ ଛାଡ଼ି ପାରନ୍ତି ବୋଲି ଆଭାସ ମିଳୁଛି ।

## ୩୦ରେ ଅସ୍ମିତା ଖେଲୋ ଇଣ୍ଡିଆ ଆଥଲେଟିକ୍ ଲିଗ୍

**ଯାଜପୁର ରୋଡ଼,୨୮।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଏ. ଏଫ. ଆଇ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ପର୍ଯ୍ୟବେକ୍ଷଣରେ ଆସନ୍ତା ତା-୩୦.୧୧.୨୦୨୫ରିଖ ଦିନ ସକଳା ୮ ଟା ରେ ଅସ୍ମିତା ଆଥଲେଟିକ୍ ମିଟର ଆୟୋଜନ କରାଯିବ । ବାଳିକାମାନଙ୍କୁ ଖେଳ ସହ ସମ୍ପୃକ୍ତ କରାଯିବା ସହିତ ସେମାନଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭାକୁ ଅନ୍‌ବେଷଣ କରିବା ପାଇଁ ଏହି ଖେଳକୁ ଆୟୋଜନ କରାଯିବ । ଉକ୍ତ ଖେଳରେ ୧୪ ଏବଂ ୧୬ବର୍ଷରୁ କମ୍ ବିଭାଗର କେବଳ ବାଳିକା ଖେଳାଳୀ ଅଂଶ ଗ୍ରହଣ କରିପାରିବେ । ୧୪ ବର୍ଷରୁ କମ ବୟସ ବର୍ଗ ପାଇଁ ତା-୨୧.୧୨.୨୦୧୧ରିଖ ରୁ ତା-୨୦.୧୨.୨୦୧୩ରିଖ ମଧରେ ଏବଂ ୧୬ ବର୍ଷରୁ କମ୍ ବର୍ଗ ପାଇଁ ତା-୨୧.୧୨.୨୦୦୯ରିଖ ରୁ ତା-୨୦.୧୨.୨୦୧୧ ମଧରେ ଜନ୍ମ ହୋଇଥିବା ଆବଶ୍ୟବ । ଉକ୍ତ ଖେଳରୁ ଖେଳାଳୀ ଚୟନ ପାଇଁ ଆଥଲେଟିକ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ରୁ ଜାତୀୟ ସ୍ଥରୀୟ କୋଚ୍ ମଧ ଆସିବାର ଯୋଜନା ଅଛି। ଏଣୁ ଆଗ୍ରହୀ ଖେଳାଳୀମାନେ ନିଜର ଅଧାର କାର୍ଡ଼ ଏବଂ ଜନ୍ମଗତ ପ୍ରମାଣପତ୍ର ସହିତ ଖେଳ ଉପକରଣ ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସାଧାରଣ ସମ୍ପାଦକ ସଂବିତ ମହାନ୍ତି ସୂଚନା ଦେଇଛନ୍ତି ।

## ଧାମନଗର ଥାନାରେ ସମ୍ବିଧାନ ଦିବସ ପାଳିତ



**ଧାମନଗର,୨୮।୧୧ (ସଂଚାର ବ୍ୟୁରୋ):** ଧାମନଗର ଥାନା ତରଫରୁ ସମ୍ବିଧାନ ଦିବସ ପାଳନ କରାଯାଇଥିବା ବେଳେ ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧିକାରୀ ଏସଆଇ ପ୍ରଦୀପ ନାୟକ, ନାରାୟଣ ଚନ୍ଦ୍ର ନାୟକ, ମହେଶ୍ୱର ପ୍ରଧାନ, ଏଏସଆଇ ସୁଜିତ ରାଉତ, ଲରେନ୍ସ କୁଜୁରୁ, ନରେନ୍ଦ୍ର ରାଉତ, କଳ୍ପନା ରାଉତ ଓ କନେଷ୍ଟବଳ ଜୟନ୍ତୀ ଶତପଥୀ, ନୀଳମଣି ବିଳାସଙ୍କ ସମେତ ଥାନାର ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ଆମ ସମ୍ବିଧାନର ମୁଲ୍ୟବୋଧକୁ ସମ୍ମାନ ଜଣାଇ ରାଷ୍ଟ୍ର ଗଠନ ନିମନ୍ତେ ଶପଥ ପାଠ କରିଥିଲେ।

ପ୍ରତି ବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତି ବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି।କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ବିଶାଳ ଦେଶରେ ବିଭିନ୍ନ ପ୍ରକାର ଭାଷା, ଉପଭାଷା, ପୋଷାକ, ଖାଦ୍ୟ ପାନୀୟ ଏବଂ ଅନ୍ୟାୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏପରି ସ୍ଥିତିରେ ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର ବାନ୍ଧି ରଖିଥାଏ। ଏହି ପରିପ୍ରେକ୍ଷୀରେ ସାରା ଦେଶରେ ଏହି ସମ୍ବିଧାନ ଦିବସ ପାଳନ ହେଉଥିବା ବେଳେ ଧାମନଗର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଏହି ସମ୍ବିଧାନ ଦିବସ ପାଳନ କରାଯାଇଛି।

## ପାରାଦୀପ ବନ୍ଦର ଦ୍ରୁତତମ ୧୦୦ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କ୍ଷମତା ହାସଲ କଲା



**ପାରାଦ୍ୱୀପ, ୨୮।୧୧(ସଂଚାର ବ୍ୟୁରୋ):** ଦୃତତମ ୧୦୦ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କ୍ଷମତା ହାସଲ କଲା ପାରାଦୀପ ବନ୍ଦର। ୨୦୨୫-୨୬ ଆର୍ଥିକ ବର୍ଷରେ ବନ୍ଦର ଏହି ରେକର୍ଡ ହାସଲ କରିଛି। ଆଜି ବନ୍ଦର ଅଧକ୍ଷ ପିଏଲ ହାରନାଦ ବନ୍ଦର ପ୍ରସାଶନିକ ଭବନରେ ସମସ୍ତ କର୍ମଚାରିଙ୍କ ସହ କେକ କାଟି ଏହାକୁ ସେଲିବ୍ରେଟ କରିଛନ୍ତି। ନବମ ଥର ପାଇଁ ବନ୍ଦର ଏହି ୧୦୦ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କ୍ଷମତା ହାସଲ କରିଥିବା ବେଳେ ପୂର୍ବ ବର୍ଷ ଠାରୁ ୧୨ ଦିନ ପୂର୍ବରୁ ଚଳିତ ବର୍ଷ ଏହି କ୍ଷମତା ହାସଲ କରିବା ଦିଗରେ ବନ୍ଦର ରେକର୍ଡ ସୃଷ୍ଟି କରିଛି। ବନ୍ଦରର ଏହି ରେକର୍ଡ ପରିପ୍ରେକ୍ଷୀରେ ଅଧକ୍ଷ ଶ୍ରୀଯୁକ୍ତ ହାରନାଦ ବନ୍ଦରର ସମସ୍ତ ବିଭାଗୀୟ ଅଧିକାରୀ, ବ୍ୟବହାରିକ ସଂସ୍ଥା, ଶ୍ରମିକ ମାନଙ୍କୁ ଶ୍ରେୟ ଦେଇଛନ୍ତି। ପାରାଦୀପ ବନ୍ଦର ସର୍ବଭାରତୀୟ ମେଜର ପୋର୍ଟ ମଧରେ ଦୁଇବର୍ଷ ହେବ ଲଗାତାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚଳିତ ବର୍ଷ ଦୃତତମ ୧୦୦ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର କ୍ଷମତା ହାସଲ କରି ଆଗକୁ ଏକ ବୃହତ ରେକର୍ଡ ଆଡକୁ ଅଗ୍ରସର ହେଉଥିବା ବନ୍ଦର ଅଧକ୍ଷ ପ୍ରକାଶ କରିଛନ୍ତି।

## ବିଶ୍ୱ ପ୍ରାର୍ଥନା ଦିବସ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା,୨୮।୧୧(ସଂଚାର ବ୍ୟୁରୋ):** ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ଉଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କେନ୍ଦ୍ରାପଡା ନିଶା ନିବାରଣ ସମିତି, ବଳଦେବ ସେନା, ଧର୍ମଜାଗରଣ ସେନାର ସମସ୍ତ ସଦସ୍ୟ ଯୋଗଦେଇ ବିଶ୍ୱ ପ୍ରାର୍ଥନା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ଜାନୁଆରୀ ମାସ ପହିଲାରେ ସମସ୍ତ ମଠ, ମନ୍ଦିର, ମସଜିଦ ଓ ଚର୍ଚ୍ଚ ମାନଙ୍କରେ ଏହି ଦିବସ ନିରାଡମ୍ବର ଭାବେ ପାଳନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପି ଗ୍ରହଣ କରାଯାଇଥିଲା।

ଏହି କ୍ରମରେ ଭୁବନେଶ୍ୱରର ସମସ୍ତ ମଠ ଓ ମନ୍ଦିରରେ ଗରାପୁର ଗ୍ରାମର ମନୋରଞ୍ଜନ ମହାନ୍ତିଙ୍କ ସହଯୋଗରେ ଦୀର୍ଘ ତିନି ବର୍ଷ ହେବ ଖୁବ ସୁନ୍ଦର ଭାବରେ ପାଳନ କରାଯାଉଛି ବୋଲି ଶ୍ରୀମା କହିଥିଲେ । ଶେଷରେ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ବଡଠାକୁର ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ସେହିଦିନ ପ୍ରାତଃ ୮ଘା ସମୟରେ ସମବେତ ପ୍ରାର୍ଥନା କରାଯିବ ବୋଲି ସଭାରେ ସ୍ଥିର କରାଯାଇଥିଲା । ଏଥିସହିତ ଜଗନ୍ନାଥଧାମ ପୁରୀର ମୁକ୍ତଆକାଶ ରଙ୍ଗମରେ ମଧ ଏହି ଦିବସ ସେଦିନ ଅପରାହ୍ନ ୪ଟାରେ କରାଯିବାକୁ ସ୍ଥିର କରାଯାଇଥିଲା ।

## ଉଲୁଣ୍ଡା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମହିଳା ସୁରକ୍ଷା ସଚେତନତା ଅଭିଯାନ

**ସୁବର୍ଣ୍ଣପୁର,୨୮।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକ ଡ଼.ରମେଶ ପ୍ରସାଦ ଡିଗ୍ରୀ ମହିଳା ମହା ବିଦ୍ୟାଳୟ ଠାରେ ମହିଳା ସଶକ୍ତି କରଣ ଓ ମହିଳା ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ପୋଲିସର ତତ୍ୱାବଧାନାରେ ଏବଂ ସ୍ୱର୍ଣ୍ଣ ଶିଖା ଚେରିଟେବୁଲ ଟ୍ରଷ୍ଟର ସହଯୋଗରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନାରୀ ସୁରକ୍ଷିତ ଓ ସଶକ୍ତି କରଣ ହେଲେ ଆମ ଦେଶ ସମୃଦ୍ଧି ଶାଳୀ ହେବ ବୋଲି କହିଥିଲେ। ବକ୍ତା ଭାବରେ ବିନିକା ମହିଳା କଲେଜର ଅଧାପିକା ବୟନ୍ତୀ ସାହୁ ଯୋଗଦେଇ ମହିଳା ମାନଙ୍କ ସୁରକ୍ଷା ଓ ମୌଳିକ ଅଧିକାର ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଏସ ଡ଼ି ପି ଓ ହେମନ୍ତ ରାଓ, କଲେଜ ଅଧକ୍ଷ ରାଜୀବ ଲୋଚନ ବେହେରା, ସମାଜସେବୀ ଶ୍ରୀ ଧର୍ମ ନିରଞ୍ଜନ ପଣ୍ଡା, ମଧୁମିତା ପରମ ଗୁରୁ, କଣ୍ଠ ଶିଳ୍ପୀ ଶାଶ୍ୱତ ତ୍ରିପାଠୀ ଯୋଗଦେଇ ମହିଳା ଙ୍କୁ ସଚେତନ କରିଥିଲେ। ଏହି ଅବସର ରେ ସାଇବର ଅପରାଧ ଉପରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା।

## ପ୍ରାଣକୃଷ୍ଣ କଲଚରାଲ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପାଠଚକ୍ର



**ବାଲିଆପାଳ,୨୮।୧୧ (ସଂଚାର ବ୍ୟୁରୋ):** ଓଡିଶା ସାହିତ୍ୟ ଏକାଡେମୀ ଓ ପ୍ରାଣକୃଷ୍ଣ କଲଚରାଲ ଫାଉଣ୍ଡେସନ ପକ୍ଷରୁ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଓଡ଼ିଆ ଭାଷା ପରିଷଦ ସହଯୋଗିତାରେ ପ୍ରାଣକୃଷ୍ଣ କଲଚରାଲ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ପାଠଚକ୍ର ଓଡ଼ିଆ ବିଭାଗାଧକ୍ଷ ଅଧାପକ ଦୟାନିଧି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଆଲୋଚନା ଚକ୍ର- 'ଉତ୍ତର ଓଡ଼ିଶାର ଲୋକ ସଂସ୍କୃତି' ବିଷୟକ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଅଧକ୍ଷା ଡ଼ ମାନସୀ ସାହୁ ଉପସ୍ଥିତ ହୋଇ ପାଠଚକ୍ରର ଆବଶ୍ୟକତା ସମ୍ବନ୍ଧରେ ସାରଗର୍ଭକ ମତ ରଖିଥିବା ବେଳେ ମୁଖ୍ୟ ସମୀକ୍ଷକ ଭାବେ ବିଶିଷ୍ଟ ଗବେଷକ ଡ଼ ଅରବିନ୍ଦ ଗିରି ବିଷୟଭିତ୍ତିକ ଗବେଷଣା ନିବନ୍ଧ ପାଠ କରିବା ସହିତ ଲୋକ ସଂସ୍ଧୃତିର ବ୍ୟାପକ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାଣକୃଷ୍ଣ କଲଚରାଲ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ବିଶିଷ୍ଟ କବି ଡ଼ ମନୋରମା ବିଶ୍ୱାଳ ମହାପାତ୍ର ଲେଖକୀୟ ଅଭିମତ ପ୍ରଦାନ କରିଥିବା ବେଳେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ ଡ଼ କାଳିକିଙ୍କର ଦାଶ ଲୋକ ସଂସ୍କୃତି ହିଁ ଲୋକଜୀବନ ବିଷୟକ ଆଲୋଚନା ସହ ଏହାର ବିବିଧ ଦିଗ ଉପରେ ମତ ରଖିଥିଲେ। ଅବସର ପ୍ରାପ୍ତ ଅଧକ୍ଷ ପ୍ରାଧାପକ ରବୀନ୍ଦ୍ର ନାଥ ବିଶ୍ୱାଳ ଓ ଅବସର ପ୍ରାପ୍ତ ଅଧାପକ ବିଜୟ କୁମାର ଜେନା ଉତ୍ତର ଓଡ଼ିଶାର ଲୋକ ସଂସ୍କୃତିର ବ୍ୟାପକତା ସମ୍ବନ୍ଧରେ ଅଭିମତ ରଖିଥିଲେ। ଓଡ଼ିଆ ପରିବାରର ଶତାଧିକ ଛାତ୍ରଛାତ୍ରୀ ଓ ବହୁ ପୁରାତନ ଛାତ୍ର ଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

### ବିପର୍ଯ୍ୟୟ ପରିଚାଳନା ତାଲିମର ଉଦଯାପନୀ ସଭା

## ଗ୍ରାମ୍ୟସ୍ତରରୁ ଆରମ୍ଭ ହେବ ବିପର୍ଯ୍ୟୟ ପରିଚାଳନା ରୋଡ଼ମ୍ୟାପ




**ବାରିପଦା,୨୮।୧୧ (ସଂଚାର ବ୍ୟୁରୋ):** ଶୂନ୍ୟ ମୃତ୍ୟୁହାର" ତଥା "ପ୍ରତ୍ୟେକ ଜୀବନ ମୂଲ୍ୟବାନ" ଏହା ହେଉଛି ବିପର୍ଯ୍ୟୟ ପରିଚାଳନାର ମୂଳମନ୍ତ୍ର। ଏଭଳି ଏକ ଆଭିମୁଖ୍ୟ ନେଇ ଗ୍ରାମ୍ୟ ସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ କ୍ରିୟାଶୀଳ, ସୁଦୃଢ଼, ଓ ସଶକ୍ତ କରିବା, ଅଭିନବ ଜ୍ଞାନ କୌଶଳର ପ୍ରୟୋଗ, ସୃଜନଶୀଳତାକୁ ଗୁରୁତ୍ୱ ଦେବା, ଯୋଜନା ପ୍ରସ୍ତୁତି, ଦୁର୍ବଳ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଠିକ ଓ ସଫଳ ରୂପାୟନ ସଙ୍ଗେ ସଙ୍ଗେ ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ତାପମାନ ବୃଦ୍ଧି ହେତୁ ଆଗାମୀ ଦିନରେ ସମ୍ମୁଖୀନ ହେବାକୁ ଥିବା ପ୍ରତିବନ୍ଧକ ସବୁର ସହଜ ସମାଧାନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏଥି ନିମନ୍ତେ ବିପର୍ଯ୍ୟୟ ପରିଚାଳନାର ରୋଡ ମ୍ୟାପ କିଭଳି ଗୋଷ୍ଠୀ ସ୍ତରରୁ ଆରମ୍ଭ ହୋଇ ପାରିବ। ସେଥିପ୍ରତି ଦୃଷ୍ଟି ଦେଇ ମୟୂରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ବାରିପଦା ସ୍ଥିତ ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଆୟୋଜିତ ହେଉଅଛି ବୋଲି ଉଦଯାପନୀ ସଭାରେ ଡେପୁଟୀ କଲେକ୍ଟର ଶ୍ରଦ୍ଧା ସୁମନ ଯୋଗଦେଇ ମତ ପ୍ରକାଶ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନା ହେଉଛି ଏକ ଟିମ୍ ୱାର୍କ ଯେଉଁଥିରେ ଉଭୟ ସରକାରୀ ସଂସ୍ଥା, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଗୋଷ୍ଠୀ ସମୂହର ସମାନ ଭୂମିକା ଥାଏ। ସମସ୍ତଙ୍କର ସହଯୋଗରେ ଆମେ ଅସମ୍ଭବକୁ ସମ୍ଭବ କରିଥାନ୍ତି। ଏହିକ୍ରମରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ଭାବେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ କରୁଥିବା ସେ ପ୍ରକାଶ କରିଥିଲେ।

# ମାଫିଆଙ୍କ କବ୍‌ଜାରେ ସଂରକ୍ଷିତ ଜଙ୍ଗଲ ଜମି

**ଅନ୍ୟ ବ୍ୟକ୍ତିକୁ ବିକ୍ରି ଓ ଭଡ଼ା ଦେବା ନେଇ ସରକାରଙ୍କଠାରେ ଅଭିଯୋଗ**



**ବୈଶିଙ୍ଗା,୨୮।୧୧ (ସଂଚାର ବ୍ୟୁରୋ):** ଅସନ୍ତୁଳିତ ପରିବେଶ କୁ ରକ୍ଷା କରିବା ପାଇଁ ସରକାରଙ୍କ କେତେ କେତେ ଯୋଜନା କରାଯାଉଛି ଏବଂ ଏଥିପାଇଁ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। ନୂତନ ଜଙ୍ଗଲ ସୃଷ୍ଟି କରିବା, ଧ୍ୱଂସ ତଥା ଅବହେଳିତ ଜଙ୍ଗଲକୁ ରକ୍ଷାକରିବା, ଖାଲି ପଡ଼ିଥିବା ଜଙ୍ଗଲ ଜମିରେ ନୂତନ ଚାରା ରୋପଣ କରି ଦିନ ମଜୁରୀଆଙ୍କୁ ସାଧନ ଯୋଗାଇବା ଦ୍ୱାରା କର୍ମ ସଂସ୍ଥାନ ବଢ଼ିବା ସାଙ୍ଗକୁ ବେରୋଜଗାର ଦୂର ହେବା ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇ ପାରୁଛି। ଯଦ୍ୱାରା ପରିବେଶ ପ୍ରଦୂଷଣରୁ ମୁକ୍ତ ହୋଇ ପାରିବ। ମାତ୍ର କିଛି ମାଫିଆଙ୍କ ଦ୍ୱାରା ଜଙ୍ଗଲ ଜମି ନିଜ ଅକ୍ତିଆରକୁ ନେଇ ସେଥିରେ ଅଟ୍ଟାଳିକା, ପାର୍କ, ବ୍ୟବସାୟ ପେଣ୍ଠ ଆଦି ତିଆରି କରିବା ଦ୍ୱାରା ଜଙ୍ଗଲ ସୃଷ୍ଟିରେ ବାଧା ଉପୁଜୁଛି।

ଏଭଳି କିଛି ଘଟଣା ବୈଶିଙ୍ଗା ବନାଞ୍ଚଳ ଅଧିନରେ ଥିବା ରଙ୍ଗାମାଟିଆ ସଂରକ୍ଷିତ ଜଙ୍ଗଲରେ ଘଟିଥିବା ଘଟଣାକୁ ନେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀ, ବେତନଟୀ ରେଞ୍ଜ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରଙ୍ଗାମାଟିଆ ମୌଜା ଏବଂ ବୈଶିଙ୍ଗା ଗ୍ରାମ୍ୟ ଜଙ୍ଗଲରେ ମଧ ଜବରଦଖଲକାରୀ ମାନେ ପୁରା ଜନବସତି ସୃଷ୍ଟି କରିଦେଇଛନ୍ତି। ଏହା ଦ୍ୱାରା ଜଙ୍ଗଲ ଜମି ଧିରେ ଧିରେ ନଷ୍ଟ ହୋଇ ଚାଲିଛି। ଏହାକୁ ରୋକା ନ ଗଲେ ଅନ୍ୟ ବ୍ୟକ୍ତିବିଶେଷ ମଧ ଜଙ୍ଗଲ ଜମି ଜବର ଦଖଲ କରିବାକୁ ଅପଚେଷ୍ଟା କରି ପାରନ୍ତି।ଆହୁରି ଅନେକ ସମାଜସେବୀ ମଧ ଏହାକୁ ବିରୋଧ କରି ଜଙ୍ଗଲ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବାର ଜଣାଯାଇଛି। ଆମ୍ଭ ପ୍ରତିନିଧି ଏହି ଅଭିଯୋଗ ପାଇବାପରେ ରେଞ୍ଜ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ସେ କହିଲେ 'ଗ୍ରାମବାସୀଙ୍କ ଅଭିଯୋଗ ମିଳିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି'। ତେବେ ତଦନ୍ତ ପରେ ଏହାର କାର୍ଯ୍ୟାନୁଷ୍ଠାନ କଣ ଗ୍ରହଣ କରାଯାଇଛି ତାର ଉତ୍ତର ମିଳିନାହିଁ।










# ମୁହଁ ମେକ୍ଅପ୍

ମୁହଁ ବ୍ୟକ୍ତିତ୍ୱର ଦର୍ପଣ। ଏହା ମନର ଭାବ ପରିପ୍ରକାଶ କରେ। ଅସୁନ୍ଦରୀ ଝିଅ ହେଉ ବା ସୁନ୍ଦରୀ, ଆହୁରି ଅଧିକ ସୁନ୍ଦର ଦେଖାଯିବାକୁ ସମସ୍ତଙ୍କ ମନ। ଏଥିପାଇଁ ଝିଅମାନେ ସବୁବେଳେ ଦର୍ପଣ ଆଗରେ ଲାଖି ରହି ସଜେଇ ହେଉଥାନ୍ତି। ଯେତେ ସଜେଇ ହୋଇ ସୁନ୍ଦର ଦେଖାଗଲା ପରେ ସେମାନେ ଚାହାନ୍ତି ଆହୁରି ସୁନ୍ଦର ଦେଖା ହେବା ପାଇଁ। ସେମିତି ହେବ କେମିତି ?

**ମୁହଁର ମେକ୍ଅପ୍:** ପ୍ରଥମେ ମୁହଁକୁ ସଜାଇବା ପୂର୍ବରୁ ହାତକୁ ଭଲ ଭାବେ ଧୋଇ ଦିଅନ୍ତୁ। ତୁଳାରେ କିଛି କ୍ଲିନ୍‌ଜିଙ୍ଗ୍ ମିଲ୍କ ନେଇ ମୁହଁ ସଫା କରି ଦିଅନ୍ତୁ। ଯଦି ଆପଣଙ୍କ ମୁହଁରେ ବ୍ରଣ ହେଉଥାଏ ତା'ହେଲେ ଆପଣ ଆଣ୍ଟି ବେକ୍ଟେରିଆଲ୍ ସାବୁନ୍ ବ୍ୟବହାର କରନ୍ତୁ। ଏହାପରେ ଆପଣ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ଓ ଏକ ପରିଷ୍କାର ଟାୱେଲ ସାହାଯ୍ୟରେ ମୁହଁ ପୋଛି ହୁଅନ୍ତୁ। ମୁହଁକୁ ଭଲ ଭାବେ ଶୁଖାଇ ତୁଳାରେ କିଛି ଟୋନ୍‌ର ନେଇ ମୁହଁରେ ଲଗାଇ ଦିଅନ୍ତୁ। ଏବେ ମଶ୍ଚରାଇଜର୍ ଲଗାଇ ୩ରୁ ୪ ମିନିଟ୍ ପର୍ଯ୍ୟନ୍ତ ମସାଜ କରନ୍ତୁ କିନ୍ତୁ ମନେ ରଖନ୍ତୁ ଏହାକୁ ଆଖି ଠାରୁ ଦୂରରେ ରଖିବେ। ମସାଜ୍ କରି ସାରିବା ପରେ ୧୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ ଯେପରି ମଶ୍ଚରାଇଜର ଆପଣଙ୍କ ମୁହଁରେ ଠିକ୍ ଭାବେ ଲାଗିଯିବ। ଆପଣଙ୍କ ଚର୍ମର ରଙ୍ଗ ଅନୁସାରେ ଏବେ ଫାଉଣ୍ଡେସନ ଲଗାନ୍ତୁ। ଫାଉଣ୍ଡେସନକୁ ଭଲ ସ୍ପଞ୍ଜ ନଚେତ୍ ବ୍ରସ୍ ମାଧ୍ୟମରେ ଲଗାନ୍ତୁ।

**ଆଖିର ମେକ୍ଅପ୍:** ମୁହଁର ସୌନ୍ଦର୍ଯ୍ୟ ଆଖି ବଢ଼ାଇଥାଏ। ସେଥିପାଇଁ ଆପଣ ମୁହଁର ମେକ୍ଅପ୍ କଲାବେଳେ ଆଖିର ମେକ୍ଅପ୍ କରିବା ନିହାତି ଜରୁରୀ। ପ୍ରଥମେ ଆଖିପତା ତଳକୁ ଆଖିରେ କିଛି ପାଉଡ଼ର ଲଗାନ୍ତୁ। ଆଇବ୍ରୋ ପେନ୍‌ସିଲ ଦ୍ୱାରା ଆଖିପତାକୁ ଭଲ ଆକାର ଦିଅନ୍ତୁ। ଏହାପରେ ଆଖିରେ କାଜଲ୍ ଓ ଆଇ ଲାଇନ୍‌ର ଲଗାନ୍ତୁ, ଆପଣ ଆପଣଙ୍କ ଆଖିର ଗଠନ ଦେଖି ଲାଇନ ଲଗାନ୍ତୁ। ଯଦି ମୋଟ ଦରକାର ମୋଟ ଲଗାନ୍ତୁ ନଚେତ୍ ପତଳା ଆକାରରେ ଲଗାନ୍ତୁ। ହାଲ୍‌କା ରଙ୍ଗର ଆଇ ସେଡୋ ଲଗାନ୍ତୁ।

**ଓଠର ମେକ୍ଅପ୍:** ମୁହଁର ସୌନ୍ଦର୍ଯ୍ୟ ବଢ଼ାଇବାରେ ଓଠର ମେକ୍ଅପ୍ ନିହାତି ଜୁରିରୀ। ଓଠର ମେକ୍ଅପ୍ ନେବା ପୂର୍ବରୁ ପ୍ରଥମେ ଓଠରେ କିଛି ଲିପ୍ ବାମ୍ ଲଗାନ୍ତୁ। କିଛି ସମୟ ପରେ ଟିସୁ ପେପର ମାଧ୍ୟମରେ ଏହାକୁ ବାହାର କରି ଦିଅନ୍ତୁ। ଏହାପରେ ଲିପ୍ ଲାଇନର ଲଗାନ୍ତୁ। ଏହାଦ୍ୱାରା ଆପଣ ଓଠର ଆକାର ଜାଣିପାରିବେ। ଲାଇନ୍‌ର ଲଗାଇବା ସମୟରେ ଏହା ଯେପରି ବାହାରକୁ ବାହାରି ନଆସେ। ଆପଣଙ୍କ ପସନ୍ଦର ଲିପ୍‌ଷ୍ଟିକ୍ ଲଗାନ୍ତୁ, ଲିପ୍‌ଷ୍ଟିକ୍ ଲଗାଇ ସାରିବା ପରେ ଏବେ ଲିପ୍‌ଗ୍ଲସ୍ ବା ଲିପ୍ ଜେଲ ଲଗାନ୍ତୁ। ଏହା ଆପଣଙ୍କ ଓଠକୁ ଅଧିକ ସାଇନିଙ୍ଗ୍ କରିଥାଏ।

ଅସଲ କଥା ହେଉଛି ମୁହଁ ହିଁ ଜଣଙ୍କର ଅନେକ କିଛି ପରିଚୟ ହେଉ ବା ବ୍ୟକ୍ତିତ୍ୱ ସବୁକିଛିର ଭାବନାକୁ ପ୍ରତିଫଳିତ କରିଥାଏ। ତେଣୁ ମୁହଁ ମେକ୍ଅପ୍ କ୍ଷେତ୍ରରେ ଆଦୌ କମ୍ପ୍ରୋମାଇଜ କରନ୍ତୁ ନାହିଁ। ସୋସିଆଲ ମିଡ଼ିଆରୁ ଦେଖି, ଭଲ ଭାବେ ନ ବୁଝି ମୁହଁ ମେକ୍ଅପ ସାମଗ୍ରୀ ବ୍ୟବହାର କରନ୍ତୁ ନାହିଁ, ଏହା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ।

ଅପର୍ଣ୍ଣା ନାୟକ
ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ
ଡିପାର୍ଟମେଣ୍ଟାଲ ଷ୍ଟୋର
ନୂଆଦିଲ୍ଲୀ, ପିନ-୧୧୦୦୪୬

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର



ଶୀତ ତ ଦିନକୁ ଦିନ ବଢ଼ିଲାଣି। ସେ ଦିନ କୁହୁଡ଼ି ଭରା ଶୀତୁଆ ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି। ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ। ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି। ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ। କାରଣ ବାସ୍ତବ କଥା ହେଉଛି ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ। ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାର୍ଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ। ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ। ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ। ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ ଶକ୍ତି ସମ୍ପନ୍ନ ମନେହୁଏ। ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ। ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ। ଆଗରୁ ଭରପୁର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ। କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ। ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ। କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ। ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ।

ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ। ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ। ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ। ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ। ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ। ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସମ୍ପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ। ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ। ଚିତ୍ର ଆଙ୍କିବା, ବହି ପଢ଼ିବା କି ସଙ୍ଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ। ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ। ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ। ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ**

# କାନ ପାଇଁ ମୁଣ୍ଡବିନ୍ଧା



ଶୀତ ବଢ଼ିଲାଣି, ଶୀତର ପ୍ରକୋପରେ ଅନେକଙ୍କର କାନବିନ୍ଧା ସମସ୍ୟା ଦେଖାଦେଇଥାଏ। ବିଶେଷକରି କାନ ପାଇଁ ମୁଣ୍ଡବିନ୍ଧା ଏକ ଅନ୍ୟତମ ଯନ୍ତ୍ରଣାଦାୟକ ଅନୁଭୂତି। କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ। ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ। ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ। ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା। ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି। କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି। ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ। କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି। ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ। ଫଳରେ ମୁଣ୍ଡ ବୁଲାଇଥାଏ। କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ। ଏହାପରେ କାନକୁ ଭଲ ଶୁଣାଯାଏନା। କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ। ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ। ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ। ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ। କାନ କୁଣ୍ଡାଇହୁଏ। ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ। ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ। ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ। ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ଶୀତ ଦିନେ ରୁମ ହିଟର ବ୍ୟବହାର



ଏବେ ଶୀତର ପ୍ରକୋପ ବଢ଼ିଛି। ପ୍ରାୟତଃ ଶୀତ ଦିନେ ଥଣ୍ଡାରୁ ଆରମ ପାଇବା ପାଇଁ ଅନେକ ଲୋକ ରୁମ ହିଟର ବ୍ୟବହାର କରିଥାନ୍ତି। ସେମାନଙ୍କ ଭିତରୁ ଅଧିକାଂଶ ଅଛନ୍ତି ଯେଉଁମାନେ ଘଣ୍ଟା ଘଣ୍ଟା ଧରି ରୁମ ହିଟର ବ୍ୟବହାରରେ ଅଭ୍ୟସ୍ତ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଦୀର୍ଘ ସମୟର ବନ୍ଦ ରୁମ ଭିତରେ ହିଟର ବ୍ୟବହାର ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ। ଏକ ସ୍ୱାସ୍ଥ୍ୟ ଭିତ୍ତିକ ଅଧ୍ୟୟନର ରିପୋର୍ଟ ମୁତାବକ ଅଧିକ ସମୟ ଧରି ରୁମ ହିଟର ବ୍ୟବହାର ଦ୍ୱାରା ମସ୍ତିଷ୍କ ସହ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରଭାବିତ ହୋଇଥାଏ। ତେବେ ବଡ଼କଥା ହେଉଛି ଏହା ଜଣଙ୍କର ଶାରୀରିକ ଅଭିବୃଦ୍ଧି, ପାଚନ ପ୍ରକ୍ରିୟା, ନିଦ୍ରା ବ୍ୟବସ୍ଥା ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ। ରୁମ ହିଟର ଚଳାଇବା ଦ୍ୱାରା କୋଠରୀରେ ଅମ୍ଳଜାନ ମାତ୍ରା ହ୍ରାସ ପାଏ। ମସ୍ତିଷ୍କକୁ ସଠିକ ମାତ୍ରାର ଅମ୍ଳଜାନ ମିଳିପାରୁ ନଥିବାରୁ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଥକ୍କାପଣ ଆଦି ସମସ୍ୟା ହୋଇଥାଏ। ହୃଦଘାତର କାରଣ ହୋଇପାରେ। ଦୀର୍ଘ ସମୟ ଧରି ଅମ୍ଳଜାନ କମ ଯୋଗୁଁ ମସ୍ତିଷ୍କର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇପାରେ। ସ୍ମୃତିଶକ୍ତି ହ୍ରାସ ପାଇବା ସହ ନିର୍ଣ୍ଣୟ ନେବା କ୍ଷମତା ଉପରେ ପ୍ରଭାବ ପଡ଼େ। ତ୍ୱଚା ଏବଂ ଦୃଷ୍ଟିଶକ୍ତି ଉପରେ ଏହା ପ୍ରଭାବ ପକାଇଥାଏ। ରୁମ ହିଟର ଜଳାଇବା ଦ୍ୱାରା କୋଠରୀର ଆର୍ଦ୍ରତା ନିୟନ୍ତ୍ରଣରେ ରହେନାହିଁ। ଏହାଦ୍ୱାରା ଚର୍ମକୁ କ୍ଷତି ପହଞ୍ଚିଥାଏ। ରୁମକୁ ଉଷୁମ ରଖିବା ପାଇଁ ଆବଶ୍ୟକୀୟ ପ୍ରାକୃତିକ ବ୍ୟବସ୍ଥା ଆପଣାନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଭଲ।

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**
କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

